R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୮୮
ତିଥି : ପ୍ରତିପଦ
୨୫ ଜୁଲାଇ ୨୦୨୫, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 288
25 July 2025, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ରାଜିନାମା

ନୂଆଦିଲ୍ଲୀ, ୨୪।୭ : ଭାରତ ଓ ବ୍ରିଟେନ୍ ମଧ୍ୟରେ ଐତିହାସିକ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ସ୍ୱାକ୍ଷର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ବ୍ରିଟେନ ଗସ୍ତରେ ଅଛନ୍ତି। ଏହି ଚୁକ୍ତିନାମାରେ ବାଣିଜ୍ୟ ମନ୍ତ୍ରୀ ପିୟୂଷ ଗୋଏଲ ଓ ବ୍ରିଟେନ୍ ପକ୍ଷରୁ ଜୋନାଥନ୍ ରେନଲ୍ଡ ସ୍ୱାକ୍ଷର କରିଛନ୍ତି। ପ୍ରାୟ ୩ ବର୍ଷ ଲାଗି ଏହି ବୁଝାମଣା ଜାରି ରହିବ। ଉଭୟ ଦେଶ ମଧ୍ୟରେ ପ୍ରାୟ ବାର୍ଷିକ ୩୪ ବିଲିୟନ୍ ଡଲାର ବାଣିଜ୍ୟ କାରବାର ହେବ।



- ଦ୍ୱିପାକ୍ଷିକ ବ୍ୟବସାୟ ବାର୍ଷିକ ୩୪ ବିଲିୟନ ଡଲାର ହେବ
- ଉଭୟ ଦେଶକୁ ମିଳିବ ବେଶ୍ ବଡ ଫାଇଦା
- ୨୬ ବ୍ରିଟେନ୍ କମ୍ପାନୀ ଭାରତରେ ବ୍ୟବସାୟ କରିବେ
- ଭାରତୀୟଙ୍କ ପାଇଁ ସହଜରେ ଉପଲବ୍ଧ ହେବ ବ୍ରିଟିଶ ସାମଗ୍ରୀ

ଏହି ଚୁକ୍ତି ଫଳରେ ଭାରତକୁ ଉଲ୍ଲେଖନୀୟ ସୁବିଧା ମିଳିବ। ଏଥିରେ ଅଭିବୃଦ୍ଧି, ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ଭାରତର ବହୁ କ୍ଷେତ୍ରରେ ସୃଷ୍ଟି ହୋଇପାରିବ। ଏଫ୍‌ଟିଏର ସୁବିଧା ଯୁବକମାନଙ୍କୁ ସେମାନଙ୍କ ବୃତ୍ତିଗତ କ୍ୟାରିୟର ଗଠନରେ ବେଶ୍ ସାହାଯ୍ୟ କରିବ। ଆଇଟି, ଆର୍ଥିକ ସେବା, ବୃତ୍ତିଗତ ସେବା, ମ୍ୟାନେଜମେଣ୍ଟ କନସଲଟାନ୍ସି, ସ୍ଥପତି, ଇଞ୍ଜିନିୟରିଂ ଆଦି କ୍ଷେତ୍ରରେ ବେଶ୍ ସହାୟତା ଯୋଗାଇବ। ଏହାଛଡା ଯୁବ ଉଦ୍ୟୋଗୀମାନଙ୍କୁ (୯ ପୃଷ୍ଠାରେ)

## ଋଷ୍ ବିମାନ ଦୁର୍ଘଟଣାରେ ୫୦ ମୃତ

ନୂଆଦିଲ୍ଲୀ, ୨୪।୭ : ଋଷର ଆଙ୍ଗ୍ରା ଏୟାର ଲାଇନ୍ସର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉଡାଣ ପରେ ନିଖୋଜ ହୋଇଯାଇଥିବା ଋଷ୍‌ର ଏହି ଯାତ୍ରୀବାହୀ ବିମାନଟି ଧ୍ୱଂଶ ପାଇଛି। ଏଥିରେ ଯାତ୍ରୀଙ୍କୁ ମିଶାଇ ସମସ୍ତ କ୍ରୟୁ ସଦସ୍ୟ ମୋଟ୍ ୫୦ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ବିମାନଟି ଋଷର ପୂର୍ବ ପ୍ରାନ୍ତରୁ ଅନେକ ଦୂର ଚାଇନା ସୀମାନ୍ତରେ ଦୁର୍ଘଟଣାଗ୍ରସ୍ତ ହେବାପରେ ଜଳି ଯାଇଥିବା ସୂଚନା ମିଳିଛି।

ସାଇବେରିଆ ସ୍ଥିତ ଏୟାରଲାଇନ ଆଙ୍ଗ୍ରା ଏଏନ୍-୨୪ ବିମାନଟି ହଠାତ୍ ନିଖୋଜ ହୋଇଯାଇଥିଲା। ଏହାପରେ ସ୍ୱତନ୍ତ୍ର ଟିମ୍ ଠାବ କରିବାକୁ ବାହାରିଥିଲେ। ଉଦ୍ଧାରକାରୀ ଟିମ୍ ବିମାନର ମୁଖ୍ୟ ଭାଗର ପୋଡା ଅଂଶକୁ ଠାବ କରିଛନ୍ତି। ସେମାନଙ୍କ ଆକଳନ ଅନୁଯାୟୀ ସବୁ ଯାତ୍ରୀଙ୍କର ମୃତ୍ୟୁ ହୋଇଛି। ବିମାନଟି ନିଜର ଗନ୍ତବ୍ୟସ୍ଥଳ ଅମୌର ରିଜନର ଟୟଣ୍ଡା ସହରକୁ ଯାଉଥିବାବେଳେ ହଠାତ୍ ନିଖୋଜ ହୋଇଯାଇଥିଲା। ର୍‍ୟାଡରରୁ ବାହାରିବା ପରେ ଏହାର କୌଣସି ପତ୍ତା ମିଳିନଥିଲା। ବିମାନକୁ ଠାବ କରିବା ପାଇଁ ସମସ୍ତ ଆବଶ୍ୟକୀୟ ଫୋର୍ସ ଲଗାଯାଇଥିଲା। ପ୍ରାରମ୍ଭିକ ଆକଳନ ଅନୁଯାୟୀ ଜରୁରୀକାଳିନ



- ଉଡାଣ ପରେ ନିଖୋଜ ହୋଇଯାଇଥିଲା ବିମାନ
- ମୃତକଙ୍କ ମଧ୍ୟରେ ଅଛନ୍ତି ୫ ଶିଶୁ, ୬ କ୍ରୁ ସଦସ୍ୟ

ସେବାରେ କେହି ବଞ୍ଚିଥିବା ଜଣାପଡୁନାହିଁ। ଏଥିରେ ୪୩ ଜଣ ଯାତ୍ରୀ ଥିଲେ, ସେମାନଙ୍କ ମଧ୍ୟରୁ ୫ ଜଣ ଶିଶୁ ରହିଥିଲେ ଓ ୬ କ୍ରୁ ସଦସ୍ୟ ରହିଛନ୍ତି। ଏକ ଅପରାଧିକ ମାମଲା ରୁଜୁ କରାଯାଇଛି। କମ୍ ଦୃଶ୍ୟମାନ ଯୋଗୁ ଏଭଳି ଘଟିଥିବା ଆଶଙ୍କା କରାଯାଉଛି।

## ୨୮ ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୪।୭ (ସବ୍ୟୁ) : ଆସନ୍ତା ସୋମବାର ଜୁଲାଇ ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ସେଦିନ ସକାଳ ୮ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଜୁଲାଇ ୨୫ ତାରିଖ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ।

ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡିଶା ଆଦିବାସୀ ମହାସଂଘ

## ସାମୂହିକ କଲ୍ୟାଣ ପାଇଁ ବିଭିନ୍ନ ପ୍ରସ୍ତାବ

ଭୁବନେଶ୍ୱର, ୨୪।୭ (ସବ୍ୟୁ) : ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଦିବାସୀ ମହାସଂଘ, ଓଡିଶାର କର୍ମକର୍ତ୍ତା ଓ ସଦସ୍ୟ ମାନେ ଭେଟି ଆଦିବାସୀ ମାନଙ୍କ ବିଭିନ୍ନ ସମସ୍ୟା ଓ ସାମୂହିକ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଦିବାସୀ ମାନଙ୍କ ସର୍ବାଙ୍ଗୀନ ବିକାଶ ଆମ ସରକାରର ପ୍ରାଥମିକତା ରହିଛି। ପ୍ରଧାନମନ୍ତ୍ରୀ



ଉଲ୍ଲେଖ କରିଥିବା ସମାଜର ୪ଟି ବର୍ଗଙ୍କ ଭିତରେ ପ୍ରଥମରେ ଥିବା ଗରିବଙ୍କ ଭିତରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଅଛନ୍ତି। ମାନନୀୟ ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆମ ସରକାର ମଧ୍ୟ ଆଦିବାସୀ ମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଜୀବନ ଜୀବିକା ସହିତ ସେମାନଙ୍କ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଆଦିବାସୀ ଅଞ୍ଚଳ ଗୁଡିକର ସାମଗ୍ରିକ ବିକାଶ ପାଇଁ ଖୁବଶୀଘ୍ର ଉତ୍ତର ଓଡିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ (୯ ପୃଷ୍ଠାରେ)

## ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨୪।୭ (ସବ୍ୟୁ) : ଆଇଏଏସ୍ ସ୍ତରରେ ଆଜି ପୁଣି ଏକ ଅଦଳ ବଦଳ ହୋଇଛି। ନିକଟରେ ୪୮ ଆଇଏଏସ୍ ଅଫିସରଙ୍କର ଅଦଳ ବଦଳ କରାଯାଇଥିଲା। ଆଜି ପୁଣି ୧୩ ଆଇଏଏସ୍‌ଙ୍କୁ ନୂଆ ନିଯୁକ୍ତି ମିଳିଛି।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଆଇଏଏସ୍ ଅଫିସର ପ୍ରଭାକର ପାଟିଲଙ୍କୁ ସମବାୟ ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ମିଳିଛି। ସେହିଭଳି ଡ. ବିଜୟ କେତନ ଉପାଧ୍ୟାୟଙ୍କୁ ତାଙ୍କ ମୂଳ ଦାୟିତ୍ୱ ସହ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିଭଳି ସମର୍ଥ ବର୍ମାଙ୍କୁ ଲଘୁ ଖଣିଜ ଦ୍ରବ୍ୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଦୀପଙ୍କର ମହାପାତ୍ରଙ୍କୁ ହକି ପ୍ରମୋସନ୍ କାଉନସିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ଦ୍ୱିତୀୟ

### ୧୩ ଆଇଏଏସ୍‌ଙ୍କୁ ନୂଆ ଦାୟିତ୍ୱ

### ବଦଳିଲେ ୩୪ ଡିଏଫ୍‌ଓ

ପର୍ଯ୍ୟାୟ ପ୍ରଶିକ୍ଷଣରୁ ଫେରିଥିବା ପି ଅଗ୍ରୱାଲାଙ୍କୁ ଧର୍ମଗଡର ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଥିବାବେଳେ ପ୍ରଣିତା ଦାସଙ୍କୁ ବାଲିଗୁଡା ଉପଜିଲ୍ଲାପାଳ, କସ୍ତୁରୀ ପଣ୍ଡାଙ୍କୁ କରଞ୍ଜିଆ ଉପଜିଲ୍ଲାପାଳ, ଅଭିଶେଖ ଦିଲ୍ଲୀପ (୯ ପୃଷ୍ଠାରେ)

### ବିହାରରେ ଏସ୍‌ଆଇଆର୍‌କୁ ନେଇ ଚାଲିପାରୁନି ସଂସଦ

## ସଂସଦରେ ଆଲୋଚନାକୁ କେନ୍ଦ୍ରର ନା’

ନୂଆଦିଲ୍ଲୀ, ୨୪।୭ : ବିହାରରେ ଚାଲିଥିବା ଭୋଟର ସଂଶୋଧନ ତାଲିକାକୁ ବିରୋଧ କରି ସଂସଦରେ ଚତୁର୍ଥ ଦିନ ଲାଗି ମଧ୍ୟ ଅଚଳାବସ୍ଥା ସୃଷ୍ଟି ହୋଇଛି। ଉଭୟ ଲୋକସଭା ଓ ରାଜ୍ୟସଭାର ବିରୋଧୀ ସଦସ୍ୟମାନେ ପ୍ରତିବାଦ କରିବା ସହ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ୍‌କୁ ବିହାରରେ ପ୍ରତ୍ୟାହାର କରିନେବାପାଇଁ ଦାବି କରାଯାଇଛି।



ତେବେ ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସସଦରେ ଏନେଇ କୌଣସି ଆଲେଚାନା ହେବନାହିଁ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ନିର୍ବାଚନ ହେବାକୁ ଥିବା ବିହାରରେ ଏସ୍‌ଆଇଆରକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିରୋଧୀ ସଦସ୍ୟମାନେ ଲଗାତର ୩ ଦିନ ଧରି ଏହି ପ୍ରସଙ୍ଗରେ ହଟ୍ଟଗୋଳ ଜାରି ରଖିଛନ୍ତି। ଆଜି ଲୋକସଭା କିଛି ସମୟ ଚାଲିବା ପରେ ଏହାକୁ ମୁଲତବୀ କରାଯାଇଥିଲା। ଅଧିବେଶନ ଆରମ୍ଭ ହେବାମାତ୍ରେ ବିରୋଧୀ ସଦସ୍ୟମାନେ ଏସ୍‌ଆଇଆରକୁ ଫେରାଇ ନେବାପାଇଁ ଦାବି କରିଥିଲେ। ରାଜ୍ୟସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଫଳରେ ଉଭୟ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ (୯ ପୃଷ୍ଠାରେ)

## ମହାନଦୀ ଜଳ ବିବାଦ ସମ୍ପର୍କରେ ନବୀନଙ୍କ ପ୍ରଶ୍ନ

ଭୁବନେଶ୍ୱର, ୨୪।୭ (ସବ୍ୟୁ) : ଛତିଶଗଡ ସହ ମହାନଦୀ ଜଳ ବିବାଦ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କିଛି ପ୍ରଶ୍ନ ପଚାରିଛନ୍ତି। ଏ ସମ୍ପର୍କରେ ଲୋକ ଜାଣିବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଛନ୍ତି। ନବୀନ ଦର୍ଶାଇଛନ୍ତି ଯେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ମହାନଦୀ ଜଳ ବିବାଦ ନେଇ ଉଭୟ ପକ୍ଷ ମଧ୍ୟରେ ଆଲୋଚନାକୁ (୯ ପୃଷ୍ଠାରେ)

### ଅଧିକ ଘନୀଭୂତ ହେଉଛି ଲଘୁଚାପ

## ଆଜି ମୟୂରଭଞ୍ଜ, କେନ୍ଦୁଝରରେ ଭୀଷଣ ବର୍ଷା

ଭୁବନେଶ୍ୱର, ୨୪।୭ (ସବ୍ୟୁ) : ରାଜ୍ୟର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ଜାରି ରହିଛି। ବଙ୍ଗୋପସାଗରରେ ସକ୍ରୀୟ ରହିଛି ଲଘୁଚାପ। ଆସନ୍ତା ୨୪ ଘଣ୍ଟାରେ ଆହୁରି ଅଧିକ ଘନୀଭୂତ ହୋଇ ସ୍ପଷ୍ଟ ଚିହ୍ନିତ ଲଘୁଚାପ ରୂପ ନେବ। ଏହା ପ୍ରଭାବରେ ଶୁକ୍ରବାର ଠାରୁ ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବା ଯୋଗୁଁ ମତ୍ସ୍ୟଜୀବୀମାନଙ୍କ ପାଇଁ ଏହା ମଧ୍ୟକୁ ପ୍ରବେଶ ନକରିବାକୁ ପରାମର୍ଶ ଦିଆଯାଇଛି।

ପାଣିପାଗ ବିଭାଗର କହିବାନୁସାରେ, ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତାକାଲି (ଶୁକ୍ରବାର) ଠାରୁ ବର୍ଷିବ। ମାଲକାନଗିରି ଓ କେନ୍ଦୁଝର ଜିଲ୍ଲାକୁ ଭୀଷଣ ବର୍ଷା ନେଇ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏପରିକି ଏହି ଦୁଇ ଜିଲ୍ଲାରେ ବନ୍ୟାସ୍ଥିତି ଉପୁଜିପାରେ।

ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ସୁନ୍ଦରଗଡ଼ ଜିଲ୍ଲାର (୯ ପୃଷ୍ଠାରେ)

## ୨୩ ପୁଞ୍ଜି ନିବେଶ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

ଭୁବନେଶ୍ୱର, ୨୪।୭ (ସବ୍ୟୁ) : ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ( ଏ ସ ଏ ଲ ଏ ସ ଡ ବ୍ଲୁ ୟସି ଏ ) ବୈଠକରେ ୨୩ ନୂଆ ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ୧୨ ଜିଲ୍ଲାରେ ପ୍ରତିଷ୍ଠା ହେବାକୁ ଥିବା ଏହି ଶିଳ୍ପରେ ୪୯୮୨.୬୬ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ ଓ ୧୧୯୩୩ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏସଏଲ୍‌ଏସ୍‌ଡବ୍ଲ୍ୟୁସିଏର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବୟନ ଓ ପୋଷାକପତ୍ର, ଇସ୍ପାତ ଓ ଆନୁଷଙ୍ଗିକ ଶିଳ୍ପ, ଖାଦ୍ୟ ଓ ପାନୀୟ, କେମିକାଲ୍ସ, ଔଷଧ, ଶକ୍ତି ଓ ଅକ୍ଷୟଶକ୍ତି, ଆଇଟି ଏବଂ ଆଇଟିଇଏସ୍, ପର୍ଯ୍ୟଟନ, ଏରୋସ୍ପେସ୍ ଓ ପ୍ରତିରକ୍ଷା ଆଦି କେତେକ ଶିଳ୍ପକୁ ମଞ୍ଜୁରୀ ମିଳିଛି।

- ବିନିଯୋଗ ହେବ ୪୯୮୨.୬୬ କୋଟି
- ୧୧୯୩୩ ନିଯୁକ୍ତି ସୁଯୋଗ ସୃଷ୍ଟି

ମୁଖ୍ୟମନ୍ତ୍ରୀଙ୍କ ୨୦୩୬ ବିକଶିତ ଓଡ଼ିଶା ଲକ୍ଷ୍ୟରେ ଏହି କାର୍ଯ୍ୟ କରାଯାଉଛି। ଏହି ନିବେଶ ପ୍ରସ୍ତାବଗୁଡ଼ିକ ମଧ୍ୟରେ ଲୁମିନସ୍ ପାୱାର ଟେକ୍ନୋଲୋଜି ପକ୍ଷରୁ ଗୋପାଳପୁରରେ ସୋଲାର ସେଲ୍ ଓ ସୋଲାର ଫଟୋ ଭୋଲଟେଜ୍ ମଡ୍ୟୁଲ ଉତ୍ପାଦନ କେନ୍ଦ୍ର ସ୍ଥାପନ ହେବ। ଏଥିରେ ୯୫୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ। ପ୍ରାୟ ୧୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାଛଡା ଖୋର୍ଦ୍ଧା ଜିଲ୍ଲାରେ ପୋଷାକପତ୍ର ଓ ବୟନ ଶିଳ୍ପ ୩୫୦ କୋଟି ଟଙ୍କାରେ ପ୍ରତିଷ୍ଠା ହେବ ଓ ୫୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସୁନ୍ଦରଗଡରେ (୯ ପୃଷ୍ଠାରେ)

## ୨୦ ଘଣ୍ଟାର ଅପରେସନ ପରେ ଉଦ୍ଧାର ହେଲେ ୧୭ ପର୍ଯ୍ୟଟକ

ପଦ୍ମପୁର, ୨୪।୭ (ସବ୍ୟୁ): ବୁଧବାର ସନ୍ଧ୍ୟା ପ୍ରାୟ ୮ଟା ସମୟରେ ଛତିଶଗଡ଼ ରାଜ୍ୟର ୧୭ ଜଣ ପର୍ଯ୍ୟଟକ ଗନ୍ଧମାର୍ଦ୍ଦନରେ ଫସି ରହିଥିବା ଖବର ଆସିଥିଲା। ଖବର ପାଇ ପର୍ଯ୍ୟଟକ ମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରଶାସନ ତରଫରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବନ ବିଭାଗ, ଅଗ୍ନିଶମ ବିଭାଗ, ସ୍ଥାନୀୟ ପୋଲିସ ଏବଂ ଡିଭିଏଫ୍ ପ୍ଲାଟୁନର ୪୦ ଜଣିଆ ଟିମ୍ ନିଖୋଜ ପର୍ଯ୍ୟଟକ ମାନଙ୍କୁ ସନ୍ଧାନରେ ଗନ୍ଧମାର୍ଦ୍ଦନକୁ ପ୍ରବେଶ କରି ସୁରକ୍ଷିତ ଉଦ୍ଧାର କରାଯାଇଥିଲା।

ଗୁରୁବାର ଅପରାହ୍ନ ପ୍ରାୟ ୩ଟା




ସମୟରେ ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିଲା। ସେମାନଙ୍କ ମଧ୍ୟରେ ଜଣେ ଅନ୍ଧ ଥିବାରୁ ଷ୍ଟ୍ରେଚରରେ ବୋହି ଅଣାଯାଇଥିଲା। ମିଳିଥିବା ସୂଚନା ଅନୁସାରେ ପର୍ଯ୍ୟଟକ ମାନେ ବୁଧବାର ଅପରାହ୍ନରେ ନୃସିଂହନାଥ ଦର୍ଶନ ସାରି ଗନ୍ଧମାର୍ଦ୍ଦନ ପାହାଡ଼ ପାରି ହୋଇ ହରିଶଙ୍କର ଧାମକୁ ଯିବା ପାଇଁ ବାହାରିଥିଲେ। ହେଲେ ଲଗାଣ ବର୍ଷା ଯୋଗୁଁ ସେମାନେ ବାଟ ବଣା ହୋଇଯାଇଥିଲେ। ପର୍ଯ୍ୟଟକ ନିଖୋଜ ଖବର ପାଇବା ପରେ ବରଗଡ ଏସପି ପ୍ରହ୍ଲାଦ ସାଇ ମୀନାଙ୍କ ନିର୍ଦ୍ଦେଶରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। (୯ ପୃଷ୍ଠାରେ)

## ଭିଶୋଇ ବାଣ୍ଟିବେ ଚିନି

ମଧ୍ୟପ୍ରଦେଶ ଗୋଟିଏ ଏଭଳି ରାଜ୍ୟ ଯେଉଁଠାରେ ବିଭିନ୍ନ ଧର୍ମ ଓ ସମୁଦାୟର ଲୋକ ବାସ କରିଥାଆନ୍ତି । ଏଠାରେ ଥିବା ବିଭିନ୍ନ ଧର୍ମର ଲୋକଙ୍କର ପରମ୍ପରା ମଧ୍ୟ ଭିନ୍ନ ହୋଇଥାଏ । ଏଠାରେ ଏଭଳି କିଛି ପୁରୁଣା ପରମ୍ପରା ରହିଛି ଯାହା ଶତାଧିକ ବର୍ଷ ପରେ ମଧ୍ୟ ପାଳନ କରାଯାଇଥାଏ । ସେହିଭଳି ଏକ ପରମ୍ପରା ମଧ୍ୟପ୍ରଦେଶର ବୁରହାନପୁରରେ ୫୦୦ ବର୍ଷ ହେବ ପାଳନ ହେଉଛି । ଏହି ପରମ୍ପରା ଅନୁସାରେ ଯଦି ଶ୍ୱଶୁରଘରେ ଶଳାର ପୁଅ ଜନ୍ମ ହୋଇଥାଏ ତେବେ ଭିଶୋଇଙ୍କୁ ଚିନି ବାଣ୍ଟିବାକୁ ହୋଇଥାଏ । ଭିଶୋଇ ଘରକୁ ଘର ବୁଲି ଚିନି ଦେଇ ସେମାନଙ୍କୁ ଭୋଜି ପାଇଁ ନିମନ୍ତ୍ରଣ କରିଥାଆନ୍ତି । ଏହି ପ୍ରଥା ପାଖାପାଖି ୫୦୦ ବର୍ଷ ହେଲା ପାଳନ ହୋଇ ଆସୁଛି । ସମସ୍ତ କୁଟୁମ୍ବ ମିଳିମିଶି ଚିନିର ଅଖା କିଣିଥାଆନ୍ତି ଯାହାପରେ ଏହି ପରମ୍ପରା ପାଳନ ହୋଇଥାଏ । ଏହାପରେ ଏକ ବଡ ଭୋଜିର ଆୟୋଜନ ହୋଇଥାଏ । ସେହିଭଳି ବଣ୍ଟାଯାଉଥିବା ଚିନିର ମାପ ମଧ୍ୟ ରହିଛି । ପ୍ରତି ଘରେ ବ୍ୟାଣ୍ଡବଜାଇ ଖୁବ ଖୁସିରେ ୨୦୦ ଗ୍ରାମର ଚିନି ବଣ୍ଟା ଯାଇଥାଏ ।



## ମ୍ୟାଗ୍ନେସିୟମ ଅଭାବର ଲକ୍ଷଣ



ଶରୀରକୁ ସୁସ୍ଥ ରଖିବାକୁ ହେଲେ ଆମକୁ ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱର ଆବଶ୍ୟକତା ପଡିଥାଏ । ଏଥିରେ ବିଭିନ୍ନ ପ୍ରକାରର ଯେପରି ପ୍ରୋଟିନ୍,ଫ୍ୟାଟ୍, ମିନେରାଲ୍ସ ଆଦି ସାମିଲ ଅଛି । ତେବେ ଏଥିରେ ସବୁଠାରୁ ଆଗରେ ରହିବ ମ୍ୟାଗ୍ନେସିୟମ । ମ୍ୟାଗ୍ନେସିୟମ ଆମ ଶରୀରରେ ହେଉଥିବା ଅନେକ ବାୟୋକେମିକାଲ୍ ପ୍ରୋସେସ୍ ପାଇଁ ଜରୁରୀ ହୋଇଥାଏ । ଏଥିରେ ଆମ ଶରୀରର ବିଭିନ୍ନ କାର୍ଯ୍ୟକଳାପ ଯେପରି ମେଟାବଲିଜିମ୍, ହାଡ ସୁସ୍ଥ ହେବା, ଖାଦ୍ୟରୁ ପ୍ରୋଟିନ୍ ଶରୀରରେ ମିଶିବା ଆଦି ସାମିଲ ରହିଛି । କେବଳ ଏତିକି ନୁହେଁ ମ୍ୟାଗ୍ନେସିୟମର ପ୍ରଭାବ ଆମର ରୋଗପ୍ରତିରୋଧକ ଶକ୍ତି ଉପରେ ମଧ୍ୟ ରହିଛି । ତେଣୁ ଏହାର ଅଭାବରେ ଆମର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ହେଲେ ଏହାକୁ ଜାଣିବା କିଭଳି, ଏହା ଏକ ବଡ ପ୍ରଶ୍ନ । ଆସନ୍ତୁ ଜାଣିବା ଏଭଳି କିଛି ଲକ୍ଷଣ ବିଷୟରେ ଯାହାଦ୍ୱାରା ଆପଣ ଜାଣିପାରିବେ ଯେ ଆପଣଙ୍କ ଶରୀରରେ ମ୍ୟାଗ୍ନେସିୟମର ଅଭାବ ରହିଛି ।

- ମ୍ୟାଗ୍ନେସିୟମ ଆମର ମାଂସପେଶୀ ପାଇଁ ବିଶେଷଭାବେ ଦରକାରୀ ହୋଇଥାଏ । ଏହାର ଅଭାବରେ ମାଂସପେଶୀକୁ କ୍ଷତି ପହଞ୍ଚିଥାଏ । ମ୍ୟାଗ୍ନେସିୟମ ଅଭାବର ଏକ ବଡ ଲକ୍ଷଣ ହେଲା ଶିର ଟାଣିହେବା । ଏହା ବିଶେଷ ଭାବେ ଗୋଡରେ ଅନୁଭବ ହୋଇଥାଏ । କେବଳ ଗୋଡ ନୁହେଁ ଏହା ଅନ୍ୟସ୍ଥାନରେ ମଧ୍ୟ ହୋଇଥାଏ, ଯାହା କଷ୍ଟଦେଇଥାଏ । ଏପରି ହେଲେ ଆପଣଙ୍କ ଶରୀରରେ ମ୍ୟାଗ୍ନେସିୟମର ଅଭାବ ହୋଇଛି ବୋଲି ଜାଣନ୍ତୁ ।
- ମ୍ୟାଗ୍ନେସିୟମ ଅଭାବର ଅନ୍ୟ ଏକ ଲକ୍ଷଣ ହେଲା ଦୁର୍ବଳ ଲାଗିବା ଏବଂ ମୁଣ୍ଡ ବୁଲାଇବା । କାରଣ ନଥାଇ ମଧ୍ୟ ଅନେକ ସମୟରେ ମୁଣ୍ଡ ବୁଲାଇବା ସହିତ ଦୁର୍ବଳତା ଲାଗିଥାଏ । ଯେତେବେଳେ ଆମ ଶରୀରରେ ମ୍ୟାଗ୍ନେସିୟମର ଅଭାବ ଦେଖାଦେଇଥାଏ, ସେହିସମୟରେ ଶରୀରରେ ଏନର୍ଜି ମିଳିବା କମ ହୋଇଥାଏ । ତେଣୁ ଆପଣଙ୍କୁ ଦୁର୍ବଳ ଲାଗିଥାଏ ।
- ଏହାର ଅନ୍ୟ ଏକ କାରଣ ନିଦ୍ରା ହିନତା । ମ୍ୟାଗ୍ନେସିୟମର ଅଭାବ ଆମ ନିଦ ଉପରେ ପ୍ରଭାବ ପକାଇଥାଏ । ଏହା ନିଦ୍ରା ହିନତାର ବି କାରଣ ସାଜିଥାଏ । ତେଣୁ ଆମକୁ ରାତିରେ ନିଦ ନହେବା ମଧ୍ୟ ମ୍ୟାଗ୍ନେସିୟମ ଅଭାବର ଲକ୍ଷଣ । ଯଦି ଅନେକ ଦିନ ଧରି ନିଦ୍ରା ହିନତା ଲକ୍ଷଣ ଆପଣଙ୍କ ନିକଟରେ ଦେଖିବାକୁ ମିଳୁଛି, ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।
- ଏହାର ଆଉ ଏକ ଲକ୍ଷଣ ହେଲା ଡିପ୍ରେସନ୍ । ମ୍ୟାଗ୍ନେସିୟମର ଅଭାବ ଆମର ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ରହିଛି । ଏହାର ଅଭାବରେ ଷ୍ଟ୍ରେସ୍ ଏବଂ ଡିପ୍ରେସନର ଲେବଲ୍ ବଢିଥାଏ ।



## ସୋସିଆଲ କୋଟ୍ସ



"ମୋର ଅଧିକାଂଶ ସମୟ ସେଟ୍‌ରେ କାନ୍ଦିବାରେ ବିତୁଥିଲା । ମୋତେ କେବେ ବି ସେଟ୍‌ରେ ସମବେଦନା ମିଳିନି । ସବୁବେଳେ ମୋ ସହ କିଛି ଖରାପ ହିଁ ହୋଇଛି । ତାରକ ମେହତ୍ତା ଧାରାବାହିକର ସେଟ୍ ମୋ ପାଇଁ ଖରାପ ଥିଲା ।

ଜେନିଫର, ଅଭିନେତ୍ରୀ



"ଯେତେବେଳେ ମୋର 'ଇନ୍ ଓବର ଦି ଟପ୍' ଫିଲ୍ମ ଚାଲିଲା ନାହିଁ । ସେତେବେଳେ ମୁଁ ନିଜେ ମୋର ପ୍ରଡକସନ୍ ହାଉସ୍ ଖୋଲିଲି । ନିଜର ଦୁର୍ବଳତାକୁ ଖୋଜି ଏହାକୁ ସଜାଡିବା ମୋର ଉଦ୍ଦେଶ୍ୟଥିଲା ।

କମଲ ହାସନ, ଅଭିନେତା



"ଗୋଟିଏ ସମ୍ପର୍କରୁ ବାହାରିବାକୁ ମୋତେ ୧୯ ବର୍ଷ ଲାଗିଲା । ତେବେ ମୋ ଜୀବନରେ ସବୁଠାରୁ ଆଗରେ ମୋର ପିଲାମାନେ । ସେହିଭଳି ଜୀବନରେ କିଛି ସମ୍ପର୍କଥାଏ ଯାହା ସହ ଖୁସି ବାଣ୍ଟିହୋଇଥାଏ, ବର୍ତ୍ତମାନ ସେହିଭଳି ଏକ ସମ୍ପର୍କ ମୋ ପାଖରେ ଥିବାରୁ ମୁଁ ଖୁସି ଅଛି ।

ଆଲିୟା ସିଦ୍ଦିକି,
ନୱାଜ ସିଦ୍ଦିକିଙ୍କ ପତ୍ନୀ

## ବର୍ତ୍ତମାନରେ ବଞ୍ଚନ୍ତୁ



ଅନେକ ଲୋକ ଏଭଳି ଅଛନ୍ତି ଯେଉଁମାନେ ସବୁବେଳେ ନିଜ ଅତୀତରେ ରହିଥାଆନ୍ତି, ବର୍ତ୍ତମାନକୁ ଅଣଦେଖା କରିଥାଆନ୍ତି । ସେହିଭଳି କିଛି ଲୋକ ଅଛନ୍ତି ଯେଉଁମାନେ ଭବିଷ୍ୟତ ଚିନ୍ତାରେ ବର୍ତ୍ତମାନକୁ ଅବହେଳା କରନ୍ତି ହେଲେ ଏଭଳି କରିବା ସଠିକ୍ ନୁହେଁ । ଅତୀତ ଯାହା ବିତି ସାରିଛି ଏବଂ ଭବିଷ୍ୟତ ଯାହା ଏପର୍ଯ୍ୟନ୍ତ ଆସିନାହିଁ, ହେଲେ ଯଦି ଆମେ ଅତୀତ ଓ ଭବିଷ୍ୟତରେ ବଞ୍ଚିବା ତେବେ ଆମ ମନ ଶାନ୍ତ ରହିବ ନାହିଁ । ଯଦି ଆପଣ ବର୍ତ୍ତମାନରେ ବଞ୍ଚିବା ଆରମ୍ଭ କରିବେ ତେବେ ଖୁବ ଶାନ୍ତିର ସହିତ ଜୀବନ ବଞ୍ଚିବେ । ଯଦି ଆମେ ବର୍ତ୍ତମାନରୁ ଦୂରରେ ରହିବା ତେବେ ଆମେ ସବୁବେଳେ ଅବଶୋଷ ଓ ଚିନ୍ତାରେ ରହିବା । ଯାହା ବିତି ଯାଇଛି ତାହା ପାଇଁ ଅବଶୋଷ ଓ ଯାହା ହୋଇନାହିଁ ତାହା ପାଇଁ ଚିନ୍ତା କରିକରି ଆମର ସବୁ ସମୟ କଟିବ । ତେଣୁ ଆମକୁ ଜୀବନରେ ଶାନ୍ତିରେ ବଞ୍ଚିବାକୁ ହେଲେ ପ୍ରଥମେ ବର୍ତ୍ତମାନରେ ବଞ୍ଚିବାକୁ ହେବ । ସେହିଭଳି ସବୁବେଳେ ଅନ୍ୟର ଭୁଲ ନଖୋଜି ନିଜକୁ ସଜାଡିବାକୁ ହେବ । ନିଜର କେଉଁ ଗୁଣ ଖରାପ ତାହାକୁ ବୁଝି ଠିକ୍ କରିବାକୁ ହେବ । ଏହା କରିବାଦ୍ୱାରା ନିଜର ଆତ୍ମବିଶ୍ୱାସ ବଢିବ । ସବୁସମୟରେ ନିଜର ବିଚାର, ନିଜର ଚିନ୍ତାଧାରାକୁ ବିଚାର କରନ୍ତୁ, ଅନ୍ୟପାଇଁ ନିଜ ବ୍ୟବହାରକୁ ବଦଳାନ୍ତୁ ଅନେକ ସମସ୍ୟାର ସମାଧାନ ଆପେଆପେ ହୋଇଯିବ ।

## ଇତିହାସ

୧୮୧୩– ଭାରତରେ ପ୍ରଥମକରି ବୋଟ୍ ରେସ୍ ପ୍ରତିଯୋଗିତା କଲିକତାରେ ଆୟୋଜିତ ।

୧୮୩୭– ଇଲେକ୍ଟ୍ରିକ୍ ଟେଲିଗ୍ରାଫ୍‌ର ସଫଳତାପୂର୍ବକ ପ୍ରଦର୍ଶନ ।

୧୯୫୬– ଓଡ଼ିଶାର ପ୍ରସିଦ୍ଧ ସମାଜ ସୁଧାରକ, ସାହିତ୍ୟିକ ତଥା ସାର୍ବଜନୀନ କର୍ମକର୍ତ୍ତା ଗୋଦାବରିଶ ମିଶ୍ରଙ୍କ ଦେହାନ୍ତ ।

୧୯୮୭– ଇଂଲଣ୍ଡରେ ବିଶ୍ୱର ପ୍ରଥମ ଆଇଭିଏଫ୍ ଶିଶୁ ଲୁଇ ବ୍ରାଉନ୍‌ଙ୍କ ଜନ୍ମ ।

୧୯୮୭– ରଙ୍ଗସ୍ୱାମୀ ଭେଙ୍କଟରମଣ ଭାରତର ଅଷ୍ଟମ ରାଷ୍ଟ୍ରପତି ହେଲେ ।

୨୦୦୦– କାନ୍‌କୋର୍ଡ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ହୋଟେଲ ଉପରେ ପଡିଥିଲା । ଫଳରେ ୧୦୯ ଯାତ୍ରୀଙ୍କ ସମେତ ହୋଟେଲ୍‌ରେ ଥିବା ୪ ଜଣଙ୍କ ମୃତ୍ୟୁ ହୋଇଥିଲା ।

୨୦୦୭– ପ୍ରତିଭା ଦେବି ସିଂ ପାଟିଲ୍ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କଲେ ।

୨୦୧୭– ଗୁଜରାଟ ବନ୍ୟାରେ ୭୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ।

## ଚିକେନ୍ ମସଲା ଭାତ

**ସାମଗ୍ରୀ–** ୨୦୦ ଗ୍ରାମ ଚାଉଳ, ୨୦୦ ଗ୍ରାମ ଚିକେନ,୩୦ ଗ୍ରାମ ଆଳୁ, ୨୦ଗ୍ରାମ ନଡିଆ କୋରା, ୫ଗ୍ରାମ ଖସଖସ,୫ ଗ୍ରାମ ରାଶି, ଗୋଟିଏ ଲେମ୍ବୁ, ୩୦ଗ୍ରାମ ଅଦାରସୁଣ ପେଷ୍ଟ, ୧୫୦ ଗ୍ରାମ ପିଆଜ, କଞ୍ଚା ଲଙ୍କା, ଧନିଆ ଗୁଣ୍ଡ, ଜୀରା ଗଣ୍ଡ, ଗୋଟା ଗରମ ମସଲା , ଲୁଣ, ଧନିଆ ପତ୍ର, ପୋଦିନା ପତ୍ର ।

**ପ୍ରଣାଳୀ–** ପ୍ରଥମେ ଡାଲଚିନି ଖଣ୍ଡ, ଧନିଆ, ରାଶି, ନଡିଆକୁ ପ୍ୟାନରେ ଭାଜି ଦିଅନ୍ତୁ । ଏହାପରେ ଏହାକୁ ଗ୍ରାଇଣ୍ଡରେ ଚୁରି ନିଅନ୍ତୁ । ବର୍ତ୍ତମାନ ପ୍ୟାନ ବସାଇ ଏଥିରେ ତେଲ ଓ ଗୋଟା ମସଲା ପକାନ୍ତୁ । ଅଳ୍ପ ସମୟ ପରେ ଏଥିରେ କଟା ପିଆଜ, କଞ୍ଚାଲଙ୍କା, ଅଦା ରସୁଣ ପେଷ୍ଟ, ପକାଇ ୨ରୁ୩ ମିନିଟ୍ ଭାଜନ୍ତୁ । ଏହାପରେ ଏଥିରେ ପୂର୍ବ ପ୍ରସ୍ତୁତ ମସଲା ଗୁଣ୍ଡ ପକାନ୍ତୁ । ଅଳ୍ପ ସମୟ ପରେ ଏଥିରେ ଚିକେନ ପକାଇ ୧୫ ମିନିଟ ଭାଜନ୍ତୁ । ଭାଜିବା ପରେ ଏଥିରେ ଚାଉଳ ପକାଇ ୧୦ରୁ ୧୫ ମିନିଟ ସିଝାନ୍ତୁ । ଚାଉଳକୁ ଆଗରୁ ଭିଜାଇ ରଖିଥିବେ । ଚାଉଳ ସିଝି ଭାତ ହେବା ପରେ ଏଥିରେ ପୋଦିନା ଓ ଧନିଆ ପତ୍ର ପକାଇ ପରଷନ୍ତୁ ଚିକେନ ମସଲା ଭାତ ।

## ଦାମୀ ଅଭିନେତା

ସଲମାନ ଖାନ ବଲିଉଡର ନାମୀଦାମୀ ଅଭିନେତା ତାଲିକାରେ ସବୁଠାରୁ ଆଗରେ ରହିଥାଆନ୍ତି । ଅନେକ ସମୟରେ ସେ ନିଜର ଫିସ୍ ପାଇଁ ମଧ୍ୟ ଚର୍ଚ୍ଚାକୁ ଆସିଥାଆନ୍ତି । ତେବେ ବର୍ତ୍ତମାନ ମଧ୍ୟ ସଲମାନ ନିଜ ଫିସ୍ ପାଇଁ ଚର୍ଚ୍ଚାରେ ଅଛନ୍ତି । ନିକଟରେ ସାମନାକୁ ଆସିଛି ସଲମାନ ଖାନଙ୍କର ବିଗ୍‌ବସ୍‌ର ପାରିଶ୍ରମିକ । ବିଗ୍‌ବସର ମାତ୍ର ୧୫ ସପ୍ତାହ ହୋଷ୍ଟ କରିବାକୁ ସଲମାନ ୧୨୦ ରୁ ୧୫୦ କୋଟି ନେବେ ବୋଲି ସୂଚନା ମିଳିଛି । ପ୍ରତି ସପ୍ତାହ ପାଇଁ ସେ ୮ରୁ ୧୦ କୋଟି ଚାର୍ଜ କରିଛନ୍ତି । ପୂର୍ବରୁ ମଧ୍ୟ ବିଗ୍‌ବସ ଫିସ୍ ପାଇଁ ସଲମାନ ଚର୍ଚ୍ଚାରେ ରହିଥାଆନ୍ତି । ତେବେ ସଲମାନଙ୍କର ଏହି ଫିସ୍ ସାମନାକୁ ଆସିବାପରେ ଫ୍ୟାନ୍‌ମାନେ ତାଙ୍କୁ ଦାମୀ କଳାକାରର ଆଖ୍ୟା ଦେବାରେ ଲାଗିଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ଶୋର କଣ୍ଟେଷ୍ଟାଣ୍ଟସଙ୍କ ନାଁ ସାମନାକୁ ଆସି ନାହିଁ । କିନ୍ତୁ ଅନେକ କଳାକାର ଯେପରି ଧନଶ୍ରୀ ବର୍ମା, ଅପୁର୍ବା ମୁଖାର୍ଜୀ, ମିଷ୍ଟର ଫେସୁ, ଖୁସି ଦୁବେଙ୍କ ଭଳି ନାଁ ସାମିଲ ଅଛି । ପୂର୍ବରୁ ବିଗବସ୍‌ର ସମସ୍ତ ସିଜିନ ହିଟ୍ ହୋଇଛି । ସେହିଭଳି ଏହି ସିଜିନ୍ ମଧ୍ୟ ହିଟ୍ ହେବ ବୋଲି ଫ୍ୟାନମାନେ ଆଶା ରଖିଛନ୍ତି ।



## ଗାଈର କରାଯାଇଥାଏ ଜାତକ

ବିହାରରେ ଗୋପାଳନକୁ ଏକ ନୂଆ ଦିଗ ମିଳିବାରେ ଲାଗିଛି । ବିହାରର ଗୟାଜି ଜିଲ୍ଲାରେ ଗୁଜରାଟର ଗୀର ଜଙ୍ଗଲରୁ ଅଣାଯାଇଥିବା ଗୀର ଗାଈଙ୍କ ପାଳନ ବଢିବାରେ ଲାଗିଛି । ଏଠାରେ ଥିବା ଏକ ସ୍ଥାନୀୟ ଗୌଶାଳା ଚର୍ଚ୍ଚାରେ ରହିଛି । ଏଠାରେ ୨୦୦ରୁ ଅଧିକ ଛୋଟବଡ ଗାଈ ପାଳନ କରାଯାଉଛି । ଏଠାରେ ପ୍ରତିଦିନ ଶହଶହ ଲିଟର ଖୀର ଉତ୍ପାଦନ କରାଯାଇଥାଏ । ତେବେ ଏହି ଗୌଶାଳାର ଏକ ସ୍ୱତନ୍ତ୍ର କଥା ହେଲା ଏହି ଗାଈଙ୍କର ନିଜସ୍ୱ ନାଁ ରଖାଯାଇଥାଏ । କେବଳ ନାଁ ନୁହେଁ ଏହି ଗାଈଙ୍କର ଜାତକ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ଏହା ପଛରେ ପୌରାଣିକ ବ୍ୟାଖ୍ୟାନ ରହିଛି । ଏଭଳି ବିଶ୍ୱାସ ରହିଛି କି ସମୁଦ୍ର ମନ୍ଥନ ସମୟରେ ମାତା ଲକ୍ଷ୍ମୀ ଯେଉଁ ନକ୍ଷତ୍ରରେ ଗାଈ ସହିତ ପ୍ରକଟ ହୋଇଥିଲେ ସେହି ନକ୍ଷତ୍ରରେ ଗୀର ପ୍ରଜାତିର ଗାଈଙ୍କର ଜନ୍ମ । ତେଣୁ ଏହାକୁ ଖୁବ ପବିତ୍ର ବୋଲି ବିବେଚନା କରାଯାଇଥାଏ । ସେହିଭଳି ଏହା ପଛରେ ଆହୁରି ଅନେକ ବିଶ୍ୱାସ ମଧ୍ୟ ସେଠିକାର ଲୋକ କରିଥାଆନ୍ତି, ଯାହାକୁ ଆଧାର କରି ଏହି ଗାଈଙ୍କର ନାମକରଣ କରାଯାଇଥାଏ । ଏଠାରେ ଗାଈଙ୍କ ଚାରାରେ ଆୟୁର୍ବେଦର ଉପଯୋଗ ବିଶେଷଭାବେ କରାଯାଇଥାଏ । ଏଠାରେ ଗୋ ପାଳନରେ ଆୟୁର୍ବେଦର ବ୍ୟବହାର ଖୁବ ଅଧିକ ରହିଥାଏ ।



## ସୂଚନା ଓ ଲୋକସମ୍ପର୍କ ପରସ୍ପର ପରିପୂରକ

# ନାଗରିକ କୈନ୍ଦ୍ରିକ ସେବା ପ୍ରଦାନରେ ସୂଚନା ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ଶ୍ରୀ ଶର୍ମା

ଭୁବନେଶ୍ୱର, (ସବ୍ୟୁ): ସୂଚନା ଓ ଲୋକସମ୍ପର୍କ ପରସ୍ପର ପରିପୂରକ। ଜନସାଧାରଣଙ୍କୁ ସେବା ପ୍ରଦାନରେ ସୂଚନା ଅଧିକାରୀ ବା ଲୋକସଂପର୍କ ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଲୋକ ସଂପର୍କ ବୃଦ୍ଧି କରି ବିଭିନ୍ନ ବିଭାଗରୁ ସୂଚନା ପାଇବା ସହିତ ସୂଚନାକୁ ଜନସାଧାରଣଙ୍କ ନିକଟରେ ପହଁଚାଇବା ଏକ ପ୍ରମୁଖ ଆବଶ୍ୟକତା। ପଞ୍ଚାୟତିରାଜ, ପାନୀୟଜଳଯୋଗାଣ ଓ ପରିମଳ ବିଭାଗ, ପୂର୍ତ୍ତ, ଗ୍ରାମ୍ୟଉନ୍ନୟନ, ରାଜସ୍ୱ, ଆଇନ୍, ଆଦି ବିଭିନ୍ନ ବିଭାଗରେ କରାଯାଉଥିବା ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ ସଂପର୍କିତ ସୂଚନା ଓ ଏହାର ପ୍ରଚାର ପ୍ରସାରରେ ସୂଚନା ଲୋକସଂପର୍କ ଅଧିକାରୀମାନେ ଗୁରୁତ୍ୱଭୂମିକା ନିର୍ବାହ କରୁଛନ୍ତି। ଏହି ପ୍ରୟାସ ଅଧିକ ବ୍ୟାପକ ଓ ସୁବ୍ୟବସ୍ଥିତ ହେବା ସଂପର୍କରେ ନୂତନ ଭାବେ ଦାୟିତ୍ୱ ନେଇଥିବା ସୂଚନା ଓ ଲୋକସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ହେମନ୍ତ ଶର୍ମା ପ୍ରକାଶ କରିଛନ୍ତି।



ସୂଚନା ଓ ଲୋକସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ଗତ କାଲି ବିଭାଗର ଦାୟିତ୍ୱ ଗ୍ରହଣ କରିବା ପରେ ଲୋକସଂପର୍କ ଭବନସ୍ଥିତ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଯାଇ ପ୍ରଥମେ ବିଭାଗୀୟ ନିର୍ଦ୍ଦେଶକ ଓ ବରିଷ୍ଠ ପଦାଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ବିଭାଗର ନିର୍ଦ୍ଦେଶକ ଅନୂଜ କୁମାର ଦାସ ପଟ୍ଟନାୟକଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ନୂତନ ସଚିବଙ୍କୁ ସ୍ୱାଗତ କରିଥିଲେ । ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟଶାସନ ସଚିବ ଶ୍ରୀ ଶର୍ମା ବିଭାଗୀୟବରିଷ୍ଠ ଅଧିକାରୀ ଓ ସୂଚନା ସେବାଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ଅନୁଷ୍ଠିତ ଏକ ବୈଠକରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଅତିରିକ୍ତ ମୁଖ୍ୟଶାସନ ସଚିବ ଶ୍ରୀ ଶର୍ମା , ସୂଚନା ସେବା ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସଂପର୍କରେ ମନେପକାଇ ଦେଇଥିଲେ। ସେକହିଥିଲେ ଯେ, ସୂଚନା ପ୍ରଦାନ କରୁଥିବା ବିଭିନ୍ନ ବିଭାଗ, ସୂଚନାକୁ ସର୍ବସାଧାରଣରେ ପ୍ରକାଶନ ଓ ପ୍ରସାରଣ କରାଉଥିବା ଗଣମାଧ୍ୟମଓ ସୂଚନା ପାଉଥିବା ଜନସାଧାରଣ ଲୋକ ସଂପର୍କ ବିଭାଗର ପ୍ରମୁଖ ଅଂଶୀଦାର। ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ଗୁଡ଼ିକୁ ବୈଦ୍ୟୁତିକ, ମୁଦ୍ରଣ ଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରଚାର ପ୍ରସାର ଉପରେ ସେ ଗୁରୁତ୍ୱ ଦେଇଥିଲେ । ବିଭାଗର ଅନ୍ୟ ବିଭିନ୍ନ ଶାଖାର ଅଧିକାରୀମାନଙ୍କୁସେ ବିଭାଗୀୟ କାର୍ଯ୍ୟ ସୁଚାରୁରୂପେ ସଂପାଦନ କରିବା ସହ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ପାରସ୍ପରିକ ସୁସଂପର୍କ ଓ ସଦଭାବନା ସହ ସମ୍ମିଳିତ ଭାବେ କାର୍ଯ୍ୟ କରିବା, ବିଭାଗର ସୁନାମ ଓ ସମ୍ମାନ ବଜାୟ ରଖିବାକୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ବିଭାଗୀୟ ଅନ୍ୟ ବିଭିନ୍ନ କାର୍ଯ୍ୟ ସହିତ ସାମ୍ବାଦିକମାନଙ୍କ କଲ୍ୟାଣ ସଂପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବୈଠକରେ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ଗୁରବୀର ସିଂ, ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁଙ୍କ ସମେତ ଅନ୍ୟ ବିଭିନ୍ନ ଶାଖାର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଇଡି ଅଧିକାରୀ ଚିନ୍ତନ ରଘୁବଂଶୀଙ୍କୁ ସର୍ତ୍ତ ମୂଳକ ଜାମିନ୍

# ୫ଲକ୍ଷ ଟଙ୍କା,୨ଜଣ ଜାମିନ୍‌ଦାରଙ୍କ ବଦଳରେ ଜେଲ୍‌ରୁ ବାହାରିବେ

କଟକ,(ସବ୍ୟୁ): ଲାଞ୍ଚ କାରବାର ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଇଡି ଅଧିକାରୀ ଚିନ୍ତନ ରଘୁବଂଶୀଙ୍କୁ ହାଇକୋର୍ଟ ଆଜି ଜାମିନ୍ ପ୍ରଦାନ କରିଛନ୍ତି । ଗତକାଲି ହାଇକୋର୍ଟ ଏହି ମାମଲାର ଶୁଣାଣି ଶେଷ କରିଥିଲେ। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଆଜି ଏହି ମାମଲାର ରାୟ ପ୍ରକାଶ କରି ଶ୍ରୀ ରଘୁବଂଶୀଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି। ୫ଲକ୍ଷ ଟଙ୍କା ଏବଂ ଦୁଇଜଣ ଜାମିନଦାରଙ୍କ ବଦଳରେ ସେ ଜାମିନରେ ଯିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।

୨୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲାବେଳେ ସିବିଆଇ ଇଡି ଅଧିକାରୀ ଶ୍ରୀ ରଘୁବଂଶୀଙ୍କୁ ଗତ ମେ' ୩୦ତାରିଖ ଦିନ ଗିରଫ କରିଥିଲା। ଏହି ଘଟଣାରେ ନିୟମିତ ଜାମିନ୍‌ଆବେଦନ କରି ଶ୍ରୀ ରଘୁବଂଶୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଏହି ନିୟମିତ ଜାମିନ୍ ମାମଲାର ଶୁଣାଣି ଚାଲିଥିଲାବେଳେ ତାଙ୍କ ନବଜାତ ଶିଶୁକୁ ଦେଖିବା ଲାଗି ହାଇକୋର୍ଟରୁ ଅନ୍ତରୀଣ ଜାମିନ୍ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ତାଙ୍କୁ ୧୦ ଦିନ ପାଇଁ ଅନ୍ତରୀଣ ଜାମିନ୍ ପ୍ରଦାନ କରିଥିଲେ। ଅନ୍ତରୀଣ ଜାମିନ୍ ଶେଷ ହେବାପରେ ସେ ଅଦାଲତରେ ଆତ୍ମସମର୍ପଣ କରିଥିଲେ। ପୁନର୍ବାର ତାଙ୍କର ନିୟମିତ ଜାମିନ୍ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ଅଦାଲତ ଆଜି ଏହି ମାମଲାରେ ରାୟ ପ୍ରକାଶ କରି ଶ୍ରୀ ରଘୁ ବଂଶୀଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି ।

## ସବ ଇନିସପେକ୍ଟର ପଦବୀ ପାଇଁ ବୟସ ସୀମା ୩ ବର୍ଷ କୋହଳ କଲେ ସରକାର

# ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ

କଟକ,(ସବ୍ୟୁ): ବୟସ ବଢ଼ିଯାଇଥିବା କାରଣରୁ ସବ୍-ଇନ୍ସପେକ୍ଟର ପଦ ଲାଗି ଆବେଦନରୁ ବଞ୍ଚିତ ହୋଇଥିବା ହଜାର ହଜାର ପ୍ରାର୍ଥୀଙ୍କୁ ଆଜି ବଡ଼ ଆଶ୍ୱସ୍ତି ମିଳିଛି । ରାଜ୍ୟ ସରକାର ଏହି ସବ୍-ଇନ୍ସପେକ୍ଟର ପଦ ଲାଗି ଆବେଦନର ବୟସ ସୀମା ୩ବର୍ଷ ପର୍ଯ୍ୟନ୍ତ କୋହଳ କରିଛନ୍ତି । ଅର୍ଥାତ ଯେଉଁ ପ୍ରାର୍ଥୀମାନଙ୍କର ବୟସ ସୀମା ୨୦୨୪ ଜାନୁଆରୀ ସୁଦ୍ଧା ୨୫ବର୍ଷ ଟପିଯାଇଥିଲା ସେମାନେ ଏବେ ଏହି ସବ୍-ଇନ୍ସପେକ୍ଟର ପଦଲାଗି ଆବେଦନ କରିପାରିବେ । ଏ ସଂକ୍ରାନ୍ତରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯିବା ପରେ ଅଦାଲତ ଏହି ମାମଲାର ଅନ୍ତ ଘଟାଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ରାଜ୍ୟ ସରକାରଙ୍କ ଏହି ସତ୍ୟପାଠ ପରେ ମାମଲାର ଶୁଣାଣିରେ ପୂର୍ଣ୍ଣଛେଦ ପକାଇଛନ୍ତି।

କୋଭିଡ୍ ପୂର୍ବରୁ ରାଜ୍ୟରେ ସବ୍-ଇନ୍ସପେକ୍ଟର ପଦରେ କୌଣସି ନିଯୁକ୍ତି ହେଉନଥିଲା । ଗତ ଜାନୁଆରୀରେ ରାଜ୍ୟରେ ସବ୍-ଇନ୍ସପେକ୍ଟର, ସବ୍-ଇନ୍ସପେକ୍ଟର(ସଶସ୍ତ୍ର), ଷ୍ଟେସନ୍ ଅଫିସର, ଆସିଷ୍ଟାଣ୍ଟ ଜେଲର୍ ପଦରେ ନିଯୁକ୍ତି

ପାଇଁ ଆଶାୟୀ ପ୍ରାର୍ଥୀଙ୍କ ଠାରୁ ଆବେଦନପତ୍ର ଆହ୍ୱାନ କରିଥିଲେ । ଏହି ପଦଲାଗି ଅଦେବନର ବୟସ ସୀମା ସର୍ବନିମ୍ନ ୨୧ବର୍ଷ ଧାର୍ଯ୍ୟ ହୋଇଥିଲାବେଳେ ସର୍ବାଧିକ ୨୫ବର୍ଷ ଧାର୍ଯ୍ୟ କରାଯାଇଥିଲା । ଏହି ବିଜ୍ଞପ୍ତିକୁ ଚାଲେଞ୍ଜ କରି ପ୍ରାୟ ୩ଶହ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେମାନେ ପିଟିସନ୍‌ରେ ଦର୍ଶାଇଥିଲେ ଯେ, କୋଭିଡ଼ ପୂର୍ବରୁ ଏହି ପଦଲାଗି କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନଥିଲା । ପ୍ରଥମ ଥରପାଇଁ କେବଳ କିଛି ସବ୍-ଇନ୍ସପେକ୍ଟର ପଦରେ ନିଯୁକ୍ତି ପାଇଁ ୨୦୨୧ରେ ପଦକ୍ଷେପ ନିଆଯାଇଥିଲା। ସେବେଠାରୁ ଆଉ ଏହି ପଦରେ ନିଯୁକ୍ତି ଦିଆଯାଇ ନାହିଁ। ଏବେ ଦୀର୍ଘବର୍ଷ ପରେ ଏହି ପଦଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି । କିନ୍ତୁ ଅବେଦନ ପାଇଁ ବୟସସୀମା ୨୫ବର୍ଷ ରହିବାରୁ ବହୁ ଆବେଦନକାରୀ ଏହି ପଦଲାଗି ଆଦେଦନ କରିବାରୁ ବଞ୍ଚିତ ହୋଇଛନ୍ତି । ନିକଟରେ ରାଜ୍ୟ ସରକାର କନେଷ୍ଟବଳ, ସିପାହୀ ଆଦି ପଦରେ ନିଯୁକ୍ତି ଆବେଦନ ପାଇଁ ୩ବର୍ଷ ପର୍ଯ୍ୟନ୍ତ ବୟସ ସୀମା କୋହଳ କରିଛନ୍ତି । କିନ୍ତୁ ସବ୍-ଜନ୍ସପେକ୍ଟର ପଦଲାଗି ବୟସ ସୀମାରେ କୌଣସି କୋହଳ କରାଯାଇନାହିଁ । ଫଳରେ ରାଜ୍ୟର ହଜାର ହଜାର ଆଶାୟୀ ପ୍ରାର୍ଥୀ ଏହି ପଦ ପାଇଁ ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି । ହାଇକୋର୍ଟ ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ସବ୍-ଇନିସପେକ୍ଟର ପଦଲାଗି ଆବେଦନ କରିବାକୁ ଅନୁମତି ପ୍ରଦାନ କରିଥିଲେ । କିନ୍ତୁ ଅଦାଲତଙ୍କ ଅନୁମତି ବିନା କୌଣସି ନିଯୁକ୍ତି ଦିଆଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ଆଦେଶରେ ସ୍ପଷ୍ଟ କରିଥିଲେ । ଏହି ଅନ୍ତରୀଣ ଆଦେଶ ବଳବତ୍ତର ରହି ଆସୁଥିଲା । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ ମାମଲା ପରିଚାଳନା କରୁଛନ୍ତି ।

## ଆରମ୍ଭ ହେବ ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ପ୍ରକଳ୍ପ

# ୪ ବର୍ଷରେ ୬ ପ୍ରକଳ୍ପ ଲାଗି ଖର୍ଚ୍ଚ ହେବ ୧୮୦୦ କୋଟି

ଭୁବନେଶ୍ୱର(ସବ୍ୟୁ): ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ରୂପେ ଦେଖା ଦେଇଛି । ଦିନକୁ ଦିନ ମୌସୁମୀ ବର୍ଷାର ଅବଧି ଓ ତାହାର ପରିମାଣରେ ଅନିଶ୍ଚିତତା ମାନବ ସମାଜ ପାଇଁ ଜଳ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ସୃଷ୍ଟି କରିଛି । ଉଦବୃତ୍ତଜଳ ସମ୍ପନ୍ନ ନଦୀ ଅବବାହିକାଗୁଡ଼ିକୁ ଜଳକ୍ଲିଷ୍ଟ ନଦୀ ଅବବାହିକା ସହିତ ସଂଯୁକ୍ତକରି ଜଳ ବଣ୍ଟନ ପ୍ରଣାଳୀକୁ ସୁନିଶ୍ଚିତ କରିବା ନିମନ୍ତେ ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ପ୍ରକଳ୍ପ ନାମରେ ଏକ ନୂତନ ଯୋଜନାକୁ ରାଜ୍ୟ ସରକାର ରୂପାୟନ କରିବାକୁ ଯାଉଛନ୍ତି । ୨୦୨୫-୨୬ରୁ ୨୦୨୯ ଆର୍ଥିକ ବର୍ଷ ମଧ୍ୟରେ ୬ଟି ପ୍ରକଳ୍ପକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୧୮୦୦ କୋଟି ଟଙ୍କାର ପ୍ରକଳ୍ପ ବିବରଣୀ ପ୍ରସ୍ତୁତ ହେଉଛି ।

ସେଗୁଡ଼ିକ ହେଉଛି, କାତରା ସୁବର୍ଣ୍ଣରେଖା ମୁଖ୍ୟ କେନାଲ ସଂଯୋଗୀକରଣ ପ୍ରକଳ୍ପ । ଏହି ପ୍ରକଳ୍ପ ଦ୍ୱାରା କାତରା ନଦୀରେ ପ୍ରସ୍ତାବିତ କଂଶପାଳ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପରୁ ଏକ ଫିଡର ଚାନେଲ ମାଧ୍ୟମରେ ଜଳ ପ୍ରବାହ ଦ୍ୱାରା ସୁବର୍ଣରେଖା ମୁଖ୍ୟ କେନାଲର ଆୟକଟ ଅଞ୍ଚଳରେ ଜଳସେଚନ ସୁନିଶ୍ଚିତ କରାଯାଇପାରିବ । ହିରାଧରବାଟି ବ୍ୟାରେଜ-ଚିଲିକା ହ୍ରଦ ସଂଯୋଗୀକରଣ ପ୍ରକଳ୍ପରେ ହିରାଧରବାଟି ବ୍ୟାରେଜଠାରୁ ବନ୍ୟାଜଳ ପ୍ରବାହିକା ଚାନେଲ ମାଧ୍ୟମରେ ଅସଂରକ୍ଷିତ ବନ୍ୟାଜଳକୁ ପଥ ମଧ୍ୟସ୍ଥ ପ୍ରାୟ ୩୫ଟି ଜଳାଶୟ ପୁନଃଭରଣ କରି ଚିଲିକା ହ୍ରଦ ମଧ୍ୟକୁ ପୁନଃପ୍ରବାହିତ କରାଯିବା ଦ୍ୱାରା ଜଳବନ୍ଦୀ ସମସ୍ୟାର ସମାଧାନ ସହିତ ଜଳ ସଂରକ୍ଷଣ କରାଯାଇ ପାରିବ । ବାହୁଦା-ରଷିକୁଲ୍ୟା ଅବବାହିକା ସଂଯୋଗୀକରଣ ପ୍ରକଳ୍ପରେ ବାହୁଦା ଠାରୁ ରଷିକୁଲ୍ୟା ନଦୀ ଅବବାହିକା ସଂଯୋଗକାରୀ ପ୍ରଣାଳୀ ଦ୍ୱାରା କେଲୁଆପାଳି ଜଳାଶୟକୁ ପୁନଃ ଭରଣ କରିବା ସହିତ ବ୍ରହ୍ମପୁର ସହରାଞ୍ଚଳ ଓ ଗୋପାଳପୁର ସ୍ଥିତ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ (ଏସ୍‌ଇଜେଡ୍) ଅଞ୍ଚଳକୁ ଜଳ ଯୋଗାଣ । ବଂଶଧାରା-ରଷିକୁଲ୍ୟା ସଂଯୋଗୀକରଣ ପ୍ରକଳ୍ପରେ ଏହି ଅନ୍ତଃ ନଦୀ ସଂଯୋଜକ ମାଧ୍ୟମରେ ନନ୍ଦିନୀ ନାଳର ଜଳକୁ ପାର୍ଶ୍ୱବର୍ତ୍ତୀ ବ୍ରହ୍ମପୁର ସହରର ଜଳକ୍ଲିଷ୍ଟ ଅଞ୍ଚଳରେ ଜଳ ଯୋଗାଣ ସୁନିଶ୍ଚିତ କରାଯିବ । ଅଙ୍ଗ-ସୁକତେଲ ଗାର୍ଲାଣ୍ଡ ପ୍ରକଳ୍ପରେ ଏହି ସଂଯୋଗୀକରଣ ପ୍ରଣାଳୀ ମାଧ୍ୟମରେ ୧୦୮ଟି ଜଳାଶୟକୁ ପୁନର୍ଜୀବିତ କରାଯାଇ ପ୍ରାୟ ୧୦, ୦୦୦ ହେକଟର ଜମିରେ ଜଳସେଚନର ସୁବିଧା ଉପଲବ୍ଧ କରାଯାଇ ପାରିବ । ତେଲେଙ୍ଗିରି-ଅପରକୋଲାବ ସଂଯୋଗୀକରଣ ପ୍ରକଳ୍ପରେ ଉଭୟ ଜଳ ଭଣ୍ଡାରର ସଂଯୋଗ କରା ଯାଇ ଜଳଭଣ୍ଡାର ଦ୍ୱୟର ଜଳ ପରିସୀମା ସଂପ୍ରସାରଣ କରାଯିବା ସହିତ ଅଧିକ ସେଚ ସାମର୍ଥ୍ୟ ସୃଷ୍ଟି ଏବଂ ପମ୍ପ ଷ୍ଟୋରେଜ ପ୍ରୋଜେକ୍ଟ ମାଧ୍ୟମରେ ଜଳ ବିଦ୍ୟୁତ ଉତ୍ପାଦନ କରାଯିବ ।

## ବ୍ରାଉନ୍‌ସୁଗର ଜବତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ): ଏୟାରଫିଲ୍ଡ ଥାନା ପୋଲିସ ଦୁଇ ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ବ୍ରାଉନସୁଗାର ଓ ୨,୩୦୦ ଟଙ୍କା, ଗୋଟିଏ ଅଟୋ, ଗୋଟିଏ ବାଇକ୍, ଦୁଇଟି ମୋବାଇଲ ଜବତ ହୋଇଥିବା ପୋଲିସ୍ କହିଛି। ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଏୟାରଫିଲ୍ଡ ଥାନାର ଏକ ସ୍ୱତନ୍ତ୍ର ଟିମ୍ ଗତକାଲି ଆଜାଦ୍‌ନଗର ଶ୍ମଶାନର ଏକ ଥାନାରେ ଚଢ଼ାଉ କରି ପ୍ରଦୀପ କୁମାର ମିଶ୍ର (୩୩), ସୁରେନ୍ଦ୍ର ସାହୁ (୫୨)ଙ୍କୁ ଗିରଫ କରିଥିଲା। ଦୁହିଁଙ୍କ ଘର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧିରିକୁଟି ବସ୍ତିରେ ବୋଲି ପୋଲିସ୍ କହିଛି। ଏମାନେ ଗିରଫ ଦୁଇ ଜଣ ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର କରୁଥିବା ପୋଲିସ କହିଛି। ଦୁହିଁଙ୍କୁ ବୁଧବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କ ଜେଲ ହାଜତକୁ ପଠାଇ ଦିଆଯାଇଛି।


କଣ୍ଟେନର କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍

CONTAINER CORPORATION OF INDIA LTD.

(A Navratna Undertaking of Govt. of India)

ଆଗ୍ରହ ପ୍ରକାଶର ନୋଟିସ୍ (E-EOI ସହ ଫରୱାର୍ଡ ନିଲାମ)

| | |
|---|---|
| EOI ନମ୍ବର | ବାଲେଶ୍ୱର: CON/AREA-IV/WH/BLS/2025-26/01<br>ଖାରସୁଗୁଡ଼ା: CON/AREA-IV/WH/GFCJ/2025-26/01<br>ଦୁର୍ଗାପୁର: CON/AREA-IV/WH/CTDI/2025-26/01 |
| କାର୍ଯ୍ୟର ନାମ | ନିଲାମ ମାଧ୍ୟମରେ 1+1+1 ବର୍ଷ ପାଇଁ ମାସିକ ଭଡ଼ା ଆଧାରରେ ଗୋଦାମ ସ୍ଥାନ ଭଡ଼ା ପାଇଁ ଅନ୍‌ଲାଇନ୍ EOI:<br>(1) ବାଲେଶ୍ୱର (2000 ବର୍ଗ ମିଟର), ଓଡ଼ିଶା<br>(2) ଝାରସୁଗୁଡ଼ା (1000 ବର୍ଗ ମିଟର), ଓଡ଼ିଶା<br>(3) ଦୁର୍ଗାପୁର (2000 ବର୍ଗ ମିଟର), ପଶ୍ଚିମବଙ୍ଗ |
| ଆନୁମାନିକ ମୂଲ୍ୟ (ପ୍ରାୟ) | ବାଲେଶ୍ୱର: 1+1+1 ବର୍ଷର ଅବଧି ପାଇଁ GST ସମେତ ଟ.79,20,999/-<br>ଝାରସୁଗୁଡ଼ା: 1+1+1 ବର୍ଷର ଅବଧି ପାଇଁ GST ସମେତ ଟ.24,55,167/-<br>ଦୁର୍ଗାପୁର: 1+1+1 ବର୍ଷର ଅବଧି ପାଇଁ GST ସମେତ ଟ.81,94,137/- |
| ଚୁକ୍ତିର ଅବଧି | ଡିପୋ ସ୍ଥାନ ପାଇଁ 1+1+1 ବର୍ଷ |
| ଅର୍ନେଷ୍ଟ ମନି ଡିପୋଜିଟ୍ (EMD) (ପ୍ରାୟ) | ବାଲେଶ୍ୱର: ଟ.1,58,420/- (ଇ-ପେମେଣ୍ଟ ମାଧ୍ୟମରେ)<br>ଝାରସୁଗୁଡ଼ା: ଟ.49,103/- (ଇ-ପେମେଣ୍ଟ ମାଧ୍ୟମରେ)<br>ଦୁର୍ଗାପୁର: ଟ.1,63,883/- (ଇ-ପେମେଣ୍ଟ ମାଧ୍ୟମରେ) |
| EOI ଡକ୍ୟୁମେଣ୍ଟର ମୂଲ୍ୟ (ଫେରସ୍ତଯୋଗ୍ୟ ନୁହେଁ) | ପ୍ରତ୍ୟେକ ସ୍ଥାନ ପାଇଁ ଟ.1000/- (ଇ-ପେମେଣ୍ଟ ମାଧ୍ୟମରେ) |
| EOI ପ୍ରୋସେସିଂ ଫି (ଫେରସ୍ତଯୋଗ୍ୟ ନୁହେଁ) | ବାଲେଶ୍ୱର ଏବଂ ଦୁର୍ଗାପୁର ପ୍ରତ୍ୟେକ ସ୍ଥାନ ପାଇଁ ଇ-ପେମେଣ୍ଟ ମାଧ୍ୟମରେ ସମସ୍ତ କର ସମେତ ଟ.3540/- (ଫେରସ୍ତଯୋଗ୍ୟ ନୁହେଁ)<br>ଝାରସୁଗୁଡ଼ା ପାଇଁ ଇ-ପେମେଣ୍ଟ ମାଧ୍ୟମରେ ସମସ୍ତ କର ସମେତ ଟ.1449/- (ଫେରସ୍ତଯୋଗ୍ୟ ନୁହେଁ) |
| EOI ଡକ୍ୟୁମେଣ୍ଟର ବିକ୍ରୟ ତାରିଖ (ଅନ୍‌ଲାଇନ୍) | ଡିପୋ ସ୍ଥାନ ପାଇଁ 28.07.2025, 15:00 ଘଣ୍ଟାରୁ 18.08.2025 (15:00 ଘଣ୍ଟା ପର୍ଯ୍ୟନ୍ତ) |
| EOI ଦାଖଲର ଶେଷ ତାରିଖ ଏବଂ ସମୟ (ଅନ୍‌ଲାଇନ୍) | ଡିପୋ ସ୍ଥାନ ପାଇଁ 19.08.2025, 15:00 ଘଣ୍ଟା ପର୍ଯ୍ୟନ୍ତ କିମ୍ବା ତାର ପୂର୍ବରୁ |
| EOI ଖୋଲିବାର ତାରିଖ ଏବଂ ସମୟ (ଅନ୍‌ଲାଇନ୍) | ଡିପୋ ସ୍ଥାନ ପାଇଁ 20.08.2025, 15:30 ଘଣ୍ଟାରେ |
| ଯୋଗ୍ୟତା | ଏହି EOI ପାଇଁ ବିଡ଼ ଦାଖଲ କରିବାର ଶେଷ ତାରିଖ ପୂର୍ବରୁ, ଅର୍ଥାତ୍ 2023-24 ଏବଂ 2024-25 ପୂର୍ବରୁ ବିଗତ ଦୁଇଟି ... ବାର୍ଷିକ ଆକାରଣ ଉପରେ ଆଧାରିତ ଏକ ... ରହିଥିବା ଆବଶ୍ୟକ। |

ବିସ୍ତୃତ ବିବରଣୀ ପାଇଁ www.tenderwizard.com/ccil ରେ ଲଗ୍‌ଅନ୍ କରନ୍ତୁ ... CONCOR ୱେବସାଇଟ୍ (www.concorindia.co.in) ... (ଫୋନ: 033-2283 7101-05)

ଦସ୍ତଖତ / - କ୍ଲଷ୍ଟର ହେଡ୍, କୋଲକାତା କ୍ଲଷ୍ଟର


## ଫଟୋ ଭାଇରାଲ ଧମକ

# ଆଇଟିଆଇ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,(ସବ୍ୟୁ):ବଏଫ୍ରେଣ୍ଡ ଫଟୋ ଓ ଭିଡ଼ିଓ ଭାଇରାଲ ଧମକ ଦେବା ପରେ ଜଣେ ଆଇଟିଆଇ ଛାତ୍ରୀଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଛି। ପୋଲିସ୍ ଝୁଲାନ୍ତା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଚନ୍ଦ୍ରଶେଖରପୁର ଥାନା ପୋଲିସ୍ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

ଆଇଟିଆଇ ଛାତ୍ରୀ ଡମଣାରେ ଏକ ଘରେ ଭଡ଼ାରେ ରହୁଥିଲେ। ତାଙ୍କ ବଏଫ୍ରେଣ୍ଡ ମାସେ ହେବ ଫଟୋ ଓ ଭିଡ଼ିଓ ଭାଇରାଲ ଧମକ ଦେଇ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ପରିବାରେ ଲୋକେ ଅଭିଯୋଗ କରିଛନ୍ତି। ବଏଫ୍ରେଣ୍ଡ ତାଙ୍କୁ ମାରି ଝୁଲାଇ ଦେଇଛି କିମ୍ବା ସେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ୍ କହିବା ଅନୁଯାୟୀ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁ ରହସ୍ୟ ଜଣାପଡିବ। ପରିବାର ଲୋକଙ୍କ କହିବା ଅନୁଯାୟୀ ମାସେ ହେବ ଜଣେ ଯୁବକ ତାଙ୍କ ଝିଅକୁ ସୋସିଆଲ ମିଡ଼ିଆରେ ଫଟୋ ଭାଇରାଲ ଧମକ ଦେଉଥିବାରୁ ସେ ମାନସିକ ଚାପରେ ଥିଲେ।

ଖବର ପାଇ ଚନ୍ଦ୍ରଶେଖର ଥାନା ପୋଲିସ ଭଡ଼ାଘରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରି ମାମଲାର ତଦନ୍ତ କରୁଛି।


TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.



## ବାଘ ଝାଲ ଜବତ: ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ): କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଇମ୍ପୋଭାଲି ପାଖ ରାସ୍ତାରୁ ଦୁଇ ଜଣ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗୋଟିଏ ବାଘ ଝାଲ ଜବତ କରିଛି। ଗିରଫ ଦୁଇ ଜଣଙ୍କୁ ହେଲେ ରାଜେଶ ନାୟକ ଓରଫ ରାଜା (୨୬) ଓ ଗଙ୍ଗାଧର ନାୟକ ଓରଫ୍ ଅର୍ଜୁନ (୨୫)। ଦୁହିଁଙ୍କ ଘର ନୟାଗଡ଼ ଜିଲ୍ଲା ବାଣୀଗୋଛା ଥାନା ଅନ୍ତର୍ଗତ ବାଣୀବିରି ଗ୍ରାମରେ। ଗୁଇନ୍ଦା ସୂଚନା ଆଧାରରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ନ୍ୟୁ ଇମ୍ପୋଭାଲି ରାସ୍ତା ପାଖରେ ଚଢ଼ାଉ କରି ଦୁଇ ଜଣଙ୍କୁ ଗିରଫ କରିବା ପରେ ଜଣାପଡିଥିଲା ଯେ, ସେମାନେ ଦୁହେଁ ଶିକାରୀ ଓ ବ୍ୟବସାୟୀ। ସେମାନେ ବାଘଛାଲ ଗୋଟିକୁ ୧ ଲକ୍ଷ ଟଙ୍କାରେ ବିକ୍ରି କରୁଛନ୍ତି।


ବନ୍ୟଜନ୍ତୁ ଏବଂ ଧନଜୀବନ ସୁରକ୍ଷା ପାଇଁ ବିଦ୍ୟୁତ୍ ସତର୍କତା

ଜଙ୍ଗଲ ଭିତରେ ଅନଧିକୃତ ଭାବେ ବିଦ୍ୟୁତ୍ ତାର ବିଛାଇ ବିଦ୍ୟୁତ୍ ସଂଯୋଗ କରନ୍ତୁ ନାହିଁ ।





ଫସଲ ସୁରକ୍ଷା ପାଇଁ ବାଡ଼ି ବଗିଚାର ଚତୁପାର୍ଶ୍ୱରେ ଥିବା ତାର ବାଡ଼ରେ ବିଦ୍ୟୁତ୍ ସଂଯୋଗ କରନ୍ତୁ ନାହିଁ ।

ଘରର ବିଦ୍ୟୁତ୍ ସଂଯୋଗ ଅନଧିକୃତ ଭାବେ ଅନ୍ୟ ସ୍ଥାନକୁ ବିସ୍ତାର କରନ୍ତୁ ନାହିଁ



ଏହି ସବୁ କାର୍ଯ୍ୟ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ ଏବଂ ମନୁଷ୍ୟ, ବନ୍ୟଜନ୍ତୁ ମାନଙ୍କ ଜୀବନହାନିର କାରଣ ହୋଇପାରେ। ଏଭଳି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ। ଯଦି ଏହି ବେଆଇନ କାମ କାହାର ନଜରରେ ଆସୁଛି, ତେବେ ସ୍ଥାନୀୟ ବିଦ୍ୟୁତ୍ ବିତରଣ ସଂସ୍ଥାକୁ ଓ ଜଙ୍ଗଲ ବିଭାଗକୁ ତୁରନ୍ତ ଜଣାନ୍ତୁ।

ବିଦ୍ୟୁତ୍ ସୁରକ୍ଷା ଆପଣାନ୍ତୁ ଧନଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR: 04025/13/0013/2526 DSPL-183

# କିସ୍ ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କଲେ ରାଜ୍ୟପାଳ



ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ଏବଂ ତାଙ୍କ ଧର୍ମପତ୍ନୀ ଡ. ଜୟଶ୍ରୀ କମ୍ଭମପତି ଆଜି କିଟ୍, କିସ୍ ଓ କିମ୍ସ ପରିଦର୍ଶନରେ ଆସି କିସ୍ର ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। କିସ୍ ପିଲାଙ୍କ ସହ ବସି ମଧ୍ୟାହ୍ନଭୋଜନ କରିବାରେ କମ୍ଭମପତି ହେଉଛନ୍ତି ଓଡ଼ିଶାର ପ୍ରଥମ ରାଜ୍ୟପାଳ। ଗୁରୁବାର ପୂର୍ବାହ୍ନରେ ରାଜ୍ୟପାଳ ଡ. କମ୍ଭମପତି ସପତ୍ନୀକ କିଟ୍ ରେ ପହଞ୍ଚିବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ ରାଜ୍ୟପାଳ କିଟ୍ର ବିଭିନ୍ନ କ୍ୟାମ୍ପସ୍ ଓ କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ପରିଦର୍ଶନ ସମୟରେ ସେ ବିଭିନ୍ନ ସ୍କୁଲ୍ ବୁଲିବା ସହ ସେଠାରେ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ରୁରାଲ ମ୍ୟାନେଜମେଣ୍ଟ କ୍ୟାମ୍ପସ୍ ରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ସେମାନଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟପାଳ କିଟ୍ର ଆକର୍ଷଣୀୟ ସ୍କଲ୍ପଚର୍ ପାର୍କ ପରିଦର୍ଶନ କରି ବିମୋହିତ ହୋଇଥିଲେ। ଏଠାରେ ପଥରରେ ଆଧ୍ୟାତ୍ମିକ ଓ ଶିକ୍ଷାର ସମନ୍ୱୟ ଦେଖି ସେ ଆଶ୍ଚର୍ଯ୍ୟ ହୋଇଥିଲେ। ସେହିପରି ସେ କିଟ୍ର ଗୋଲାପ ବଗିଚା, ଲ ସ୍କୁଲ୍, ବାୟୋଟେକ୍ନୋଲୋଜି, କିମ୍ସ, କିମ୍ସ ସୁପର ସ୍ପେଶିଆଲିଟି ହସ୍‌ପିଟାଲ୍ ଓ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ କ୍ୟାମ୍ପସ ପରିଦର୍ଶନ କରିଥିଲେ। କିସ୍ ରେ ପହଞ୍ଚିବା ପରେ କିସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ କରାଯାଇଥିଲା। ପରେ କିସ୍ ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ଏଠାରେ ସୂଚନାଯୋଗ୍ୟ, ରାଜ୍ୟପାଳ କିସ୍ ପରିଦର୍ଶନ ସମୟରେ କିସ୍ ପିଲାଙ୍କ ସହ ମଧ୍ୟାହ୍ନଭୋଜନ ପାଇଁ ଇଚ୍ଛା ପ୍ରକଟ କରିଥିଲେ। ମଧ୍ୟାହ୍ନଭୋଜନ କରିବା ପରେ ସେ ପିଲାମାନଙ୍କ ସହ ଦୀର୍ଘ ସମୟ ଅତିବାହିତ କରି ସେମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏତେ ସଂଖ୍ୟକ ପିଲାଙ୍କ ସହ ଏକାଠି ବସି ମଧ୍ୟାହ୍ନଭୋଜନ କରିବା ତାଙ୍କୁ ବେଶ ଆମୋଦିତ କରିଥିଲା। ସମସ୍ତ କ୍ୟାମ୍ପସ ପରିଦର୍ଶନ ପରେ ଓଡ଼ିଶାରେ କିଟ୍ ଓ କିସ୍ ଭଳି ଅନୁଷ୍ଠାନ ଅଛି ଜାଣି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଇଂଜିନିୟରିଂ ପୃଷ୍ଠଭୂମି ଥିବା ଜଣେ ଶିକ୍ଷାବିତ୍ ଭାବେ ସେ କିଟ୍ ଓ କିସ୍ର ଶୈକ୍ଷିକ ପରିବେଶ ଦେଖି ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ରାଜ୍ୟପାଳଙ୍କ କିସ୍ ପରିଦର୍ଶନ ସମୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିସ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ "ସିଡ୍ ବଲ୍' ଆବଣ୍ଟନ

କଟକ, (ସ୍ୱପ୍ର): ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ଓଡ଼ିଶା ଶାଖା ସହାୟତାରେ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ରୋଭର୍ସ ଓ ରେଞ୍ଜର୍ସମାନେ ବାଙ୍କି ସ୍ଥିତ ଚର୍ଚ୍ଚିକା ମନ୍ଦିର, ଅଂଶୁପା ହ୍ରଦ ଓ ଦେବୀଦ୍ୱାର ଭଳି ପ୍ରମୁଖ ପର୍ଯ୍ୟଟନ ଓ ଧାର୍ମିକ ସ୍ଥଳୀଗୁଡ଼ିକରେ "ସିଡ୍ ବଲ୍' (ଫଳଗଛର ବୀଜ ଥିବା ବଲ୍) ଆବଣ୍ଟନ କରିଥିଲେ । ଲୋକେ କିପରି ନିଜ ଘର ଚାରିପାଖ, ପଡ଼ିଆ ଓ ଗୋଚର ଜମିରେ ଏସବୁ ମଞ୍ଜି ଥିବା ବଲଗୁଡ଼ିକୁ ଲଗାଇପାରିବେ, ସେଥିପାଇଁ ଘରକୁ ଘର ବୁଲି ସଚେତନ କରାଇବା ସାଙ୍ଗକୁ ଏସବୁ ସିଡ୍ ବଲ୍ ବା ମଞ୍ଜି ଥିବା ବଲ୍ ବିତରଣ କରିଥିଲେ । ବିଶେଷକରି ଚର୍ଚ୍ଚିକା ମନ୍ଦିର ଓ ଅଂଶୁପା ହ୍ରଦରେ, ରୋଭର ଏବଂ ରେଞ୍ଜର ମାନଙ୍କ ଦ୍ୱାରା ୧୦୦ରୁ ଅଧିକ ପର୍ଯ୍ୟଟକଙ୍କୁ ମଞ୍ଜିଥିବା ପ୍ୟାକ୍ ବଣ୍ଟାଯାଇଥିଲା । ସ୍ଥାନୀୟ ଲୋକ ଓ ପର୍ଯ୍ୟଟକମାନେ ମଧ୍ୟ ଏଥିପ୍ରତି ଆଗ୍ରହ ପ୍ରକାଶ କରିଥିଲେ ଓ ନିଜ ଅଞ୍ଚଳରେ ସିଡ୍ ବଲ୍ଲଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅଭିଯାନ ପରିବେଶ ସୁରକ୍ଷାରେ ଯୁବ ଶକ୍ତିର ଉଦ୍ୟମକୁ



ପ୍ରମାଣିତ କରିଥିଲା । ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ତଥା ରୋଭର ସ୍କାଉଟ୍ ଲିଡର ଡ. ସନ୍ଦୀପ ରାଉତଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇଥିଲା । ସେଥିପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରଶାସନ, କୁଳପତି ପ୍ରଫେସର ତେଜପ୍ରତାପ, ଛାତ୍ର କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଜୟପ୍ରକାଶ ଭଞ୍ଜ, ମାନବସମ୍ବଳ ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ, ଆଡମିଶନ୍ ବିଭାଗ ଉପନିର୍ଦ୍ଦେଶକ ଡ. ମଳୟ ମଲ୍ଲ ପ୍ରମୁଖ ରୋଭର୍ସ ଓ ରେଞ୍ଜର୍ସମାନଙ୍କୁ ସାଧୁବାଦ ଜଣାଇଥିଲେ ।

## ରାଜ୍ୟପାଳଙ୍କୁ ଭେଟି ମହିଳାଙ୍କୁ ନ୍ୟାୟ ଦାବିରେ

# ୮ଟି ବିରୋଧୀ ଦଳ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟିଙ୍କୁ ଭେଟି ମହିଳାଙ୍କୁ ନ୍ୟାୟ ଦାବିରେ ରାଜ୍ୟର ୮ଟି ବିରୋଧୀ ଦଳ ତରଫରୁ ଗୁରୁବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ଓଡ଼ିଶାରେ ମହିଳାଙ୍କ ବିରୁଦ୍ଧରେ ବଢୁଥିବା ଅପରାଧ ଓ ବ୍ୟବସ୍ଥାଗତ ବିଫଳତା ସମ୍ପର୍କରେ ନ୍ୟାୟ ଦାବି କରି ଏହି ୮ଟି ବିରୋଧୀ ଦଳର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ସ୍ମାରକପତ୍ରରେ ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି । ମହିଳା ବିଚାରପତିଙ୍କ ନେତୃତ୍ୱ ରେ ଏକ ବିଚାର ବିଭାଗୀୟ ତଦନ୍ତ କମିଶନ ଗଠନ କରାଯାଉ, ଯାହା ମହିଳାଙ୍କ ବିରୁଦ୍ଧରେ ଅପରାଧର କାରଣ ଓ ବ୍ୟବସ୍ଥାଗତ ବିଫଳତା ସମ୍ପର୍କରେ ତଦନ୍ତ କରି ୬୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ଦାବି କରାଯାଇଛି



। ପୁଲିସ୍ ବ୍ୟବସ୍ଥାରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବା ପାଇଁ ମିଳିତ ବିରୋଧୀ ଦଳ ଦାବି କରିଛନ୍ତି । ମହିଳାଙ୍କ ବିରୁଦ୍ଧରେ ହିଂସା ରୋକିବା ପାଇଁ କଡ଼ା ଆଇନ ପ୍ରଣୟନ କରାଯାଉ । ମହିଳାଙ୍କୁ ଦକ୍ଷତା ବିକାଶ ଓ ରୋଜଗାର ଯୋଗାଇ ଅର୍ଥନୈତିକ ଭାବେ ସଶକ୍ତ ଏବଂ ସ୍ୱାବଲମ୍ବନ କରାଯାଉ । ପୋଲିସ ଷ୍ଟେସନରେ ଦୁଷ୍କର୍ମ ଏବଂ ଯୌନ ଅପରାଧ ରେକର୍ଡ ପାଇଁ ସ୍ୱତନ୍ତ୍ର ସେଲ୍ ଓ ଅନଲାଇନ ଏଫଆଇଆର ବ୍ୟବସ୍ଥା ଆରମ୍ଭ କରାଯାଉ । ଏହି ପ୍ରତିନିଧି ଦଳରେ କଂଗ୍ରେସର ରାଜ୍ୟ ସଭାପତି ଭକ୍ତ ଚରଣ ଦାସ,କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ସିପିଆଇର ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପଣିଗ୍ରାହୀ, ସିପିଆଇ(ଏମଏଲ)-ଲିବେରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସପି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆରଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ସାମିଲ ଥିଲେ ।

## ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

# ବିଜେପିରେ ଯୋଗ ଦେଲେ ଲଖନପୁର ବ୍ଲକର ନିର୍ବାଚିତ ଜନପ୍ରତିନିଧି

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଏବଂ ରାଜ୍ୟରେ ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟ ପଟେ ବିଜେଡି ଉପରୁ ଦଳୀୟ କର୍ମୀ ଓ ନେତାଙ୍କ ଆସ୍ଥା ହ୍ରାସ ପାଇଚାଲିଛି। ବିଜେଡି ଉପରୁ ଆସ୍ଥା ହରାଇ ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଅନେକ ବିଜେଡି ନେତୃବୃନ୍ଦ ଓ କର୍ମୀ ବିଜେପିରେ ଯୋଗଦାନ କରିଛନ୍ତି। ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତର ସରପଂଚ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ



ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଏବଂ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ମହାପାତ୍ର ପ୍ରମୁଖ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଲଖନପୁର ବ୍ଲକର ୧୦ ଜଣ ସରପଂଚ ବିଜେପିରେ ସାମିଲ ହେବା ଦ୍ୱାରା ସ୍ଥାନୀୟ ଅଂଚଳର ବିକାଶକୁ ଆଗେଇ ନେବା ପାଇଁ ସହାୟକ ହେବା ସହିତ ଦଳୀୟ ସଂଗଠନ ଆହୁରି ସୁଦୃଢ଼ ହୋଇଛି। ଆଗାମୀ ଦିନରେ ଅନେକ ସଂଖ୍ୟାରେ ବିଜେଡି କର୍ମୀ ବିଜେପିରେ ସାମିଲ ହେବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକର କଣ୍ଟେଇକେଲା ଗ୍ରାମ ପଂଚାୟତର ସରପଂଚ ଅଶୋକ କୁମାର ସେଠ୍, ରେମତା ଗ୍ରାମ ପଂଚାୟତର ସରପଂଚ ପ୍ରଫୁଲ୍ଲ କୁମାର ସିଂ, ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ନକଲି ପାସ୍‌ରେ ଲୋକସେବା ଭବନକୁ ପ୍ରବେଶ ଉଦ୍ୟମ, ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ): ନକଲି ପାସ୍‌ରେ ଲୋକସେବା ଭବନକୁ ବୁଧବାର ଦିନ ପ୍ରବେଶ ଉଦ୍ୟମ କରୁଥିବା ସନ୍ଦୀପ କୁମାର ପ୍ରଧାନ (୩୦) ନାମକ ଜଣେ ଯୁବକଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି।

ଲୋକସେବା ଭବନ ନଂ.୬ ଗେଟ୍‌ରେ ବୁଧବାର ଦିନ ଏତଲାକାରୀ ପୋଲିସ୍ ଡ୍ୟୁଟିରେ ମୃତୟନ ଥିଲେ। ଅପରାହ@ ୩.୪୨ରେ ସନ୍ଦୀପ ଏକ ନକଲି ସଚିବାଳୟ ପାସ୍ ସହିତ ଗେଟ୍‌ରେ ପ୍ରବେଶ କରିବାକୁ ଉଦ୍ୟେମ କରିଥିଲା। ସେ ପାସ୍ ପୋଲିସ ଯାଞ୍ଚ କରିବାକୁ କହିବାରୁ ସେ ଜୋର ଜବରଦସ୍ତ ଗେଟ୍ ଭିତରକୁ ପଶିବାକୁ ଚେଷ୍ଟା କରିବାରୁ ଏତଲାକାରୀ ପୋଲିସ ତାଙ୍କୁ ଅଟକାଇଥିଲେ। ଏହାପରେ ସନ୍ଦୀପ ନକଲି ପରିଚୟପତ୍ର ଛାଡି ଏଜି ଛକ ଆଡକୁ ଦୌଡ଼ି ପଳାଇ ଯାଇଥିଲା। ଏତଲାକାରୀ ପୋଲିସ୍ ତାକୁ ପିଛା କରି ଏଜି ଛକ ପାଖରେ କାବୁ କରିବା ପରେ ଅତିରିକ୍ତ ଡିସିପିଙ୍କ ପାଖରେ ହାଜର କରାଯାଇଥିଲା।

ପରେ ତାକୁ ଥାନାକୁ ନିଆଯାଇଥିଲା। କାର୍ଯ୍ୟରତ ପୋଲିସ ଅଫିସରଙ୍କ ଏତଲା ଆଧାରରେ ସନ୍ଦୀପକୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସନ୍ଦୀପ ଘର ରଣପୁର ଥାନା ଅନ୍ତର୍ଗତ ବାଲୁଗାଁ ଅଞ୍ଚଳରେ ବୋଲି ଏସିପି ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି।

# କର୍ପୋରେଟରଙ୍କ ନାଁରେ ପ୍ରତାରଣା ଅଭିଯୋଗ

ଭୁବନେଶ୍ୱର, (ସବ୍ୟୁ) : ବିଜେଡି କର୍ପୋରେଟର ଅମରେଶ ଜେନାଙ୍କ ନାଁରେ ପ୍ରତାରଣଶ ଅଭିଯୋଗ କରିଛନ୍ତି ଜଣେ ଯୁବତୀ । ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କ ବୟାନ ରେକର୍ଡ଼ କରିବା ସହ ଡାକ୍ତରୀ ମାଇନା କରାଇଛି ।

୨୦୨୩ ମସିହାରେ ପୀଡ଼ିତା ନାବାଳିକା ଥିଲେ । ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାପରେ ପ୍ରତାରଣା କରିଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ନାବାଳିକା ଥିବାରୁ ଅଭିଯୋଗ କରି ନଥିବା ଏତଲାରେ ଲେଖିବା ସହ ନ୍ୟାୟ ନମିଳିଲେ ଆତ୍ମାହୁତି ଦେବି ବୋଲି କହିଛନ୍ତି । ଏତଲାରେ କର୍ପୋରେଟରଙ୍କ ବିରୋଧରେ ସଂଗୀନ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଡାକ୍ତରୀ ମାଇନା ରିପୋର୍ଟ ଆସିଲେ ଏତଲାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି ।

## ଆୟଠୁ ଅଧିକ ୧୪୮% ସମ୍ପତ୍ତି ଠାବ

# ଜେଲ୍ ଗଲେ ବିଏମ୍‌ସି ଏଜିକ୍ୟୁଟିଭ୍ ଇଞ୍ଜିନିୟର

ଭୁବନେଶ୍ୱର, (ସବ୍ୟୁ): ବିଏମ୍‌ସିରେ କାର୍ଯ୍ୟରତ ଏଜିକ୍ୟୁଟିଭ ଇଞ୍ଜିନିୟର ଜଗନାଥ ପଟ୍ଟନାୟକ ଆୟଠୁ ଅଧିକ ୧୪୮% ସ୍ଥାବର ଅସ୍ଥାବର ଠୁଳ କରିଥିବା ଭିଜିଲାନ୍ସ ଠାବ କରିବା ପରେ ତାଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ଜଗନ୍ନାଥ ପଟ୍ଟନାୟକଙ୍କ ବରୋଧରେ ଜଙ୍ଗଲ ଆଇନୀ ଓ ଅସ୍ତ୍ରଶସ୍ତ୍ର ନିରୋଧ ଆଇନୀ ଲାଗୁ କରାଯାଇଛି। କାରଣ ତାଙ୍କ ଘରୁ ଦୁଇଟି ହରିଣ ସିଙ୍ଘ ଓ ଦେଶୀ ବନ୍ଧୁକ ଠାବ ହୋଇଛି। ଭିଜିଲାନ୍ସ ଠାବ କରିଥିବା ସ୍ଥାବର ଅସ୍ଥାବର ମୂଲ୍ୟ ଆନୁମାନିକ ୪୦ କୋଟି ହେବ।

ଭୁବନେଶ୍ୱର ବଡ଼ଗଡରେ ୩ ମହଲା କୋଠା, ରାୟଗଡ଼ା ଗୁଣୁପୁରରେ ଦୁଇଟି ୨ ମହଲା କୋଠା, ବଡ଼ଗଡ ଓ ଖଣ୍ଡଗିରିରେ ୩ଟି ମୂଲ୍ୟବାନ ପ୍ଲଟ, ବାଲିଅନ୍ତା ରଣପୁରରେ ୧.୫୭ ଡିସିମିଲ ଜମି ଉପରେ ଫାର୍ମହାଉସ୍ ଥିବା ବେଳେ ସେଠାରେ ଗୋଟିଏ ଦୁଇ ମହଲା କୋଠା ଓ ଗୋଟିଏ ଏକମହଲା କୋଠା ଅଛି। ମାଛ ପୋଖରୀ ସାଙ୍ଗକୁ ବିଭିନ୍ନ ପ୍ରକାର ଫଳ ଓ ପନିପରିବା ଗଛ ରହିଛି। ଦୁଇଟି ହରିଣ ସିଙ୍ଘ, ଦେଶୀ ବନ୍ଧୁକ, ୪୬୦ ଗ୍ରାମ ସୁନା ଅଳଙ୍କାର ୪୦ ଲକ୍ଷ ୩୫ ହଜାର ୩୭୧ ଟଙ୍କା ଜମା ଓ ବିଭିନ୍ନ କ୍ଷେତ୍ରରେ ବିନିଯୋଗ ହୋଇଥିବା ଜଣାପଡିଛି। ଗୋଟିଏ କାର୍ ଓ ୨ଟି ଦୁଇ ବାଇକ୍ ଓ ୭ ଲକ୍ଷ ଟଙ୍କାର ମୂଲ୍ୟବାନ ଗୃହଉପକରଣ ଭିଜିଲାନ୍ସ ଠାବ କରିଛି। ଭିଜିଲାନ୍ସ ଟେକ୍ନିକାଲ ଟିମ୍ ଠାବ ହୋଇଥିବା ସମ୍ପତ୍ତିର ମୂଲ୍ୟ ୪୦ କୋଟି ହେବ ବୋଲି କହିଛି।

## ରାସ୍ତାରେ ଭାସୁଛି ନର୍ଦ୍ଦମା ପାଣି; ଖୋର୍ଦ୍ଧାରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା

# ଡେଙ୍ଗୁକୁ ଆମନ୍ତ୍ରଣ କରୁଛି ପୌରପରିଷଦ

ଖୋର୍ଦ୍ଧା, (ଲଳିତ କୁମାର ମହାପାତ୍ର) : ଦୀପ ତଳ ଅନ୍ଧାର ଭଳି ରାଜଧାନୀ ଜିଲା ଖୋର୍ଦ୍ଧା ସହରର ପରିମଳ, ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଛି ।ଗଳିକନ୍ଦି ରାସ୍ତାର ଖାଲଖମାରେ ପରିଣତ ହୋଇଛି। ବର୍ଷ ବର୍ଷ ଧରି ଏହାକୁ ମରାମତି କରାଯାଉନାହିଁ। ଫଳରେ ସାମନ୍ୟ ବର୍ଷା ହେଲେ, ଏହା ଅତ୍ୟନ୍ତ କଦର୍ଯ୍ୟ ହୋଇପଡୁଛି। ସହରର ନାଳ ନର୍ଦ୍ଦମା କେଉଁଠି ଆରମ୍ଭ, କେଉଁଠି ଶେଷ ଏହାର କୌଣସି ପତା ନାହିଁ। ନାଳ ନର୍ଦ୍ଦମା ସଫା ହେଉନି। ନାଳ ଗୁଡିକରେ ଅନାବନା ଗଛପତ୍ର ମାଡି ପୋତି ହୋଇଗଲାଣି। ବର୍ଷା ହେଲେ ନାଳପାଣି ନିଷ୍କାସନ ନହୋଇପାରି ରାସ୍ତାରେ ଭାସୁଛି। ନାଳର ଅପରିଷ୍କାର ପାଣି ଦେଇ ଲୋକେ ଯାତାୟତ କରୁଛନ୍ତି। ମ୍ୟାଲେରିଆ, ଡେଙ୍ଗୁକୁ ଆମନ୍ତ୍ରଣ କରୁଛି। କେବଳ କୌଣସି ପର୍ବପର୍ବାଣୀ ଅଥବା ଉତ୍ସବ ଆସିଲେ, ଲୋକ ଦେଖାଣିଆ ଭାବେ ନାଳ ସଫା କରାଯାଉଛି। ବର୍ଷାସାରା ନାଳ ସଫା କରାଯାଉନଥିବା ସାଧାରଣରେ ଅଭିଯୋଗ ହୋଇଛି।



ଅନ୍ୟପକ୍ଷରେ ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଶୀର୍ଷ ସ୍ଥାନ ହାସଲ ଲାଗି ଖୋର୍ଦ୍ଧା ପରିଷଦ ପକ୍ଷରୁ ପାଣି ଭଳି ଅର୍ଥ ଖର୍ଚ୍ଚ କରାଯାଉଛି। ସ୍ୱଚ୍ଛ ସାଥିମାନେ ଘରକୁ ଘର ବୁଲି ଅଳିଆ ଉଠାଇବେ। ପ୍ରତ୍ୟେକ ଘରୁ ପୃଥକ ଭାବେ ଓଦା ଓ ଶୁଖିଲା ସଂଗ୍ରହ କରିବେ। ଏନେଇ ପୌର ପ୍ରଶାସନ ପକ୍ଷରୁ ସ୍ୱଚ୍ଛସାଥି, ସାନିଟାଇଜ କର୍ମଚାରୀଙ୍କୁ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ପ୍ରଦାନ କରାଗଲା। ସହରରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉଥିବା କୁହାଯାଉଥିବାବେଳେ ସହର କାନ୍ଥବାଡରେ ସ୍ୱଚ୍ଛ ଖୋର୍ଦ୍ଧା-ସୁସ୍ଥ ଖୋର୍ଦ୍ଧାର ବାର୍ତା ଦିଆଯାଇଛି। ମାତ୍ର କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ସହର ତାଳିକାରେ ଖୋର୍ଦ୍ଧା ପୌରାଂଚଳ ତାଲିକାରେ ସ୍ଥିତି ନୈରାଶ୍ୟ ଜନକ ରହିଛି। ଚଳିତବର୍ଷ ପ୍ରକାଶିତ ତାଳିକାରେ ଖୋର୍ଦ୍ଧାର ସ୍ଥାନ ୬୯ରେ ରହିଛି। ଯାହା ଗତବର୍ଷ ଅପେକ୍ଷା ନୈରାଶ୍ୟଜନକ ରହିଛି। ଗତବର୍ଷ ଖୋର୍ଦ୍ଧା ୨୦ନଂ ସ୍ଥାନରେ ରହିଥିଲା। ଅପରପାଶ୍ୱର୍ରେ ବିଭିନ୍ନ ସ୍ଥାନରେ ଅଳିଆ ପଡି ରହୁଥିବା ଦେଖିବାକୁ ମିଳିଛି। ସାହି ଗଳିକନ୍ଦିରେ ଅଳିଆ ଜମାହୋଇ ପରିବେଶକୁ ପ୍ରଦୂଷିତ କରୁଛି। ଅଳିଆ ଗଦାରେ ଗୋରୁଗାଇ,

### ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ତଳମୁହାଁ ଖୋର୍ଦ୍ଧା

ବୁଲା କୁକୁର ଖାଦ୍ୟ ଲାଲସାରେ ଅଳିଆ ଗୁଡିକୁ ଏଣେତେଣେ ପକାଉଛନ୍ତି। ଫଳରେ ଅଳିଆ ଜମା ହୋଇ ରହୁଥିବା ସ୍ଥାନରେ ଆବର୍ଜନାମୟ ହୋଇ ରହୁଛି।

ଗୋଟିଏ ପଟେ ସ୍ୱଚ୍ଛ ଆଳରେ ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ଚାଲିଛି। ସହର କାନ୍ଥବାଡରେ ସ୍ୱଚ୍ଛ ଖୋର୍ଦ୍ଧା-ସୁସ୍ଥ ଖୋର୍ଦ୍ଧାର ବାର୍ତା ଦିଆଯାଇଛି। ଠିକା ସଂସ୍ଥା ଉପରେ ଅଳିଆ ଉଠାଇବା କାମ ଟେକି ଦେଇ କତୃପକ୍ଷ ଚୁପ ବସିଛନ୍ତି। ଅଳିଆ ଉଠୁଛି କି ନାହିଁ ତାହାର କୌଣସି ଖବର ପ୍ରଶାସନ ପକ୍ଷରୁ ରଖାଯାଉନାହିଁ। ସେହିପରି ଦୀର୍ଘ ଦିନ ଧରି ନାଳ ସଫା ହେଉନଥିବାରୁ ଅସରାଏ ବର୍ଷାରେ ନାଳନର୍ଦ୍ଦମା ପାଣି ନିଷ୍କାସନ ପାଣି ନିଷ୍କାସନ ହୋଇନପାରି ରାସ୍ତାରେ ଭାସୁଥିବା ଦେଖିବାକୁ ମିଳିଛି। ଡ୍ରେନରେ ଦୀର୍ଘ ଦିନ ଧରି ନର୍ଦ୍ଦମା ପାଣି ଜମି ରହିଥିବାରୁ ମଶାଙ୍କ ପାର୍ଦୁଭାବ ବଢିବାରେ ଲାଗିଛି। ତୁରନ୍ତ ନାଳ ସଫା ନହେଲେ ଆଗାମୀ ଦିନରେ ମ୍ୟାଲେରିଆ ଓ ଡେଙ୍ଗୁ ବ୍ୟାପିବା ଆଶଙ୍କା ରହିଛି। ଖୋର୍ଦ୍ଧା ସହରରେ ଅବସ୍ଥା ଏପରି ହୋଇଛି ଯେ, ଡ୍ରେନର କେଉଁଠି ଆରମ୍ଭ କେଉଁଠି ଶେଷ, ଏ ସମ୍ପର୍କରେ ନା ପୌର ପ୍ରଶାସନ ନା ଡ୍ରେନେଜ ବିଭାଗ କାହା ପାଖରେ ମଧ୍ୟ ସୂଚନା ନାହିଁ। ଉଭୟ ପରସ୍ପରକୁ କାଦୁଅ ଭିଙ୍ଗାଭିଙ୍ଗି ହେଉଛନ୍ତି। ସହରର ଅଧିକାଂଶ ଡ୍ରେନ ପ୍ରାୟ ପୋତି ହୋଇପଡିଲାଣି। ଅନେକ ଡ୍ରେନ ଗୁଡିକୁ ବର୍ଷ ବର୍ଷ ଧରି ସଫାକରାଯାଉନାହିଁ। ଫଳରେ ସହରୁ ବାହାରୁଥିବା ଅଳିଆ ଆର୍ବଜନା ପଡି ପୋତି ହେଲାଣି। ଯାହା ପୌରପ୍ରଶାସନର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି।

### ସାନଖେମୁଣ୍ଡି ଝାଡ଼ାବାନ୍ତିରେ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ ଭେଟିଲେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ବ୍ରହ୍ମପୁର, (ସବ୍ୟୁ): ଗଂଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଟି-ଗୋବିନ୍ଦପୁର ପଂଚାୟତର ଆଦିବାସୀ ଅଧ୍ୟୁଷିତ ଦାମପୁର ଗ୍ରାମରେ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ ଉପସଭାପତି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ନେତୃତ୍ୱରେ ଗସ୍ତ କରିଥିଲେ। ଗତ ଦୁଇ ଦିନ ଭିତରେ ପ୍ରାଣ ହରାଇଥିବା ସମ୍ୟାରୁ ମଲିକ, ସୁକୁରି ମଲିକ ଓ କାଁଦାରା ମଲିକଙ୍କ ପରିବାରବର୍ଗଙ୍କୁ ଭେଟି ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ସମବେଦନା ଜଣାଇଥିଲେ। ଏହାସହ ଅନ୍ୟ ଆକ୍ରାନ୍ତ ପରିବାରକୁ ଭେଟି ଆଲୋଚନା କରିଥିଲେ।



ଯିବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ସେଠାରେ ପହଞ୍ଚିଥିବା ଦେଖିବାକୁ ମିଳିଥିଲା। ଏମକେସିଜି ମେଡିକାଲ କଲେଜର ଏକ ବିଶେଷଜ୍ଞ ଦଳ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଉପସ୍ଥିତ ଥିବା ସମୟରେ ଆସି ପହଞ୍ଚିଥିଲେ। ଡାଇରିଆ ଜନିତ କୌଣସି ମୃତ୍ୟୁ ହୋଇନାହିଁ ବୋଲି ଗତକାଲି ବିଳମ୍ବିତ ସଂଧ୍ୟାରେ ଗଂଜାମ ସିଡିଏମ୍ଓ ଯେଉଁ ବିବୃତ୍ତି ଜାରି କରିଛନ୍ତି ତାହା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ଦାସବର୍ମା କହିଛନ୍ତି। ଉପସ୍ଥିତ ଡାକ୍ତର ଓ ସିଡିପିଓଙ୍କ ସହ ଆଲୋଚନା କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଟିମରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ଶ୍ରୀମତୀ ଲତିକା ପ୍ରଧାନ, ରଞ୍ଜିତା ସାହୁ, ନନ୍ଦିନୀ ଦେବୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀମତୀ ଅଞ୍ଜଳି ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ସୁବାଷ ମହାରଣା, ଯୋଗେନ୍ଦ୍ର ସ୍ୱାଇଁ, ଧରାକୋଟ ଓ ସାନଖେମୁଣ୍ଡି ବ୍ଲକ ବିଜେଡି ସଭାପତି, ଜିଲ୍ଲା ପରିଷଦ ସଭ୍ୟ ଏବଂ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

## ପୋଡାମାରି ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ଷେ ହେଲା ନାହାଁନ୍ତି ଡାକ୍ତର

ସ୍ଥିତି ଅନୁଧ୍ୟାନ କରିଲା ବେଳେ ଜଣାପଡିଲା ଗତ ଏକ ବର୍ଷ ଧରି ଜଳଯୋଗାଣ ପାଇଁ ଉର୍ଦ୍ଧଷ୍ଟ ପାଣି ଟାଙ୍କି ସଫା ହୋଇନଥିଲା। ଗ୍ରାମବାସୀ ନିର୍ଭର କରୁଥିବା ପୋଡାମାରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ବି ଡାକ୍ତର ନାହାନ୍ତି। ଅଂଚଳରେ ପରିମଳ ବ୍ୟବସ୍ଥା ତଦାରଖ କରିବେ ପାଇଁ ଆବଶ୍ୟକ କର୍ମଚାରୀ ମଧ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି। ଝାଡ଼ାବାନ୍ତି ବ୍ୟାପିବା ଖବର ମିଳିଲା ପରେ ମଧ ସରକାରୀ ଉଦାସୀନତା ଲାଗି ତିନୋଟି ଅମୂଲ୍ୟ ଜୀବନ ଚାଲିଯିବା ବିଷୟ ଗ୍ରାମବାସୀ କହିଥିଲେ। ଆଜି ସକାଳୁ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ

# ପ୍ରଦେଶ କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ସବ୍ୟୁ): ବାଲେଶ୍ୱରର ଛାତ୍ରୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଓ ବଳଙ୍ଗା ନାବାଳିକା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିବସ ପାଳନ କରାଯାଇଛି। କଂଗ୍ରେସ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ,ଜଗନ୍ନାଥ ପଟ୍ଟନାୟକ,ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର ,ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ,ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ଏବଂ ବହୁ ମହିଳା କଂଗ୍ରେସ ନେତ୍ରୀ ବାଲେଶ୍ୱରର ଦିବଂଗତା ଛାତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇବା ସହ ୧ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ବଳଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ପିସିସି ସଭାପତି ମଧ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିଲେ । ବାଲେଶ୍ୱର ପୀଡିତାଙ୍କ ପାଇଁ ପ୍ରତୀତାତ୍ମକ ଭାବେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ପ୍ରାର୍ଥନା ସଭା ହୋଇଥିଲା । ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିବା ପ୍ରତ୍ୟେକ ଶିକ୍ଷାନୁଷ୍ଠାନ, ସଂଗଠନ ଏବଂ ସମସ୍ତ ମହିଳା ସମାଜକୁ କୃତଜ୍ଞତା ଜ୍ଞାପନ କରିଛନ୍ତି ପିସିସି ସଭାପତି ଶ୍ରୀ ଦାସ।



ବରିଷ୍ଠ ନେତା ସୁଧାଂଶୁ ଦେଓ ଓ ବାଣୀବିହାର ଛାତ୍ର ସଂସଦର ପୂର୍ବତନ ସଭାପତି ଆଇନଜୀବୀ ହିମାଂଶୁ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ମୁଖପାତ୍ର ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଶିବାନନ୍ଦ ରାୟ, ସୁଦର୍ଶନ ଦାସ, ଦେବାଶିଷ ଭୁୟା, ରଜନୀ ମହାନ୍ତି, ରାଜୀବ ପଟ୍ଟନାୟକ, ସୁବ୍ରତ ମହାପାତ୍ର,ଗୀତାଞ୍ଜଳି ମହାନ୍ତି, ଜୟଶ୍ରୀ ପାତ୍ର,ପ୍ରଣତି ମିଶ୍ର, ଅଶୋକ ଦାସ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଯୋଗଦେଇଥିଲେ ।




ଅଭିଶେକ୍ ତ୍ରିପାଠୀଙ୍କ ଦ୍ୱାରା ଲିଖିତ ପୁସ୍ତକ ପବ୍ଲିକ୍ ପ୍ରେସିଡେଣ୍ଟଙ୍କୁ ଉନ୍ମୋଚନ କରୁଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମଞ୍ଚରେ ଅଛନ୍ତି ସାଂସଦ ଭର୍ତ୍ତୃହରି ମହତାବ

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

ବ୍ରହ୍ମପୁର, (ସବ୍ୟୁ) ବ୍ରହ୍ମପୁର ସହରର ରାସ୍ତା ଘାଟ, ଡ୍ରେନେଜ ସମସ୍ୟା ସମେତ ଗଂଜାମ ହାଟ, ମିଶନ ଶକ୍ତି ଗୃହ (ଟାଟା ବେଞ୍ଜ ସ୍କୁଏର୍), ପୁରୁଣା ବସ ଷ୍ଟାଣ୍ଡରେ ମଲ୍ଟିପାର୍କିଂ ସ୍ଥଳ, ଗିରି ମାର୍କେଟ କମ୍ପ୍ଲେକ୍ସ ଉପରେ ଆଲୋଚନା, କାମ୍ପୋ ସାହିର ପୁରୁଣା ଗଜପତି ଲାଇବ୍ରେରୀ, ଗାନ୍ଧୀନଗର ମେନ୍ ରୋଡ଼ର ଇରିଗେସନ କ୍ୱାର୍ଟର୍ସ ପ୍ରମୁଖ ଉନ୍ନୟନ କାର୍ଯ୍ୟ ଉପରେ ସର୍ବେକ୍ଷଣ କରିଥିଲେ । ବ୍ରହ୍ମପୁର ବିଧାନସଭା ମଣ୍ଡଳୀର ସାମଗ୍ରିକ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରି ବିକାଶକୁ ଆଗେଇ ନେବାକୁ ସେ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବିଡ଼ିଏ ସଚିବ, ସିଟି ଇଞ୍ଜିନିୟରଙ୍କ ସହିତ ବିଧାୟକ ପ୍ରତିନିଧି ତଥା ଆଇନଜୀବୀ ଅଶୋକ କୁମାର ଶୁକ୍ଳ ଉପସ୍ଥିତ ଥିଲେ ।

# ମୟୂରଭଞ୍ଜ ଜିଲ୍ଲାର ମିଳିତ ବିରୋଧୀଦଳ ପକ୍ଷରୁ ସୌମ୍ୟଶ୍ରୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ମିଳିତ ବିରୋଧୀଦଳ ପକ୍ଷରୁ ଫକୀରମୋହନ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ ସୌମ୍ୟଶ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଜଗନ୍ନାଥ ମନ୍ଦିର ନିକଟରେ ରବି ଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶାସକ ବିଜେପିର ଓଡ଼ିଆ ଅସ୍ମିତାର ସୁଭଦ୍ରା ଶ୍ରୀ ଓ ଏବେ ଶକ୍ତି ଶ୍ରୀ ର ଢୋଂଗି ସ୍ଲୋଗାନ ଭିତରେ ରାଜ୍ୟରେ ବ୍ୟବସ୍ଥାକୃତ ମହିଳା ଉତ୍ପୀଡନ ଓ ହତ୍ୟାରେ ଦୈନନ୍ଦିନ ଶୀକାର ମହିଳା ଶିକ୍ଷାୟତନ ଠାରୁ ସାମାଜିକ ସ୍ତର ପର୍ଯ୍ୟନ୍ତ ଗଣମାଧ୍ୟମର ଶିରୋନାମ ପାଲଟିଛି। ପ୍ରତିଦିନ ପ୍ରତି ମୁହୁର୍ତ୍ତରେ ମହିଳାଙ୍କ ପ୍ରତି ହିଂସା ବଢ଼ି ବଢ଼ି ଚାଲିଛି। ଶିକ୍ଷାୟତନରେ ଗୁରୁ ଦକ୍ଷିଣାର ବାବଦରେ ଗୁରୁ କାମୁକ ପାଲଟିଛି। ରକ୍ଷକ ଭକ୍ଷକ ସାଜୁଛି। ଆମ ଓଡ଼ିଶା ଅପରାଧୀଙ୍କ ନିର୍ଭୟ ଭୂସ୍ୱର୍ଗ ପାଲଟିଛି। ଏହାର କମା ପୂର୍ଣ୍ଣଛେଦ ନାହିଁ। ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ଘଟଣା, ହରିଚନ୍ଦନପୁର ଗଣଦୁଷ୍କର୍ମ ଓ ହତ୍ୟା, ଫକୀରମୋହନ ମହାବିଦ୍ୟାଳୟର ଏହି ଛାତ୍ରୀ ଆତ୍ମହତ୍ୟା,



ନିମାପଡ଼ା ବଳଙ୍ଗାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ନାବାଳିକାକୁ ଜିଅନ୍ତା ଜାଳି ଦେବା ଘଟଣାଭଳି ଅନେକ ଘଟଣା ଘୋର ଲଜ୍ଜିତ କରିଛି। ପୂର୍ବେ ଭାରତର ମହିଳା ମାନଙ୍କ ପ୍ରତି ଥିବା ସମ୍ମାନ ପାଇଁ ବିଦେଶରେ ପର୍ଯ୍ୟଟକ ଭାରତ ଆସିବାବେଳେ, ବିଦେଶୀ ପର୍ଯଟନ ସଂସ୍ଥା ସୂଚାଉ ଥିଲେ, ଭାରତରେ ମହିଳା ମାନଙ୍କୁ ସାମାଜିକ ସ୍ତରରେ ସ୍ୱତନ୍ତ୍ର ସମ୍ମାନ ଥିବାରୁ ପାଶ୍ଚାତ୍ୟ ସଭ୍ୟତା କ୍ରମରେ ଆଲିଙ୍ଗନ ନକରି ନତମସ୍ତକ ହୋଇ ନମସ୍କାର କରିବାକୁ ନିର୍ଦ୍ଦେଶ ଦେଉଥିଲେ। ଏବେ ମୋଦିଙ୍କ ତୃତୀୟ ପାଳି ଓ ଓଡ଼ିଶାର ମହିଳା ଉପମୁଖ୍ୟମନ୍ତ୍ରୀ ସମୟରେ ଭାରତ ବିଶେଷ କରି ଓଡ଼ିଶାରେ ମହିଳାଙ୍କ ପାଇଁ ସୁରକ୍ଷା ନଥିବାରୁ ବିଦେଶୀ ପର୍ଯ୍ୟଟକ ଏଠାକୁ ନଆସିବା ପାଇଁ ଏସଓପି ଜାରି କଲେଣି। ଏହାଠାରୁ ନିନ୍ଦା ଅପବାଦ ଅଧିକ କଣ ହୋଇପାରେ କ୍ଷମତା ପାଇଁ ମହିଳା ସଶକ୍ତି କରଣ ନାମରେ ରାଜନୀତି କରଣ ନକରି ପ୍ରତ୍ୟେକ ମହିଳାଙ୍କ ସୁରକ୍ଷା ଓ ସମ୍ମାନକୁ ଦୃଢିଭୂତ କଲେ ଝିଅ ସୌମ୍ୟଶ୍ରୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇ ପାରିବ ବୋଲି ମୟୂରଭଞ୍ଜ ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର କହିଛନ୍ତି। ମହିଳାଙ୍କ ପ୍ରତି ଅସଦାଚରଣ ଓ ଅପରାଧରେ ବିଜେପିର ଡବଲ ଇଞ୍ଜିନ ସରକାର ବିଶ୍ୱ ଦରବାରରେ ଭାରତକୁ ସ୍ୱତନ୍ତ୍ର ପରିଚୟ ଦେଲାଣି, ଯାହାକି ନିନ୍ଦନୀୟ ଏବଂ ଉଭୟ ସରକାରଙ୍କ ପାରିବା ପଣିଆକୁ ତଳୁ ଉପରସ୍ତର ପର୍ଯ୍ୟନ୍ତ ପ୍ରଶ୍ନ କରୁଛି। ନାରୀ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଗଲେ ସୌମ୍ୟଶ୍ରୀଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି କଂଗ୍ରେସର ପୂର୍ବତନ ଟାଉନ ସଭାପତି ଶାନ୍ତନୁ ପାଲ କହିଛନ୍ତି। ଆଜିର ଏହି ଶ୍ରଦ୍ଧାଞ୍ଜଳି ସଭାରେ ସିପିଆଇ ପକ୍ଷରୁ ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ସଞ୍ଜିବ ବାରିକ, ଶ୍ରୀକାନ୍ତ ବୌଷ, ସୁବାଷିନୀ ବିନ୍ଧାଣି, ନିରଞ୍ଜନ ନାୟକ, ପ୍ରସନ୍ନ ପାତ୍ର, ସିପିଏମ ପକ୍ଷରୁ ଅମଲ ଦେ, ଅଖୟ ଖୁଣ୍ଟିଆ, ସେକ ରିଜୁଆନ, ରଞ୍ଜିତା ରାଉତ୍ ଓ କଂଗ୍ରେସର ନିର୍ମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ପଦ୍ମିନୀ ରଥଙ୍କ ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର): ସ୍ଥାନୀୟ ୫୨ନଂ ୱାର୍ଡ ରାଜେନ୍ଦ୍ରନଗର ସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ପଦ୍ମିନୀ ରଥଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସର୍ବମଙ୍ଗଳା ମହଲାସଭାର ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ ସହ ଆମର ଆତ୍ମାର ସଦ୍‌ଗତି ପାଇଁ ଦେବଦେବୀଙ୍କ ନିକଟରେ ଦୀପଦାନ, ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା ପଦ୍ମିନୀ ରଥଙ୍କ ଗୁଣାବଳୀର ସ୍ମୃତିଚାରଣ କରିଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସର୍ବ ମଙ୍ଗଳା ମହଲା ସଭାର ଉପ ସଭାପତି ରାଜେନ୍ଦ୍ର କୁମାର ଷଡଙ୍ଗୀ, ସମ୍ପାଦକ ସରୋଜ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ବେହେରା,



କୋଷାଧ୍ୟକ୍ଷ ଶୁଭେନ୍ଦୁ କୁମାର ମିଶ୍ରଙ୍କ ସମେତ ଉଲ୍ଲାସ କୁମାର ପାଇକରାୟ, ଗିରିଜା ଶଙ୍କର ମହାନ୍ତି, ନିହାରକାନ୍ତ ରାୟ, ଅଜିତ୍ କୁମାର କାଳିଆ, ପ୍ରମୋଦ କୁମାର ମହାନ୍ତି, ସପନ କୁମାର ଜେନା ଏବଂ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ ଯୋଗଦେଇଥିଲେ । ଏହି ଅବସରରେ ରଥ ପରିବାର ପକ୍ଷରୁ ଇଂ ଦୁର୍ଗା ପ୍ରସାଦ ରଥ ଓ ଶିବ ପ୍ରସାଦ ରଥ ମହଲା ସଭାର କର୍ମକର୍ତ୍ତା, ସାହି ମୁରବୀ, ବରିଷ୍ଠ ନାଗରିକ ଓ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରାଧ୍ୟାପକ ଲୋକନାଥ ବେହେରା, ପ୍ରଶାନ୍ତ କୁମାର ତ୍ରିପାଠୀ, ସୁଶାନ୍ତ କଅଁର, ଅରବିନ୍ଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମା' ପୁଅକୁ ପିସ୍ତଲ, ଛୁରୀ ଦେଖାଇ ତିନି ଲକ୍ଷ ଟଙ୍କା ଲୁଟ୍

ଆସିକା, (ସବ୍ୟୁ): ଆସିକା ଥାନା ଅନ୍ତର୍ଗତ ନୂଆ ପଲ୍ଲୀ-ରଷିପୁର ଗ୍ରାମ୍ୟ ରାସ୍ତାରେ ରଷିପୁର ଗ୍ରାମର ସବିତା ବେହେରା ଲୁଟର ଶିକାର ହୋଇଛନ୍ତି। ରଷିପୁର ଗ୍ରାମର ମା ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠି ଛଅଜଣିଆ ମହିଳା ଗ୍ରୁପର ତିନି ଲକ୍ଷ ଟଙ୍କା ଅର୍ଥ ରାଶି ଆଜି ଆକ୍ସା ୟୁନିୟନ ବ୍ୟାଙ୍କରୁ ଉଠାଇ କନା ବ୍ୟାଗରେ ରଖି ପୁଅ ବିକ୍ରମ ବେହେରା ସହ ନିଜ ଗାଁ କୁ ସବିତା ବାଇକରେ ଫେରୁଥିବା ବେଳେ ନିଛାଟିଆ ରାସ୍ତାରେ ଚାରି ଦୁର୍ବୃର୍ତ୍ତ ଅଟକାଇ ଲୁଟ କରିଛନ୍ତି। ଦୁଇଟି ବାଇକ୍‌ରେ ଚାରି ଦୁର୍ବୃର୍ତ୍ତ ମୁହଁରେ ମୁଖା ବାନ୍ଧି ଅଚାନକ ସବିତା ଓ ବିକ୍ରମକୁ ରାସ୍ତାରେ ଅଟକାଇ ଥିଲେ। ଦୁର୍ବୃତ୍ତ ମାନେ ଉଭୟଙ୍କୁ ବାଇକ୍‌ରୁ ଠେଲି ତଳେ ପକାଇ ଦେଇଥିଲେ। ପିସ୍ତଲ ଓ ଛୁରୀ ଦେଖାଇ ଭୟଭୀତ କରି ସେମାନେ ଧରିଥିବା ଟଙ୍କା ଓ ପରିବା ଦୁଇଟି ବ୍ୟାଗକୁ ଲୁଟି ନେଇ ଚମ୍ପଟ ମାରିଛନ୍ତି। ଘଟଣା ସ୍ଥଳରେ ଆସିକା ଥାନା ଭାରପ୍ରାପ୍ତ ପୋଲିସ ଅଧିକାରୀ କୁଳମଣି ସେଠୀ ସ୍ୱତନ୍ତ୍ର ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସ୍ଥାନୀୟ ଅଞ୍ଚଳର ସିସିଟିଭିକୁ ବି ଯାଞ୍ଚ କରୁଥିବା ଜଣାଯାଇଛି ।

# ଅନ୍‌ଲାଇନ୍ ଟ୍ରେଡିଂ ନାଁରେ ଲକ୍ଷାଧିକ ଠକେଇ

ବ୍ରହ୍ମପୁର, (ସବ୍ୟୁ): ଅନଲାଇନ ଟ୍ରେଡିଂ ନାଁରେ ଜଣେ ଡାକ୍ତରଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକେଇ ହୋଇଛି । ଏନେଇ ଡାକ୍ତର ଜଣକ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି । ସୂଚନାପ୍ରକାରେ, ଗାନ୍ଧୀନଗରରେ ରହୁଥିବା ଏହି ଡାକ୍ତର ଜଣଙ୍କ ଅନଲାଇନ ଟ୍ରେଡିଂ କରି କୋଟିପତି ହବା ନିଶାରେ ଏକ ଟ୍ରେଡିଂ ଆକାଉଣ୍ଟ ଖୋଲି ସେଥିରେ ପ୍ରଥମେ କିଛି ଟଙ୍କା ନିବେଶ କରିଥିଲେ । ପ୍ରାଥମିକ ପର୍ଯ୍ୟାୟରେ ତାଙ୍କ ଟ୍ରେଡିଂ ଆକାଉଣ୍ଟକୁ କିଛି କମିଶନ ଆସିଥିଲା । ଯାହା ତାଙ୍କ କୋଟିପତି ହେବା ନିଶାକୁ ବଢାଇ ଦେଇଥିଲା । ଏହାପରେ ସେ ନିଜ ପାଖରେ ଥିବା ସମସ୍ତ ଟଙ୍କା ନିବେଶ କରିବା ସହ ପରିଚିତ ଲୋକଙ୍କ ଠାରୁ ଟଙ୍କା ଆଣି ନିବେଶ କରିଥିଲେ । ଏହିପରି ଭାବେ ସେ ପ୍ରାୟ ୭୦ ଲକ୍ଷ ଟଙ୍କା ନିବେଶ କରିଥିବା ନିଜ ଅଭିଯୋଗରେ ଦର୍ଶାଇଛନ୍ତି । ହେଲେ କିଛି ଦିନ ପରେ ନିବେଶ ଟଙ୍କାରୁ କିଛି ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଟଙ୍କା ଉଠାଇବାକୁ ହେଲେ ପ୍ରୋସେସିଂ ଫି ଦେବାକୁ ପଡିବ ବୋଲି ତାଙ୍କୁ କୁହାଯାଇଥିଲା । ହେଲେ କିଛି ସମୟ ପରେ ସେ ନିଜ ଟ୍ରେଡିଂ ଆକାଉଣ୍ଟ ପରିଚାଳନା କରିବାରେ ସକ୍ଷମ ହୋଇପାରିନଥିଲେ । ଏପରିକି ଉକ୍ତ ଆପ ଖୋଲିନଥିଲା କିମ୍ବା ତାଙ୍କ ନିବେଶ ଟଙ୍କା ବିଷୟରେ କୌଣସି ତଥ୍ୟ ମଧ ପ୍ରଦର୍ଶିତ ହୋଇନଥିଲା । ବିଭିନ୍ନ ଆଡୁ ଯାଞ୍ଚ ପରେ ଡାକ୍ତର ଜଣଙ୍କ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ।

## ସ୍ୱର୍ଗତଃ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା ସଭା କଲା କଂଗ୍ରେସ



ବାରିପଦା, (ସବ୍ୟୁ) : ବାଲେଶ୍ୱର ସ୍ଥିତ ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ମୟୂରଭଞ୍ଜ ଜିଲ୍ଲା ପୂର୍ବ ସଂଯୋଜକ ଅରବିନ୍ଦ ଦାସଙ୍କ ପୌରହିତରେ, ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ସମ୍ମୁଖରେ ଦୁଇ ମିନିଟର ନୀରବ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଫୋଟୋ ଚିତ୍ରରେ ପୁଷ୍ପ ପ୍ରଦାନ ସହ ସୌମ୍ୟାଶ୍ରୀ ଅମର ରହେ ନାରା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ କଲେଜର ଶତାଧିକ ଛାତ୍ରଛାତ୍ରୀ ଯୋଗଦେବା ସହ ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ, ନିରୋଜ ଲୋଚନ ଦାଶ, ବିଜନ ଦାସ, ମହିଳା ନେତ୍ରୀ ସୁସ୍ମିତା ଘୋଷାଲ, ଆଇନ୍‌ସେଲ ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ରଥ, ଛାତ୍ର କଂଗ୍ରେସର ମୋତି ପ୍ରକାଶ ଦାସ, କୃଷକ ସେଲର ଦୀପକ ଦାସ, ଆଦିବାସୀ ସେଲର ଚୈତନ୍ୟ ହାଁସଦାଃ, ପଞ୍ଚାୟତ ରାଜ ସେଲର ଶିବାନନ୍ଦ ଦାସ, ଚୈତନ୍ୟ ମାଝୀ, ଚନ୍ଦନ କିସ୍କୁ, ବାଦଲ ହାଁସଦାଃ, ଅଶୋକ ଗିରି, ସୁଦିପ ମନ୍ତ୍ରୀ, ଦୀପକ ଦାସ, ପଟେଲ ବାରିକ, ନିର୍ମଳ ପ୍ରଧାନ, ରତନ ଶର୍ମା ଓ ମିଲୁ ମହାନ୍ତ ସହ ବହୁ କଂଗ୍ରେସ କାର୍ଯ୍ୟକର୍ତ୍ତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ବ୍ୟାକ୍ ବେଞ୍ଚର ରେଷ୍ଟୁରାଣ୍ଟ ଓ ହୁକ୍କା ବାରରେ ଚଢଉ

ବ୍ରହ୍ମପୁର, (ସବ୍ୟୁ): ଟାଟାବେଞ୍ଜ ଛକ ନିକଟରେ ଥିବା ବ୍ୟାକ୍ ବେଞ୍ଚର ରେଷ୍ଟୁରାଣ୍ଟ ତଥା ହୁକ୍କା ବାରରେ ବୈଦ୍ୟନାଥପୁର ଥାନା ପୁଲିସ ପକ୍ଷରୁ ଚଢଉ କରାଯାଇଛି । ସେହି ବାରରୁ ୨ଟି ହୁକ୍କା ଷ୍ଟାଣ୍ଡ ସହ ତମାଖୁ ଜବତ କରାଯାଇଛି । ଏହି ହୁକ୍କାବାର ପରିଚାଳନା ପାଇଁ ଏହାର ମାଲିକଙ୍କ ନିକଟରେ କୌଣସି ପ୍ରକାର ବୈଧ ଲାଇସେନ୍ସ ନଥିବା ପୁଲିସ ତଦନ୍ତରୁ ଜଣାପଡିଛି । ଟାଟାବେଞ୍ଜ ଛକ ନିକଟରେ ଥିବା ଏକ କୋଠାର ୩ୟ ମହଲାରେ ବ୍ୟାକ୍ ବେଞ୍ଚର ନାମକ ଏକ ରେଷ୍ଟୁରାଣ୍ଟରେ ବେଆଇନ ଭାବେ ହୁକ୍କା ବାର ଚାଲୁଥିବା ପୁଲିସକୁ ଖବର ମିଳିଥିଲା । ଏହି ରେଷ୍ଟୁରାଣ୍ଟକୁ ଯୁବକ ଯୁବତୀମାନେ ଖାଦ୍ୟ ଖାଇବାକୁ ଯାଇ ହୁକ୍କା ଟାଣୁଥିବା ଅଭିଯୋଗ ହୋଇଥିଲା । ସେହିକ୍ରମରେ ବୈଦ୍ୟନାଥପୁର ଥାନାର ଏଏସଆଇ ପ୍ରସାଦ କୁମାର ବେହେରା ଓ ତାଙ୍କ ଟିମ୍ ଉପରୋକ୍ତ ରେଷ୍ଟୁରାଣ୍ଟରେ ଚଢଉ କରିଥିଲେ ।

## ପୋଚ ଓ ଦେଶୀମଦ ଜବତ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ଓ ପୋଲିସର ମିଳିତ ଚଢାଉ କରାଯାଇ ପ୍ରଚୁର ପରିମାଣର ପୋଚ ଓ ଦେଶୀମଦ ସହ ପ୍ରସ୍ତୁତିରେ ବିନିଯୋଗୀ ସାମଗ୍ରୀ ଜବତ କରାଯାଇଛି । ପ୍ରକାଶଯେ, ଆଜି ସକାଳେ ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ବୁଗୁଡା ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ ଖଦାଳପଲ୍ଲୀ, ମହୁଲପଲ୍ଲୀ ଓ ସମଲେଇ ଆଦି ଗ୍ରାମର ଆଖପାଖ ଜଙ୍ଗଲ ଅଞ୍ଚଳରେ ଚଢାଉ କରାଯାଇ ପାଞ୍ଚ ହଜାର ଲିଟର ପୋଚ ଓ ଦୁଇ ଶହ ଲିଟର ଦେଶୀ ମଦ ସହ ପ୍ରସ୍ତୁତି ସାମଗ୍ରୀ ଜବତ କରିଥିଲେ। ସେଠାରେ ଜବତ ପୋଚ ଓ ମଦକୁ ନଷ୍ଟ କରାଯାଇଥିଲା। ଏନେଇ ଅବକାରୀ ଥାନାରେ କେସ୍ ନଂ ୫୭/୨୦୨୫-୨୬ରେ ମାମଲା ରୁଜୁ ହୋଇଥିବା ବେଳେ କାହାକୁ ମଧ ଗିରଫ କରାଯାଇନଥିବା ଜଣାଯାଇଛି। ଉକ୍ତ ଚଢାଉ କାର୍ଯ୍ୟରେ ଅବକାରୀ ଡିଏସପି ସ୍ୱାଧୀନ କୁମାର ସାହୁ, ଭଞ୍ଜନଗର ଇନିସପେକ୍ଟର ଉମ୍ୟରୁଧର ହରିଜନ, ମୋବାଇଲ ଇନିସପେକ୍ଟର ଅଂଶୁମାନ ଜେନା, ବୁଗୁଡା ଅବକାରୀ ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତି ଓ ପୋଲିସ ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତାଙ୍କ ସମେତ ଅବକାରୀ ଓ ପୋଲିସ କର୍ମଚାରୀମାନେ ସାମିଲ ଥିଲେ ।

## ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖା ପକ୍ଷରୁ ରତିକାନ୍ତ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାରିପଦା, (ସବ୍ୟୁ) : ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜର ଜଣେ ବିଶିଷ୍ଟ କର୍ମକାଣ୍ଡବିତ୍ ସ୍ୱର୍ଗତଃ ରତିକାନ୍ତ ମିଶ୍ରଙ୍କ ଏକାଦଶାହ ଦିବସରେ ଏକ ଶ୍ରଦ୍ଧାଞ୍ଜଳି ସଭା ମହାସଭାର ସ୍ଥାୟୀ ସଭାପତି ଡାଃ ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଦିବଂଗତ ମିଶ୍ରଙ୍କର ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ମହାସଭାର ସାଧାରଣ ସମ୍ପାଦକ ଭାଗବତ ପଣ୍ଡା ତାଙ୍କର ସ୍ମୃତିଚାରଣ କରି ସେ ତିନିଶହରୁ ଅଧିକ ମନ୍ଦିର ପ୍ରତିଷ୍ଠା କରିବା ସହିତ ବହୁ କର୍ମକାଣ୍ଡ ସମ୍ପାଦନ କରିଥିବାରୁ ପ୍ରାୟଃ ସମଗ୍ର ଓଡିଶାର ଲୋକପ୍ରିୟ ହୋଇପାରିଥିଲେ, ସେ ସାଇଁକୁଳା ପଂଚାୟତର ପୂର୍ବତନ ସରପଞ୍ଚ ଭାବେ କାର୍ଯ୍ୟକରିବା ସହିତ ସେ ଅଂଚଳରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରତିଷ୍ଠାରେ ଅଗ୍ରଣୀ ଭୂମିକା ଗ୍ରହଣ



କରିଥିଲେ ବୋଲି କହିଥିଲେ । ସଭାପତି ଡାଃ ଦାଶ ତାଙ୍କ ଅଭିଭାଷଣରେ ବିଭିନ୍ନ ସ୍ଥାନରେ କର୍ମକାଣ୍ଡପ୍ରତି ତାଙ୍କର ଦକ୍ଷତା ଥିବା ବିଷୟରେ ଉଲ୍ଲେଖ କରି ତାଙ୍କର ବିୟୋଗ ସମଗ୍ର ଜିଲ୍ଲାରେ କର୍ମକାଣ୍ଡ କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ବୋଲି ଉଲ୍ଲେଖ କରିଥିଲେ, ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ହୃଦାନନ୍ଦ ଆଚାର୍ଯ୍ୟ, ସୁରେଶ କୁମାର ପାଣିଗ୍ରାହୀ, ସୁଦର୍ଶନ ଦିବେଦୀ, ଦୋଳଗୋବିନ୍ଦ ଦାଶ, ଅଚ୍ୟୁତ୍ ପ୍ରସାଦ ମହାପାତ୍ର ଓ ଭଗବତୀ ଦାଶ ପ୍ରମୁଖ ତାଙ୍କର ବିଭିନ୍ନ ଗୁଣାବଳୀ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଯୁଗ୍ମ ସମ୍ପାଦକ ନରୋତ୍ତମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁଷ୍କର୍ମକାରୀ ବାପାକୁ ୨୦ ବର୍ଷ ଜେଲ୍

ପାରଳାଖେମୁଣ୍ଡି, (ସବ୍ୟୁ) : ଗଜପତି ଜିଲ୍ଲା କୋର୍ଟରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଭୂ ପ୍ରସାଦ ପଣ୍ଡା ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ଅଭିଯୁକ୍ତ ବାପାକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତ। ଏହାସହ ୧୦ ହଜାର ଟଙ୍କା ଜରିମାନା ମଧ ରାୟ ଦେଇଛନ୍ତି। ଜରିମାନା ଅନାଦେୟ ସ୍ଥଳେ ଅତିରିକ୍ତ ୬ ମାସ କାରାଦଣ୍ଡ ଭୋଗିବାକୁ ରାୟ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୪ ଲକ୍ଷ ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ପ୍ରକାରେ, ଅଭିଯୁକ୍ତର ଘର ଆନ୍ଧ୍ରପ୍ରଦେଶ ପାର୍ବତୀପୁର ଥାନା ଅନ୍ତର୍ଗତ ବାତିଲି ନିକଟସ୍ଥ କାଠଗଡ଼ା ଗ୍ରାମରେ ହୋଇଥିବା ବେଳେ ପାରଳାଖେମୁଣ୍ଡି ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବିବାହ କରିଥଲେ। ତା'ର ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଥିବା ବେଳେ ପରିବାର ଛାଡ଼ି ଅନ୍ୟ ଜଣେ ମହିଳାଙ୍କ ସହ ବାହାର ରାଜ୍ୟକୁ ଚାଲି ଯାଇଥିଲେ। ଦୁଇ ସନ୍ତାନଙ୍କୁ ନେଇ ପତ୍ନୀ ନିଜ ବାପଘରେ ଆଶ୍ରୟ ନେଇଥିବା ବେଳେ ପ୍ରାୟ ୧୨ ବର୍ଷ ପରେ ବାପା ଫେରି ଶ୍ୱଶୁର ଘରେ ରହୁଥିବା ପତ୍ନୀ, ପୁଅ ଓ ଝିଅଙ୍କ ପାଖକୁ ଆସି କିଛି ଦିନ ରହିଥିଲା। ହେଲେ ଏହା ଭିତରେ ନିଜ ଜନ୍ମ କଲା ଝିଅକୁ ଦୁଷ୍କର୍ମ କରିବା ସହ ମାରପିଟ୍ କରିବା ନେଇ ପତ୍ନୀ ଅଭିଯୋଗ ଆଣିଥିଲେ। ଏନେଇ ପାରଳାଖେମୁଣ୍ଡି ଥାନାରେ କେସ୍ ନମ୍ବର ୩୧୩/୨୪ ରେ ମାମଲା ରୁଜୁ କରି ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସମ୍ପୃକ୍ତ ବାପାକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡ ରାୟ ଦେଇଥିଲେ ।

## ନିଷ୍ପ୍ରଭ ଜୀବନରେ ଆଲୋକ ବର୍ତ୍ତିକା ସାଜେ ଅଙ୍ଗଦାନ: ଶୀର୍ଷକ ଆଲୋଚନାଚକ୍ର

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ନାକଟିଦେଉଳ କଲେଜର ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ପକ୍ଷରୁ ଏକ ଅଙ୍ଗଦାନ ସଚେତନତା ଉପରେ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଶୁଭଜିତ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସରାପାଲି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମାଝୀ ମୁଖ୍ୟଅତିଥି, ବରଗଡ଼ ପାର୍ବତିଗିରୀ ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ନନ୍ଦିନୀ ନିରୋଦ ପଣ୍ଡା ଓ ଅଧ୍ୟାପକ ଡ଼ଃ ପ୍ରଶାନ୍ତ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ମୁଖ୍ୟବକ୍ତା ଭାବେ ଦିଲ୍ଲୀସ୍ଥିତ ରୋଟ୍ରାକ୍ଟ ଯୋଦ୍ଧା କ୍ଲବ୍ ର ସଭାନେତ୍ରୀ ରୋଜାଲିନ ଦାଶ ଯୋଗଦେଇ ଅଙ୍ଗଦାନ ଭଳି ଏକ ଦିବ୍ୟସୃଷ୍ଟି ସମ୍ପନ୍ନ କାର୍ଯ୍ୟକ୍ରମକୁ ସମସ୍ତଙ୍କ ନିକଟରେ ପହଞ୍ଚାଇ ଏକ ସ୍ୱତନ୍ତ୍ର ବାତାବରଣ ସୃଷ୍ଟି କରିଥିଲେଛ। ସସ୍ମିତା ମାଝୀ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ପ୍ରୟାସକୁ ପ୍ରୋତ୍ସାହିତ କରିଥିବା ବେଳେ ନିନ୍ଦିନୀ ନିରୋଦ ପଣ୍ଡା ବର୍ତ୍ତମାନର ଯୁବପିଢି ମଧ୍ୟରେ ଅଙ୍ଗଦାନର ଗୁରୁତ୍ୱ ଓ ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉଭୟ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଶେଷରେ ପୁରାତନ ଛାତ୍ରୀ ତେଜସ୍ୱିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମଦନପୁର ଗ୍ରାମ ପଞ୍ଚାୟତରେ ଶାରୀରିକ ତାଲିମ୍ କାର୍ଯ୍ୟକ୍ରମ

ମ.ରାମପୁର, (ସବ୍ୟୁ): ମଦନପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଜୁ କଲ୍ୟାଣ ମଣ୍ଡପରେ ମହାଶକ୍ତି ଫାଉଣ୍ଡେସନ ଓ ଏଲଟିଆଇ ମାଇଣ୍ଡ ଟ୍ରିର ମିଳିତ ସହଯୋଗରେ କାର୍ଯ୍ୟରତ ସମ୍ବନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ତରଫରୁ ଶାରୀରିକ ତାଲିମ୍ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଥିଲା । ଉଦ୍ଘାଟନ କାର୍ଯ୍ୟକ୍ରମରେ ମଦନପୁର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଅନେକ ଯୁବକ ଯୁବତୀ ମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ମଦନପୁର ଗ୍ରାମ ପଞ୍ଚାୟତ ସରପଞ୍ଚ କେତକୀ ଦାଣ୍ଡିଆ ଏବଂ ମୁଖ୍ୟ ବକ୍ତା ଭାବରେ ପୂର୍ବତନ ସରପଞ୍ଚ ଜୟରାମ ମହାନନ୍ଦ ସମେତ ଗ୍ରାମ ପଂଚାୟତର ସମାଜସେବି ବନମାଳୀ ସିଂ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ରେ ଉପ ବ୍ଲକ ସଂଯୋଜକ ସମୀର ପୁଝାରୀ ମଞ୍ଚ ପରିଚାଳନା କରିବାବେଳେ, ଅବସରପ୍ରାପ୍ତ ତାଲିମଦାତା କୌସ୍ତୁଭ କୁମାର ପଣ୍ଡା ଯୁବକ ମାନଙ୍କୁ ତାଲିମ୍ର ନିୟମାବଳୀ ଉପରେ କହିଥିଲେ । ବ୍ଲକ ସଂଯୋଜିକା ସୁଶ୍ରୀ ଭାଗ୍ୟଶ୍ରୀ ରାଉତ ଶାରୀରିକ ତାଲିମ୍ ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟବର୍ଣ୍ଣନା କରିବା ସହ ଶେଷରେ ଧନ୍ୟବାଦ୍_ର୍ପଣ କରିଥିଲେ ।

# ସାଲିମାର-ସମ୍ବଲପୁର ଏକ୍ସପ୍ରେସ ଟ୍ରେନ ଲାଇନଚ୍ୟୁତ

ସମ୍ବଲପୁର,(ସବ୍ୟୁ): ସାଲିମାର-ସମ୍ବଲପୁର ମହିମା ଗୋସ୍ୱାଇଁ ଏକ୍ସପ୍ରେସ ଟ୍ରେନ ଲାଇନଚ୍ୟୁତ୍ ହୋଇଥିଲା । କୋଲକାତାରୁ ସମ୍ବଲପୁର ଆସୁଥିଲା ବେଳେ ସ୍ଥାନୀୟ ସିଟି ଷ୍ଟେସନ ନିକଟରେ ଗୁରୁବାର ପୂର୍ବାହ୍ନ ୯ଟା୨୨ରେ ଦୁର୍ଘଟଣା ଘଟିଥିଲା । ତେବେ ବଗିରେ ପ୍ରାୟ ୪୦ଜଣ ଯାତ୍ରୀ ଥିବାବେଳେ ସେମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ । ଉକ୍ତ ରୁଟ୍ ଦେଇ ଆସୁଥିବା ସମସ୍ତ ଟ୍ରେନକୁ ରୋକା ଯାଇଥିଲା । ଖବରପାଇ ପୋଲିସ, ଆରପିଏଫ୍, ରେଳ ବିଭାଗ କର୍ମଚାରୀ ଓ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖି ଥିଲେ । ଇଞ୍ଜିନିୟରିଂ ଟିମ ପ୍ରାୟ ୩ଘଣ୍ଟା ଧରି ଟ୍ରାକ ସଜାଡିବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା ।



ସୂଚନାଯୋଗ୍ୟ, ସାଲିମାର-ସମ୍ବଲପୁର ମହିମା ଗୋସ୍ୱାଇଁ ଏକ୍ସପ୍ରେସ ଟ୍ରେନ ନମ୍ବର-୨୦୮୩୧ ଟାଙ୍ଗରପାଲି ନିକଟରେ ଲାଇନଚ୍ୟୁତ ହୋଇଥିଲା । ଟ୍ରେନର ପଛରେ ଥିବା ୨ନମ୍ବର ସାଧାରଣ କୋଚ୍ର ୪ଟି ଚକ୍ ଲାଇନଚ୍ୟୁତ୍ ହୋଇଥିଲା । ଟ୍ରେନର ବେଗ ଖୁବ୍ କମ୍ ଥିବାବେଳେ ଏଭଳି ଦୁର୍ଘଟଣା ଘଟିଛି । ଫଳରେ କୌଣସି ଯାତ୍ରୀଙ୍କ କ୍ଷତି ହୋଇନାହିଁ । ଏହି ବଗିରେ ଥିବା ସମସ୍ତ ଯାତ୍ରୀଙ୍କୁ ଅନ୍ୟ କୋଚ୍କୁ ନିଆଯାଇଥିଲା । ସେମାନେ ସୁରକ୍ଷିତ ଭାବେ ସମ୍ବଲପୁର ଷ୍ଟେସନରେ ପହଞ୍ଚିଥିଲେ । ଘଟଣାସ୍ଥଳରେ ସମ୍ବଲପୁର ଡିଆରଏମ୍ ସୁଭାଷଚନ୍ଦ୍ର ଚୌଧୁରୀ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଲାଇନଚ୍ୟୁତ ବଗିର ମରାମତି ପରେ ଉକ୍ତ ଟ୍ରାକ୍ରେ ଅପରାହ୍ନ ୧ଟା ପରେ ପୁଣି ରେଳ ଚଳାଚଳ କରିଥିଲା । ତେବେ ଏକ ରେଳବାଇ କମିଟି ଏହି ଦୁର୍ଘଟଣାର ତଦନ୍ତ କରିବ ବୋଲି ଡିଆରଏମ୍ ସୁଭାଷଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି ।

# ନକଲି ପିସ୍ତଲରେ ଅସଲି ଡକାୟତି, ୪ଗିରଫ

ନୂଆପଡ଼ା,(ସବ୍ୟୁ): ନକଲି ପିସ୍ତଲରେ ଅସଲି ଡ଼କାୟତି କରିଥିବା ରିପୋର୍ଟ ପାଇବାର ୨୪ ଘଣ୍ଟା ମଧ୍ୟରେ ୪ ଜଣ ଅଭିଯୁକ୍ତଙ୍କୁ ଠାବ କରିବାରେ ସଫଳ ହୋଇଛି ଜୋଙ୍କ ଥାନା ପୋଲିସ । ଏହା ସହିତ ଦୁଇ ନକଲି ପିସ୍ତଲ, ଧାରୁଆ ଛୁରୀ , ଦୁଇଟି ମୋବାଇଲ ଫୋନ, ଏକ ବ୍ୟବହୃତ ବାଇକ ଓ ୧୬ ଶହ ଟଙ୍କା ଜବତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ୨୧ ତାରିଖ ପ୍ରାୟ ୧୨ ଟା ସମୟରେ କୁଳିଆବନ୍ଧା ଗ୍ରାମର ପ୍ରେମଚନ୍ଦ ଭୋଇ ଦୁଇ ଜଣ ବନ୍ଧୁ ନେତରାମ ଶବର ଓ ଉମେଶ ନାଏକ ସହ ବାଇକରେ ଖରିଆର ରୋଡ ଭାଟି ଛକ ଆମସେନା ରାସ୍ତାରେ ସାଲିହା ଗ୍ରାମକୁ କ୍ରିକେଟ୍ ଖେଳି ଯାଉଥିଲେ । ତାଙ୍କୁ ୪ ଜଣ ଅଜଣା ଯୁବକ ପିସ୍ତଲ ଓ ଛୁରୀ ଦେଖାଇ ଡକାୟତ ଦଳ ୨୫ ଶହ ଟଙ୍କା ଓ ମୋବାଇଲ ଛଡ଼ାଇ ନେଇଥିଲେ। ଉପରୋକ୍ତ ମାମଲାରେ ଜୋଙ୍କ ଥାନା ରେ ଏକ ରିପୋର୍ଟ ହୋଇଥିଲା। ଜୋଙ୍କ ଥାନା କେଶ ନମ୍ୱର୍ ୧୫୬- ୨୨ ଜୁଲାଇ ୨୦୨୫ ବି.ଏନ.ଏସ, ଧାରା ୩୦୯(୬)



ସେକସନ୍ ୨୮ ଆର୍ମ ଏକ୍ଟ ରେ ଚାରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଖରିଆର ରୋଡ ପୋଲିସ ପକ୍ଷ ରୁ ପ୍ରକାଶ। ଅଭିଯୁକ୍ତ ହେଲେ ଖରିଆର ରୋଡ ସହରର ବିକାଶ ବାଗ (୧୯) କୃଷ୍ଣ ତାଣ୍ଡି (୨୨) ଶମ୍ଭୁ କୁମ୍ଭାର (୨୦) ଓ ଖଗେଶ୍ୱର ସାହୁ(୩୨)। ଉପରୋକ୍ତ ସମସ୍ତ ଅଭିଯୁକ୍ତ ୱାର୍ଡ଼ ନମ୍ବର -୬ ଏଲ.ଡି. ପଡ଼ା ଖରିଆର୍ ରୋଡ ବାସିନ୍ଦା ଅଟନ୍ତି। ଅଭିଯୁକ୍ତମାନେ ଆଉ ଏଭଳି ଅପରାଧ କେଉଁଠି ଘଟାଇଛନ୍ତି କି,ସେ ଉପରେ ତଦନ୍ତ ଚଳାଇଛି ପୋଲିସ ।

# ପରିସଂଖ୍ୟାନ ସଂଗ୍ରହ ପାଇଁ ୨ଦିନିଆ ତାଲିମ କାର୍ଯ୍ୟକ୍ରମ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଜିଲ୍ଲା କୃଷି ଭବନ ସମ୍ମିଳନୀ କକ୍ଷ ଠାରେ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ମାନଙ୍କ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । କୃଷି ଏବଂ ପ୍ରାଣୀ ସମ୍ପଦ ଜାତୀୟ ଦ୍ରବ୍ୟର ସିଏପିଆଇ ଜରିଆରେ ପରିସଂଖ୍ୟାନ ସଂଗ୍ରହ ପାଇଁ କର୍ମଶାଳାରେ ସମ୍ବଲପୁର, ବଲାଙ୍ଗୀର, ବରଗଡ, ବୌଦ୍ଧ, ଦେବଗଡ ଓ ଢେଙ୍କାନାଳ ପ୍ରଭୃତି ଜିଲ୍ଲାର ପର୍ଯ୍ୟବେକ୍ଷକ ଏବଂ ଗଣନାକାରୀ ମାନେ ଅଂଶଗ୍ରହଣ କରିଥିଲେ । ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଉତ୍ତରାଞ୍ଚଳ ଯୁଗ୍ମ ନିର୍ଦ୍ଦେଶକ ଦ୍ୱାରା ଏହି ସର୍ବେକ୍ଷଣ ସମୟରେ କୃଷିଜାତ ସାମଗ୍ରୀ, ପ୍ରାଣୀ ସମ୍ପଦ ଜାତ ଦ୍ରବ୍ୟର ମୂଲ୍ୟର ତଥ୍ୟ ସଂଗ୍ରହ କରାଯିବ । କୃଷି ଅମଳ ମୂଲ୍ୟ, ଉତ୍ପାଦକ ମୂଲ୍ୟ ଓ ପାଇକାରୀ ମୂଲ୍ୟ ସଂଗ୍ରହ କରାଯାଇଥାଏ । ପ୍ରତି ଜିଲ୍ଲା ସଦର ମହକୁମାର ୩୦ଟି ଗୋରୁ ବଜାର ଏବଂ ରାଜ୍ୟର ୫୮ଟି ଉପଖଣ୍ଡସ୍ଥିତ ୧୧୬ଟି ଗ୍ରାମୀଣ ବଜାରରୁ ଏହି ମୂଲ୍ୟ ତଥ୍ୟ ସଂଗ୍ରହ କରାଯାଉଛି । ରାଜ୍ୟ ସରକାର ମୋବାଇଲ ଆପ୍ ବ୍ୟବହାର କରି ଡିଜିଟାଲ ପଦ୍ଧତିରେ ସମସ୍ତ କ୍ଷେତ୍ରର ତଥ୍ୟ ସଂଗ୍ରହ କରିବାକୁ ସ୍ଥିର କରିଛନ୍ତି । ବିଶ୍ୱବ୍ୟାଙ୍କ ସହାୟତାରେ ରାଜ୍ୟ କ୍ଷମତା ଏବଂ ସ୍ଥିର ଅଭିବୃଦ୍ଧି କାର୍ଯ୍ୟକ୍ରମ ଅନୁଯାୟୀ ସଂଗୃହିତ ଅର୍ଥକୁ ଡିଜିଟାଲୀକରଣ କରାଯିବ । ମୁଦ୍ରାସ୍ଫିତି ଧାରାକୁ ଆକଳନ କରିବା, ଲୋକଙ୍କ ଜୀବନଯାପନ ମୂଲ୍ୟରେ ପରିବର୍ତ୍ତନ ଏବଂ ସାମଗ୍ରିକ ଆର୍ଥିକ ସ୍ଥିତି ପାଇଁ ମୂଲ୍ୟତଥ୍ୟ ବୋଲି କର୍ମଶାଳାରେ କୁହାଯାଇଥିଲା । ସମ୍ବଲପୁର ଉତ୍ତର ରେଞ୍ଜର ଅତିରିକ୍ତ ନିର୍ଦ୍ଦେଶକ ସଞ୍ଜୟ ନନ୍ଦ ଅଧ୍ୟକ୍ଷତା କରିଥିଲେ । ଉପନିର୍ଦ୍ଦେଶକ ଗୋପୀନାଥ ମହାପାତ୍ର, ସହକାରୀ ନିର୍ଦ୍ଦେଶକ ଡ. ଅଶ୍ୱିନୀ କୁମାର ମଲ୍ଲିକ, ପରିସଂଖ୍ୟାନ ଅଧିକାରୀ ରାମଚନ୍ଦ୍ର ମିଶ୍ର ଓ ରଶ୍ମିରଞ୍ଜନ ସାହୁ, ବିଶ୍ୱବ୍ୟାଙ୍କ ପିଏମ୍ସି ଅଧିକାରୀ ଶିବାଶିଷ ନାମଦେବ ଓ ସୁମିତ୍ ଦାସ ଜାତୀୟ ସର୍ବେକ୍ଷଣ ସଙ୍ଗଠନର ସହକାରୀ ନିର୍ଦ୍ଦେଶକ ଯୁଧିଷ୍ଠିର ସୋବୋରୋ ସର୍ବେକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଉପନିର୍ଦ୍ଦେଶକ ପ୍ରକାଶ ଦେଓ, ସହକାରୀ ନିର୍ଦ୍ଦେଶକ ଇତିଶ୍ରୀ ପ୍ରିୟଦର୍ଶନୀ ଉପସ୍ଥିତ ଥିଲେ ।




# ଅନ୍ତଃରାଷ୍ଟ୍ରୀୟ କରାଟେରେ ବଲାଙ୍ଗିରରୁ ୧୭ ପ୍ରତିଯୋଗୀ ଭାଗ ନେବେ

ବଲାଙ୍ଗିର,(ସବ୍ୟୁ): କୋଲକତାର ନେତାଜୀ ଇନ୍‌ଡୋର ଷ୍ଟାଡିୟରେ ଆୟୋଜିତ ୯ମ ତମ ଅନ୍ତଃ ରାଷ୍ଟ୍ରିୟ କରାଟେ ପ୍ରତିଯୋଗିତା ୨୫ ରୁ ୨୭ ଜୁଲାଇ ପର୍ଯ୍ୟନନ୍ତ ସର୍ବଭାରତୀୟ ସେଇସିନକାଇ ଶିଟୋର୍‌ୟୁ କରାଟେ ସଂଘ ତଥା ବିଶ୍ୱ କରାଟେ ସଂଘର କୋଚ, ଜଜ୍ ଏବଂ ରେଫରୀ ହାଂସି ପ୍ରେମଜିତ ସେନ୍ ଙ୍କ ନିର୍ଦ୍ଦେଶରେ ଆୟୋଜିତ ପ୍ରତିଯୋଗିତାରେ ବଲାଙ୍ଗିର କରାଟେ ସ୍କୁଲର ୧୭ଜଣ ପ୍ରତିଯୋଗି ଭାଗ ନେବେ । ଏହି ପ୍ରତିଯୋଗିତାରେ ଭାରତ ସହ ଅନ୍ୟ ୭ ଦେଶର ଖେଳାଳି ଭାଗ



ନେବେ । ଦଳର ନେତୃତ୍ୱ ଓଡିଶାର ମୁଖ୍ୟ ପ୍ରତିକ୍ଷକ ସେନସେଇ ହୃଦୟ ଶବର କରିବେ । ଟିମ୍ ମ୍ୟାନେଜର ରାଜେନ୍ଦ୍ର ବାଗ, ସହକୋଚ ପୁରୁଷୋତ୍ତମ ବାଗ ଓ ରେଖା ମନହିରା ରହିବେ । ଏହି ପ୍ରତିଯୋଗିତାରେ ୬୦୦୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗି ଭାଗ ନେଇଥାନ୍ତି । ପ୍ରତିଯୋଗିତାରେ ବଲାଙ୍ଗିର କରାଟେ ସ୍କୁଲ ର ସଭାପତି ସଚ୍ଚିଦାନନ୍ଦ ବାଗ, ସହ-ସଂପାଦକ ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ, କୋଷାଧ୍ୟକ୍ଷ ପ୍ରଦୀପ୍ତ ପ୍ରଭାକର ମୁଗ୍ରୀ, ରବି ବେହେରା, ମାନଗୋବିନ୍ଦ ମେହେର, ମଧୁସୁଦନ ସାହୁ ତଥା ବଲାଙ୍ଗିର ଖେଳ ପ୍ରେମି ତଥା କରାଟେ ସଂଘ ଶୁଭ କାମନା ତଥା ଆଶା ସମସ୍ତ ପ୍ରତିଯୋଗି ପଦକ ହାସଲ କରି ବଲାଙ୍ଗିର ଜିଲ୍ଲାକୁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ କରାଟେ ଖେଳରେ ପରିଚିତ କରାଇବା ଆଜି କଲୋକତା ଗସ୍ତ କରିବେ ।

# ବୃଦ୍ଧି ପାଉଛି ହୀରାକୁଦ ଜଳସ୍ତର: ଖୋଲିଲା ଆଉ ୪ଟି ଗେଟ୍

ସମ୍ବଲପୁର,(ସବ୍ୟୁ): ହୀରାକୁଦ ଡ୍ୟାମର ଉପରମୁଣ୍ଡରେ ବର୍ଷା ପରିମାଣ ବଢିଛି । ଗତ ୨୪ଘଣ୍ଟା ମଧ୍ୟରେ ୩୪.୮୦ ମିମି ବର୍ଷା ହୋଇଛି । ଫଳରେ ହୀରାକୁଦ ଡ୍ୟାମର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଆଉ ଅଧିକ ୪ଟି ଗେଟ୍ ଖୋଲା ଯାଇଛି । ମୋଟ ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ଡ୍ୟାମର ବାମପଟୁ ୫ଟି ଓ ଡାହାଣ ପଟୁ ୩ଟି ଗେଟ୍ ଖୋଲା ରହିଛି । ଗୁରୁବାର ସଂନ୍ଧ୍ୟା ୬ଟାରେ ଜଳସ୍ତର ୬୦୯.୪୩ଫୁଟରେ ପହଞ୍ଚିଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୯୦ହଜାର ୭୧୭ଘନଫୁଟ ଜଳ ପ୍ରବେଶ କରୁଛି । ସେହିପରି ୧ଲକ୍ଷ ୫୫ହଜାର୩୫୯ଘନଫୁଟ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ସ୍ପିଲଓ୍ୱେକୁ ୧ଲକ୍ଷ ୧୮ହଜାର ୫୭୬ଘନଫୁଟ, ପାୱାର ଚେନାଲକୁ ୩୨ହଜାର ୪୭୪ଘନଫୁଟ, କେନାଲକୁ ୪ହଜାର ୭୫ଘନଫୁଟ ଓ କଳକାରଖାନାକୁ ୨୩୪ଘନଫୁଟ ଜଳ ଛଡା ଯାଉଛି । ଗେଟ୍ ଖୋଲାଥିବାରୁ ମହାନଦୀର ବେଲଗାଁରେ ୧୪ହଜାର, ପର୍ଥଲାରେ ୩୯ହଜାର ୫୧୬, ଖଇରମାଳରେ ୧ଲକ୍ଷ ୫୦ହଜାର, ବାରମୂଳରେ ୧ଲକ୍ଷ ୪୧ହଜାର ଓ ମୁଣ୍ଡଳିରେ ୧ଲକ୍ଷ ୫୮ହଜାର୬୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ତଳମୁଣ୍ଡରେ ୧୧.୫୭ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ପ୍ରବାହିତ ଜଳ ମହାନଦୀରେ ବନ୍ୟା ସୃଷ୍ଟି କରିବାର କୌଣସି ଆଶଙ୍କା ନଥିବା ଜଣାପଡିଛି ।

## ବିଶାଳ ଅଜଗର ଉଦ୍ଧାର, ଜଙ୍ଗଲରେ ଛାଡ଼ିଲା ବନ ବିଭାଗ

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ରେଞ୍ଜ କୋକସରା ଫରେଷ୍ଟ ସେକ୍ସନ ଅଧୀନରେ ଥିବା ମୋଟେର ପଞ୍ଚାୟତ ବାଟିଗୁଡା ଗ୍ରାମର ଏକ ଚାଷଜମିରୁ ବିରାଟକାୟ ଅଜଗର ଉଦ୍ଧାର ହୋଇଛି । ସୂଚନା ମୁତାବକ, ଉକ୍ତ ଗ୍ରାମର ଚାଷୀ ବେଣୁଧର ଦଳପତିଙ୍କ ଚାଷଜମିରେ ଏକ ବିରାଟକାୟ ଅଜଗର ସାପ ଥିବା ନେଇ ଚାଷ ଜମିରେ କାମ କରୁଥିବା ଶ୍ରମିକମାନେ ଦେଖିଥିଲେ। ଏନେଇ ଖବର ପାଇ ବେଣୁଧର ସୁରକ୍ଷିତ ଭାବେ ଅଜଗରକୁ ଉଦ୍ଧାର କରି ଚିକିତ୍ସା ପାଇଁ କୋକସରା ପ୍ରାଣୀ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଇଥିଲେ। ଡାକ୍ତର ପ୍ରସନ୍ନ ପରିଡା ସାପକୁ ପ୍ରାଥମିକ ଚିକିତ୍ସା କରିବା ପରେ ସ୍ୱାସ୍ଥ୍ୟବସ୍ଥା ସ୍ୱାଭାବିକ ଥିବା କହିଥିଲେ। ଯାହାପରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ସ୍ଥାନୀୟ କୋକସରା ବନପାଳ ରଶ୍ମି ରଞ୍ଜିତା ନାଏକ ଓ ଜଙ୍ଗଲ ବିଭାଗ ସାପ ଉଦ୍ଧାରକାରୀ ଦଳର ସ୍ୱାଧୀନ ଦଣ୍ଡସେନାଙ୍କୁ ଖବର ଦେଇଥିଲେ। ଖବରପାଇ ଫରେଷ୍ଟ ଗାର୍ଡ ହିମାଦ୍ରୀ ତନୟା ବିଶି ଓ ସ୍ୱାଧୀନ ଦଣ୍ଡସେନା ପହଞ୍ଚି ସୁରକ୍ଷିତ ଭାବେ ଅଜଗରକୁ ନେଇ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଛାଡି ଦେଇଥିବା ଜଣାପଡିଛି।

# ଉଠା ଜଳସେଚନ ପ୍ରକଳ୍ପରେ ଝୁଲୁଛି ତାଲା
## ଜାତୀୟ ରାଜପଥ ଅବରୋଧ ସହ ପ୍ରତିବାଦ କଲେ ଚାଷୀ

ସଇଁତଳା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ସଇଁନ୍ତଳା ବ୍ଲକରେ ଥିବା ବୃହତ ଉଠାଜଳସେଚନ ପ୍ରକଳ୍ପ ବନ୍ଦ ହୋଇ ପଡିରହିଛି । ଏହାର ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ବ୍ଲକର ୭ ଟି ପଞ୍ଚାୟତର ଚାଷୀ। ସଇଁନ୍ତଳା ବ୍ଲକରେ ପୂର୍ବ ସରକାର ସମୟରେ କୋଟି କୋଟି ଟଙ୍କାର ବୃହତ ଉଠାଜଳସେଚନ ପ୍ରକଳ୍ପ ୨୦୧୩ ରେ ନିର୍ମାଣ ହୋଇ ୨୦୨୦ରେ କାର୍ଯ୍ୟକାରୀ ହୋଇଥିଲା। ହେଲେ ଶେଷ ୬ ମାସ ହେଲା ଗ୍ରୀଡ଼ ଓ ପମ୍ପ ହାଉସକୁ ବିଦ୍ୟୁତ ସଂଯୋଗ ବନ୍ଦ ରହିଥିବା ବେଳେ ପ୍ରକଳ୍ପରେ କାମ କରୁଥିବା କର୍ମଚାରୀଙ୍କ ୬ ମାସର ଦରମା ମଧ୍ୟ ମିଳିନାହିଁ । ଫଳରେ କର୍ମଚାରୀ ମାନେ କାର୍ଯ୍ୟକ୍ଷେତ୍ରରୁ ଛାଡି ଚାଲି ଯାଇଛନ୍ତି । ବର୍ତମାନ ପ୍ରକଳ୍ପରେ ତାଲା ପଡିଛି । ଚାଷୀ ମରୁଡିରୁ ରକ୍ଷା ମିଳିବ ବୋଲି ଯେଉଁ ଆଶା ଭରସା ଥିଲା ଚଳିତ ଖରିପ



ଋତୁରେ ନିଅଣ୍ଟ ବର୍ଷା ଯୋଗୁଁ ଶ୍ରାବଣର ଦ୍ୱିତୀୟ ସପ୍ତାହରେ ମଧ ପାଣି ଅଭାବ ଯୋଗୁଁ ରୁଆ ବେଉଷଣ, ବିହୁଡା ହୋଇପାରିନାହିଁ । ଅନେକ ଚାଷ ଜମିରେ ପାଣି ଅଭାବରୁ ମାଟି ଫାଟି ଆଁ କରିଥିବା ବେଳେ କିଛି ଅଞ୍ଚଳରେ ମରୁଡି ଆଶଙ୍କା ଦେଖା ଦେଇଛି। ଏହାର ପ୍ରତିବାଦରେ ଚାଷୀ ମାନେ ପ୍ରଶାସନ ପାଖରେ ଉଠାଜଳସେନକୁ ସଚଳ କରିବା ପାଇଁ ପ୍ରଶାସନ ଓ ନେତା ମନ୍ତ୍ରୀ ଠାରେ ଅନେକ ଥର ଅଭିଯୋଗ କରିଥିଲେ । କିନ୍ତୁ ଏହାର ସମାଧାନ ହୋଇପାରିନାହିଁ। ଏହାର ପ୍ରତିବାଦରେ ଗୁରୁବାର ଶତାଧିକ ଚାଷୀ ବଲାଙ୍ଗିର- ଭବାନୀପାଟଣା ଜାତୀୟ ରାଜପଥ ୨୬ ବରଗାଁ ଛକ ଠାରେ ଆନ୍ଦୋଳନ କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ସୁରେନ୍ଦ୍ର ସିଂ ଭୋଇ ଓ କଂଗ୍ରେସ ନେତା ବୀରେନ୍ଦ୍ର ବାଗ ଯୋଗଦେଇ ବିଜେପି ସରକାର ଉପରେ ବର୍ଷିଥିଲେ । ପରେ ଟିଟିଲାଗଡ଼ ଅତିରିକ୍ତ ଉପଜିଲ୍ଲାପାଳ ଓ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ୭ ଦିନ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶୃତି ଦେବା ପରେ ଚାଷୀ ମାନେ ଆନ୍ଦୋଳନରୁ ଓହରିଥିଲେ । ବ୍ଲକ କୃଷକ ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା, ଚାଷୀ ନେତା ଉତ୍ତମ ପଟେଲ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପାଣ୍ଡ ସାହୁ, ଡୁଙ୍ଗୁରିପାଲି ସରପଞ୍ଚ ଗଜପତି ସାହୁ, ସୁବ୍ରତ ନାଗ, ମନୀଷ ସୁନା, ହେମନ୍ତ ସାହୁ ଚମ୍ପୁ ସେଠ, ବେଲଗାଁ ସରପଞ୍ଚ ରାମଚନ୍ଦ୍ର ବେହେରା, ବିଜେଡି ନେତା ଡୋଲାମଣୀ ଥପା, ପଞ୍ଚା ମହାପାତ୍ର, ବିପିନ ସାହୁ, ପ୍ରକାଶ ଗହୀର, ମିନିକେତନ ସେଠଙ୍କ ସମେତ ୭ ଗୋଟି ପଞ୍ଚାୟତର ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ ।

## ଲଡୁଗାଁ-ବାନେର ରାସ୍ତା ଦାବିରେ ଆମରଣ ଅନଶନ ସ୍ଥଗିତ

କୋକସରା/ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଲଡୁଗାଁ ଠାରୁ ଜୟପାଟଣା ବ୍ଲକ ବାନେରକୁ ସଂଯୋଗ କରୁଥିବା ପିଡବ୍ଲୁଡ଼ି ରାସ୍ତାର ନିର୍ମାଣ ପାଇଁ ବିଗତ କିଛି ବର୍ଷ ହେବ ଦାବି ହୋଇ ଆସୁଛି। ବୁଧବାର ଠାରୁ ରାସ୍ତା ନିର୍ମାଣ ଦାବିରେ ଯୁବ ସମାଜସେବି ବିଘ୍ନରାଜ ପଣ୍ଡା, ଅନନ୍ତ କୁମାର ପଟ୍ଟନାୟକ ଓ ଚିନ୍ତାମଣି କୁମ୍ଭାର ବାନେର ଛକ ଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନ ଆରମ୍ଭ କରିଥିଲେ। ଗୁରୁବାର ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ ହୋଇଛି । ସୂଚନା ଅନୁସାରେ ଲଡୁଗାଁରୁ ବାନେରକୁ ସଂଯୋଗ କରୁଥିବା ୧୪ କିମି ରାସ୍ତାର ଅବସ୍ଥା ଦୀର୍ଘବର୍ଷ ଧରି ଶୋଚନୀୟ ହୋଇ ପଡିଛି। ଅଞ୍ଚଳବାସି ବହୁବାର ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଦାବି ଓ ଆନ୍ଦୋଳନ କରିଥିଲେ ମଧ ପ୍ରଶାସନ ପ୍ରତିଶ୍ରୁତି ଦେଇ ରାସ୍ତା ନିର୍ମାଣ କାର୍ଯ୍ୟ ହେଉନାହିଁ । ଅନ୍ୟ ପକ୍ଷରେ କୋକସରା ବ୍ଲକର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହେଉଛି ଲଡୁଗାଁ ସହର । ଏହି ସହର ଉପରେ ଦୈନିକ କୋକସରାର ୨୨ ପଞ୍ଚାୟତ ସମେତ ଜୟପାଟଣା ବ୍ଲକର ବାନେର, ଭଇଁରିପାଲି, ରେଙ୍ଗାଲପାଲି ଉଛୁଲା, ବଡ଼ ପୁଝାରିଗୁଡା, ଅଁଳାଭଟା, କୁଚାଗାଁ ଆଦି ପଞ୍ଚାୟତବାସୀ ନିର୍ଭରଶୀଳ। ପୂର୍ବରୁ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବେଳେ ଏହା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଛି। ରାସ୍ତା ନିର୍ମାଣ ପାଇଁ ନିର୍ବାଚନ ପୂର୍ବରୁ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଭୁବନେଶ୍ୱରର ଏକ ସଭାରୁ ଅଟକଳର ପରିମାଣ ଘୋଷଣା କରିଥିଲେ । ଲୋକେ ଆଶା କରିଥିଲେ ରାସ୍ତା ପ୍ରଶସ୍ତି କରଣ ହେବା ସହ ଯାତାୟତରେ ସୁବିଧା ହେବ। ହେଲେ ମୋଟେର ଠାରୁ ଲଡୁଗାଁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଲଡୁଗାଁରୁ ବାନେର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ତିନି ଜଣ ଯୁବକ ଆମରଣ ଅନଶନରେ ଓହ୍ଲାଇ ସରକାରକୁ ଚେତାବନୀ ଦେବାପରେ ଗୁରୁବାର ଆନ୍ଦୋଳନ ସ୍ଥଳରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇବା ସହ ପ୍ରଶାସନିକ ଅଧିକାରୀଙ୍କ ସହ ଫୋନ ଯୋଗେ ଆଲୋଚନା କରି ଆନ୍ଦୋଳନ ସ୍ଥଳକୁ ଡକାଇ ସମାଧାନ ପାଇଁ ଚେଷ୍ଟା କରିଥିଲେ। ଜୟପାଟଣା ବିଡ଼ିଓ ଧର୍ମରାଜ ମାଝୀ, ତହସିଲଦାର ରଘୁନାଥ ମୁଣ୍ଡାରୀ, ବ୍ଲକ ଅଧକ୍ଷ ଥବିର ବାଗ ସମେତ ପୂର୍ତ୍ତି ବିଭାଗର ସହକାରୀ ଯନ୍ତ୍ରୀ ଡି. ସି ଟୁଡୁ ପହଞ୍ଚି ଅନଶନରେ ବସିଥିବା ଯୁବକଙ୍କ ସହ ଆଲୋଚନା କରି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇ ସାରିଛି । ଦୁଇଟି ପର୍ଯ୍ୟାୟରେ ରାସ୍ତା ନିର୍ମାଣ କାର୍ଯ୍ୟ ହେବ ବୋଲି ସୂଚନା ଦେବାସହ ରାସ୍ତା ନିର୍ମାଣ ନହେବା ପର୍ଯ୍ୟନ୍ତ ସାମୟିକ ଭାବେ ରାସ୍ତା ମରାମତି କରିବା ପାଇଁ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ। ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଥିଲା ।

# ବସ୍ - ବାଇକ୍ ମୁହାଁମୁହିଁ: ଜଣେ ମୃତ, ଶିଶୁ ସହ ୩ ଗୁରୁତର

ହରଭଙ୍ଗା,(ସବ୍ୟୁ):ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅର୍ନ୍ତଗତ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ପୁରୁଣାକଟକ ସ୍ଥିତ ବାହାଲପୋଲ ନିକଟରେ ଗୁରୁବାର ସକାଳେ ଏକ ବସ ସହିତ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ବାଇକ ଚାଳକ କାହ୍ନା ମଲ୍ଲିକ(୨୬)ଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ୩ବର୍ଷର ଶିଶୁ ସମେତ ବିମଳ ନାଏକ (୨୨),ମମତା ନାଏକ (୨୫) ଭଳି ୩ଜଣ ଗୁରୁତର ଆହାତ ହୋଇଥିବା ଜଣାପଡିଛି । ପ୍ରାପ୍ତ ସୂଚନା ଅନୁସାରେ ଗୁରୁବାର ସକାଳେ ଉକ୍ତ ଜାତୀୟ ରାଜପଥ ଦେଇ ପୁରୁଣାକଟକ ପାର୍ଶ୍ୱରୁ ଏକ ରିଜର୍ଭ ବସ ଯୋଗେ ଡ୍ରାଇଭର ସଂଘର କର୍ମକର୍ତାଙ୍କୁ ନେଇ ଦେବଗଡ ଅଭିମୁଖେ ଯାତ୍ରା କରୁଥିଲା । ବିପରୀତ ଦିଗ ବୌଦ୍ଧ ପାର୍ଶ୍ୱରୁ ପଲସର ବାଇକ୍ ରେ କାହ୍ନା ମଲ୍ଲିକ ଓ ତାଙ୍କ ଦୁଇ ଭଣଜା ଭାଣଜି ବିମଳ ନାଏକ,ମମିତା ନାଏକ ସହିତ ଏକ ଶିଶୁକୁ ଧରି ଫୁଲବାଣୀ ଅଭିମୁଖେ ଯାଉଥିଲେ ।ଏହି ସମୟରେ ପୁରୁଣାକଟକ ବାହାଲ ପୋଲ ନିକଟରେ ବସ ସହିତ ବାଇକ ମୁହାଁ ମୁହିଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ତିନିଜଣଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପୁରୁଣାକଟକ ପରେ ବୌଦ୍ଧ ମେଡିକାଲ ଚିକିତ୍ସା ପାଇଁ ସ୍ଥାନାନ୍ତର କରଯାଇଛି । ଖବରପାଇ ପୁରୁଣାକଟକ ପୁଲିସ ଘଟଣାସ୍ଥଳରେ ପଂହଚି ଘଟଣାର ଅଧିକ ତଦନ୍ତ କରୁଛି । ଶବ ଜବତ କରି ବ୍ୟବଛେଦ ପାଇଁ ବୌଦ୍ଧ ପଠାଇଥିବା ସୂଚନା ମିଳିଛି ।

## ଚୋରି ଘଟଣାର ପର୍ଦ୍ଦାଫାଶ: ଜଣେ ନାବାଳକ ସହ ତିନି ଜଣଙ୍କୁ କୋର୍ଟ ଚାଲାଣ

ବୋରିଗୁମ୍ମା,(ସବ୍ୟୁ): ଭାରତମାଳା କ୍ୟାମ୍ପ ଉପରେ ଆକ୍ରମଣ ସହ ଚୋରୀ ଘଟଣାର ଫର୍ଦ୍ଦାଫାସ କରିଛି ବୋରିଗୁମ୍ମା ପୋଲିସ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସଡ଼ିପିଓ ସତ୍ୟବ୍ରତ ଲେଙ୍କା। ଅକ୍ଟୋବର ମାସରେ ଭାରତମାଳାର କାମରା ରେ ଥିବା ଏକ କ୍ୟାମ୍ପ ଉପରେ ଜବରଦସ୍ତ ପଶି ସେଠାରେ ଥିବା ଚାରି ଜଣକୁ ମାରପିଟ କରି ମୋବାଇଲ ଓ ୮୦୦୦ଟଙ୍କା ଡକାୟତି ହୋଇଥିଲା। ପରେ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । କେସ ନମ୍ବର -୨୧୪ ଦଫା ୧/୧୦/୨୦୨୪, ୟୁଏସ ୩୦୯(୬)ବିଏନଏସ ତଦନ୍ତକାରୀ ଏସଆଇ ଦ୍ରୋଣାଚାର୍ଯ୍ୟ ବାଗ ପରିଚାଳନା କରୁଥିଲେ। ଦ୍ରୋଣାଚାର୍ଯ୍ୟ ବାଗ ଓ ଏସଡ଼ିପିଓ ସତ୍ୟବ୍ରତ ଲେଙ୍କା ସବୁ ଦିଗରୁ ତଦନ୍ତ କରି ୪ ଜଣଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ଚାରି ଜଣ ହେଲେ ମୀନ ହରିଜନ (୨୮) ଘର କଙ୍ଗା, ଦଇତ୍ରୀ ଘାଷି (୩୫) ଗ୍ରାମ ଡାବୁଗୁଡ଼ା, ତ୍ରିପତି ହରିଜନ (୩୨)ଗ୍ରାମ ଡାବୁଗୁଡ଼ା ଓ ଜଣେ ନାବାଳକ ସମେତ ଚାରି ଜଣ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଏସଡ଼ିପିଓ ଶ୍ରୀ ଲେଙ୍କାଙ୍କ ସହ ଥାନା ଆଇଆଇସି ଶ୍ୱେତପଦ୍ମା ସେଠ ଉପସ୍ଥିତ ଥିଲେ।

# କାର ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ କ୍ଷତିପୂରଣ ଦାବିରେ ରାସ୍ତାରୋକ



କନ୍ଧମାଳ,(ସବ୍ୟୁ) : ଅଜଣା ଗାଡି ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟଣାକୁ ନେଇ ଗୁରୁବାର ସକାଳ ୬ଟା ଠାରୁ ଶତାଧିକ ଉତ୍ୟକ୍ତ ମହିଳା ଓ ପୁରୁଷ ମନମୁଣ୍ଡା –କନ୍ଧମାଳ ୪୧ନଂ ରାଜ୍ୟ ରାଜପଥର ବଡକୁଶଙ୍ଗ ଠାରେ ରାଜରାସ୍ତା ଅବରୋଧ କରିଥିଲେ । ପୀଡିତ ପରିବାରକୁ କ୍ଷତିପୂରଣ, ଦୁର୍ଘଟଣା ଘଟାଇଥିବା ଅଭିଯୁକ୍ତକୁ ତୁରନ୍ତ ଗିରଫ ଦାବିକୁ ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କୁ ପ୍ରଦାନ କରିଥିଲେ । ପରେ ବୌଦ୍ଧ ଏସଡ଼ିପିଓ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା ପରେ ରାସ୍ତା ଅବରୋଧ ହଟିଥିଲା । ମୃତକ କନ୍ଧମାଳ ଥାନା ରେଙ୍ଗାଲି ପଞ୍ଚାୟତ ବଡ଼କୁଶଙ୍ଗ ଗ୍ରାମର ଦୟାନିଧି ରଣା (୪୫) । ବଡ଼କୁସଙ୍ଗ ନିକଟ ଭୂମିଗୁଡ଼ି ଠାରେ ପଲସାଗୋରା ପଟୁ କନ୍ଧମାଳ ଦିଗକୁ ଦ୍ରୁତଗତିରେ ଯାଉଥିବା ଏକ ଅଜଣା ଗାଡି ସାଇକେଲକୁ ପଛପଟୁ ଧକ୍କା ଦେଇଥିଲା । ଖବର ପାଇ ପରିବାର ଓ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି କନ୍ଧମାଳ ପୋଲିସକୁ ଖବର ଦେବାରୁ ଦୁର୍ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଗୁରୁତରଙ୍କୁ କନ୍ଧମାଳ ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କନ୍ଧମାଳ ତହସିଲଦାର ଶ୍ରୀମତୀ ଯୋଶୀ ଓ ଥାନାଧିକାରୀ ଭାବାନନ୍ଦ ପ୍ରଧାନ ଆନ୍ଦୋଳନକାରୀଙ୍କୁ ବୁଝାଇଥିଲେହେଁ ଜିଲ୍ଲାପାଳ ଆସିଲେ ଧାରଣା ପ୍ରତ୍ୟାହାର ପାଇଁ ଅଡିବସିଥିଲେ ଆନ୍ଦୋଳନକାରୀ । ପରେ ବୌଦ୍ଧ ଏସଡ଼ିପିଓ ଘଟଣାସ୍ଥଳକୁ ଆସି ତିନିଦିନ ମଧ୍ୟରେ ଅଭିଯୁକ୍ତକୁ ଗିରଫ ପାଇଁ ପ୍ରତିଶ୍ରୁତି ଏବଂ ପୀଡିତ ପରିବାରକୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ଟୁଇଟ ଯୋଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଘୋଷଣା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା । ସେହିପରି ହରିଶ୍ଚନ୍ଦ୍ର ଯୋଜନାରୁ ୩ହଜାର ଓ ରେଙ୍ଗାଲି ସରପଞ୍ଚ ୨ହଜାର ଟଙ୍କାର ନଗଦ ସହାୟତା ରାଶି ପ୍ରଦାନ କରିଥିଲେ । ଆନ୍ଦୋଳନକାରି ଓ ପୋଲିସ ପ୍ରଶାସନ ସହ ବିଜେପି ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଅନିଲ ପ୍ରଧାନ,ବିଜେଡି ଜିଲ୍ଲା ଉପସଭାପତି ରାଧାବଲ୍ଲଭ ପ୍ରଧାନ, କନ୍ଧମାଳ ସାଂସଦ ପ୍ରତିନିଧି ଦୀପକ ବାରିକ ସମେତ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ସହଯୋଗ କରିଥିଲେ ।

# ଲଗାଣ ବର୍ଷାରେ ଧୋଇଗଲା ପୋଲ ୧୦ ଗାଁ ଯୋଗାଯୋଗ ବିଚ୍ଛିନ୍ନ

ନୂଆପଡ଼ା,(ସବ୍ୟୁ): ପଶ୍ଚିମ ଓଡ଼ିଶାରେ ନିରନ୍ତର ମୌସୁମୀ ବର୍ଷା ତୁହାକୁ ତୁହା ଲାଗି ରହି ତାଣ୍ଡବ ସୃଷ୍ଟି କରିଛି। ନୂଆପଡା ଜିଲ୍ଲାର ସୁନାବେଡା ଅଭୟାରଣ୍ୟରେ ତେତେଲଖୁଟି ପୋଲ ଧୋଇଯାଇଛି। ପ୍ରଭାବରେ କୋମନା ବ୍ଲକର ସୁନାବେଡା ଏବଂ ଗାତିବେଡା ଭଳି ପ୍ରମୁଖ ଗ୍ରାମ ମଧ୍ୟରେ ଗ୍ରାମୀଣ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ସନବାହେଲି, ଢେଙ୍କୁନପାନି, ଭାଓସିଲ, ଦେଓସିଲ ଓ ଛିନମୁଣ୍ଡି ଭଳି ୧୦ ରୁ ଊର୍ଦ୍ଧ ଗ୍ରାମ ସୁନାବେଡ଼ା ଠାରୁ ବିଚ୍ଛିନ୍ନ ହୋଇ ପଡ଼ିଛି। ବୁଧବାର ବିଳମ୍ବିତ ରାତିରେ ଏହି ପୋଲ ଭୁଶୁଡ଼ି ପଡ଼ିବା ଫଳରେ ସ୍ଥାନୀୟ ବାସିନ୍ଦା ଫସି ରହିଛନ୍ତି ।



ବିକଳ୍ପ ରାସ୍ତା ନଥିବାରୁ ଜିଲ୍ଲା ପ୍ରଶାସନ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିନାହାଁନ୍ତି।ଲଗାଣ ବର୍ଷାରେ ଧୋଇଗଲା ପୋଲ । ମାଡି ଆସିଲା ବର୍ଷା ପାଣି । ଫଳରେ ୧୦ ଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା । ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟର ସୁନାବେଡ଼ା ଓ ଗାତିବେଡ଼ା ଗାଁ ମଝିରେ ଉଭୟ ଗାଁକୁ ଯୋଡୁଥିବା ପୋଲ ଭାସିଯାଇଛି । ଲଗାଣ ବର୍ଷା ଜାରି ରହିଥିବା ବେଳେ ପାଣି ବି ମାଡ଼ି ଆସିଥିଲା । ଫଳରେ ପୋଲଟି ଭାଙ୍ଗିଯାଇ ପାଣିରେ ସମ୍ପୂର୍ଣ୍ଣ ଧୋଇଯାଇଛି । ଗାଁ ମଝିରେ ପୋଲଟି ରହିଥିବାରୁ ବନ୍ୟା ଜଳ ଯୋଗୁ ଲୋକେ ବେଶ ପ୍ରଭାବିତ ହୋଇଛନ୍ତି । ସୁନାବେଡ଼ା ଅଭୟାରଣ୍ୟର ୧୦ଗାଁକୁ ଯୋଗାଯୋଗ ବ୍ୟାହତ ହୋଇଛି । ସେହିଭଳି ଚାଷୀଙ୍କ ଏକର ଏକର ଫସଲ ବନ୍ୟା ଜଳରେ ନଷ୍ଟ ହୋଇଯାଇଛି । ଏବେ ବି ଚାଷ ଜମିରେ ପାଣି ଜମି ରହିଛି । ଗୋଟିଏ ପୋଲ ବର୍ଷାରେ ଧୋଇ ହୋଇଯାଇଥିବା ବେଳେ ଅନ୍ୟ ପୋଲ ଉପରୁ ବନ୍ୟାଜଳ ପ୍ରବାହିତ ହେଉଛି । । ଫଳରେ ଚାରିଆଡ଼େ ଜଳମଗ୍ନ ହୋଇଯାଇଛି । ଚାଷୀ ଓ ଅଞ୍ଚଳବାସୀଙ୍କ ଦୁଃଖ ବଢ଼ିଯାଇଛି ।

## ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା: ଆରୋହୀକୁ କୋର୍ଟ ଚାଲାଣ

ମୁରିବାହାଲ,(ସବ୍ୟୁ): ୫୯ନମ୍ବର ଜାତୀୟ ରାଜପଥର ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗୁରୁଣ୍ଡା–ଚିତ୍ରାମୁଣ୍ଡା ମଝି ଛକ ନିକଟରେ ରବିବାର ଅପରାହ୍ନରେ ବାଇକ୍ ଧକ୍କାରେ ଜଣେ ଗାଈ ଚରାଳି ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକ ହେଲେ ଗୁରୁଣ୍ଡା ଗ୍ରାମର ମାଲଖମ୍ କୈବର୍ତ୍ତଙ୍କ ଏକମାତ୍ର ରୋଜଗାରିଆ ପୁଅ ପ୍ରଶାନ୍ତ ଓରଫ ତୋଫାନ କୈବର୍ତ୍ତ(୨୦)। ଏହି ଘଟଣାରେ ପୁଲିସ ବାଇକ୍ ଆରୋହୀ ଗାଁରେଇ ଗ୍ରାମର କପିଳ ସାହୁଙ୍କ ପୁଅ ଲୋକେଶ ସାହୁ(୨୪)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।ଏହା ସହିତ ଦୁର୍ଘଟଣା ଘଟାଇଥିବା ସୁପର ସ୍ପେଲଣ୍ଡର ବାଇକ୍ ଓଡି ୦୩ ଏସ ୫୮୫୬କୁ ମଧ୍ୟ ଜବତ କରିଥିଲା। ମୃତକ ଜାତୀୟ ରାଜପଥ ପାର୍ଶ୍ୱରେ ଗାଈ ଚରାଇ ବର୍ଷା ହେଉଥିବାରୁ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିଲେ। ଏତିକିବେଳେ ନିଶାସକ୍ତ ଅବସ୍ଥାରେ ଦ୍ରୁତ ଗତିରେ ଆସୁଥିବା ଗାଁରେଇ ଗ୍ରାମର ବାଇକ ଆରୋହୀ ଲୋକେଶ ଓ ଅନ୍ୟ ଜଣେ ଯୁବକ ପ୍ରଶାନ୍ତଙ୍କୁ ଜୋରରେ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ଫଳରେ ସେ ଘଟଣା ସ୍ଥଳରେ ପଡ଼ିଯାଇଥିବା ବେଳେ ମୁଣ୍ଡ ଓ କାନ ପାଖରୁ ତାଙ୍କର ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ତୁରନ୍ତ ଟିଟିଲାଗଡ ମେଡ଼ିକାଲ ନିଆଯାଇଥିବା ବେଳେ ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୁରିବାହାଲ ଥାନା ପୁଲିସ ମେଡିକାଲ୍ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ କ୍ଷତିପୂରଣ ଦାବୀରେ ସୋମବାର ଶବ ରଖି ଜାତୀୟ ରାଜପଥ ଅବରୋଧ ପାଇଁ ଉଦ୍ୟମ କରୁଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ସହ ଘଟଣାସ୍ଥଳକୁ ଭାରପ୍ରାପ୍ତ ତହସିଲଦାର ଖଦାଳ ପାତ୍ର ପହଞ୍ଚି ରେଡକ୍ରସରୁ ୧୦ହଜାର ଓ ଗୋଇମୁଣ୍ଡ ସରପଞ୍ଚ କାଳିଆ ସରାଫ ହରିଶ୍ଚନ୍ଦ୍ର ଯୋଜନାରୁ ୩ହଜାର ଟଙ୍କା ସହାୟତା ଦେବା ସହ ବୁଝାସୁଝା କରିବାରୁ ରାସ୍ତା ଅବରୋଧ ହଟିଥିଲା । ଦୁର୍ଘଟଣାରେ ଆରୋହୀ ଲୋକେଶ ମଧ୍ୟ ଆହତ ହୋଇଥିଲେ। ଶେଷରେ ଉଭୟ ପକ୍ଷ ମଧ୍ୟରେ କୌଣସି ପ୍ରକାରର ବୁଝାମଣା ହୋଇପାରିନଥିଲା। ଏ ସମ୍ପର୍କରେ ଥାନାରେ ରୁଜୁ କେଶ ନ ୧୪୯/୨୫ରେ ବାଇକ୍ ଆରୋହୀ ଲୋକେଶ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ କୋର୍ଟରେ ତାଙ୍କ ଜାମିନ ମଞ୍ଜୁର ହୋଇଥିବା ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି।

## ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ : ଛାତ୍ର ଛାତ୍ରୀଙ୍କ ସ୍ୱାଗତ ଉତ୍ସବ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ଅଧିନସ୍ଥ ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଡ. ଧନଞ୍ଜୟ ସେଠ୍‌ଙ୍କ ଅଧକ୍ଷତାରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ କଲେଜର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀଙ୍କ ସମେତ ଚଳିତ ବର୍ଷ ଯୁକ୍ତ ଦୁଇ ବର୍ଷର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ବୈଠକରେ କଲେଜର ଶୃଙ୍ଖଳା ଓ ନିୟମାବଳୀ ସହିତ ଛାତ୍ରଛାତ୍ରୀମମାନଙ୍କର ଭବିଷ୍ୟତ କିଭଳି ଉଜ୍ଜଳମୟ ହେବ ଓ ବିଦ୍ୟାଳୟର ସୁନାମ କିପରି ବଢିବ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଅଧକ୍ଷ ଡ. ସେଠ ବକ୍ତବ୍ୟ ପ୍ରଦାନ କରରିଥିଲେ । ଏହା ବ୍ୟତିତ ବିଦ୍ୟାଳୟରରେ ଆଭ୍ୟନ୍ତରିଣ କମିଟି (ଆଇସିସି) ବିଷୟରେ ଛାତ୍ର ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ଅଧାପିକା ପଦ୍ମାଳୟା ତ୍ରିପାଠି, ଅଧାପିକା ଚାରୁଲତା ମିଶ୍ର, ଅଧାପକ ସୁଦାମ ଚରଣ ଖମାରୀ, ଅଧାପକ ଡ. ଦୈତାରୀ ପୁଜାରୀ, ଅଧାପକ ରାଧାକାନ୍ତ ସାହୁ, ଅଧାପକ ଡ. ପବିତ୍ର କୁମାର ଦଣ୍ଡସେନା, କ୍ରୀଡା ଶିକ୍ଷକ ପ୍ରେମାନନ୍ଦ ବିଶି, ଗ୍ରନ୍ଥାଗାରିକ ଦୁର୍ବାଦଳ ମିଶ୍ର, କନିଷ୍ଠ କିରାଣୀ ଦିଗାମ୍ବର ପାଣ୍ଡେ, ଦୁଃଖିଶ୍ୟାମ ବାଗ ପ୍ରମୁଖ ସହଯୋଗ କରିଥିଲେ ।

## ପାଉଁଶ ବୋଝେଇ ଗାଡ଼ି ଧକ୍କାରେ ବଳଦ ମୃତ, ଜଣେ ଗୁରୁତର

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ପୁରୁଣା ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଏକ ଓଭର ଲୋଡିଂ ଖୋଲା ପାଉଁଶ ବୋଝେଇ ଟ୍ରକ ଧକ୍କାରେ ଗୋଟିଏ ବଳଦର ମୃତ୍ୟୁ ହୋଇଥିବା ବେଳେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଗୁରୁତର ବ୍ୟକ୍ତି ହେଲେ ରେଢ଼ାଖୋଲ ଥାନା ବିଶ୍ୱନାଥପୁର ଗ୍ରାମର ଏମଡି ହାରୁନ୍ ଅନସାରୀ। ସମ୍ବଲପୁର ପଟରୁ ଖୋଲା ପାଉଁଶ ବୋଝେଇ ଗାଡି ନଂ ପିବି ୧୩ ବିଏସ ୭୮୧୩ ବିଶିଷ୍ଟ ଗାଡି ଦୃତ ଗତିରେ ଆସି ବଳଦ କୁ ଧକ୍କା ଦେବା ସହିତ ଆଗରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତିକୁ ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ମାରିଥିଲା। ଖବର ପାଇ ସ୍ଥାନୀୟ ଲୋକେ ରେଢ଼ାଖୋଲ ସହରର ଭୀମଭୋଇ ଛକରେ ପାଉଁଶ ବୋଝେଇ ଟ୍ରକକୁ ଅଟକାଇ ଥିଲେ। ଟ୍ରକ୍ ଡ୍ରାଇଭରକୁ ପୋଲିସ ଅଟକ ରଖି ଗାଡ଼ିକୁ ଜବତ କରିଛି। ଏଥିରେ ସହରବାସୀ ଓଭର ଲୋଡ଼ିଙ୍ଗ ଖୋଲା ପାଉଁଶ ବୋଝେଇ ଗାଡି ଦିନବେଳା ଚଳାଚଳ ବନ୍ଦକୁ ନେଇ ପ୍ରାୟ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ। ଏଥିରେ ଜାତୀୟ ରାଜପଥ ଦୁଇ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା। ଏହା ଜାଣିବା ପରେ ଘଟଣା ସ୍ଥଳକୁ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ରେଢ଼ାଖୋଲ ଏସଡିପିଓ ପ୍ରଶାନ୍ତ କୁମାର ମେହେର, ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ପହଞ୍ଚି ଉତ୍ୟକ୍ତ ଲୋକ ମାନଙ୍କୁ ବୁଝାଇ ଥିଲେ । ଲୋକେ ଦାବୀ ରଖିଥିଲେ ଯେ ରାତ୍ରୀରେ ପାଉଁଶ ବୋଝେଇ ଗାଡି ଯାତାୟାତ ହେବା ସହିତ ଜରୁରୀ କାଳୀନ ପରିସ୍ଥିତିରେ ଦିନବେଳେ ପାଉଁଶକୁ ଘୋଡାଇ ସୁରକ୍ଷିତ ଭାବରେ ଗାଡି ଯାତାୟାତ କରୁ । ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ପରେ ଜାତୀୟ ରାଜପଥ ଅବରୋଧ ପ୍ରତ୍ୟାହୃତ ହୋଇ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ଝାଡା ଜ୍ୱରରେ ଅଞ୍ଚଳବାସୀ ଆକ୍ରାନ୍ତ

ରାଜଗାଙ୍ଗପୁର,(ସବ୍ୟୁ): ରାଜଗାଙ୍ଗପୁର ଅଞ୍ଚଳରେ ଝାଡା ଜ୍ୱରରେ ଆକ୍ରାନ୍ତ ବ୍ୟାପିବାରେ ଲାଗିଛି । ଏପରି ପରିସ୍ଥିତି ଅସମ୍ଭାଳ ହୋଇ ଯାଇଛି ଯାହାକି ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କ ଚିକିତ୍ସା ପାଇଁ ଶଯ୍ୟାର ଅଭାବ ଦେଖିବାକୁ ମିଳୁଛି । ସହର ଏବଂ ଗ୍ରାମାଞ୍ଚଳରେ ରୋଗୀଙ୍କୁ ପ୍ରଥମେ ପେଟବ୍ୟଥା ହୋଇ ଝାଡା ହେବା ପରେ ଜ୍ୱର ହେଉଛି । ସେହି ପରି ଏହି ରୋଗ ର ନିରାକରଣ ପାଇଁ ପ୍ରଶାସନ ପକ୍ଷରୁ ତୁରନ୍ତ ପ୍ରତିଶୋଧକ ବ୍ୟବସ୍ଥା ନ କରି ନୀରବ ରହିଲେ ଏହି ରୋଗ ତାର କାୟା ବିସ୍ତାର କରି ଧନଜୀବନ ନଷ୍ଟ ହେବ ବୋଲି ଅନୁମାନ କରାଯାଉଛି । ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଛନ୍ତି କିନ୍ତୁ ଡାକ୍ତରଖାନାରେ ରୋଗୀ ସେବା ପାଇଁ ଡାକ୍ତର ନାହାନ୍ତି । ଡାକ୍ତରମାନେ ନିଜ ନିଜର କ୍ଲିନିକ ଖୋଲି ସେଥିରେ ରୋଗୀସେବା କରୁଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଲେ ମଧ ସେମାନଙ୍କ ଉପରେ କୌଣସି କାର୍ଯ୍ୟନୁଷ୍ଠାନ ହୋଇ ପାରିନାହିଁ । ଜିଲ୍ଲା ମାଇଂନି ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କରା ଯାଇ ୩ଜଣ ଡାକ୍ତରଙ୍କୁ ରୋଗୀ ସେବା ପାଇଁ ରଖା ଯାଇଥିଲେ ମଧ କାର୍ଯ୍ୟରତଙ୍କ ମଧ୍ୟରୁ ଜଣେ ଡାକ୍ତର ମାତ୍ର ଏକ ଘଣ୍ଟା ରହି ସୁନ୍ଦରଗଡ଼ ନିଜ ଘରକୁ ଫେରି ଯାଉଛନ୍ତି । ସେ ଅନୁପସ୍ଥିତି ରହିଲେ ମଧ ତାଙ୍କ ଦରମା ପୁରା ପାଉଥିବା ଅଭିଯୋଗ ହେଉଛି । ଉଚ୍ଚ ପ୍ରଶାସନଙ୍କ ପକ୍ଷରୁ ତୁରନ୍ତ ଡାକ୍ତର ଦଳ ପଠାଇ କିପରି ଏହି ଝାଡା ଜ୍ୱର ପରି ରୋଗକୁ ନିରାକାରଣ ହୋଇ ପାରିବ ତାର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି ।

## କାମରେ ଆସୁନି ଜଙ୍ଗଲ ଜମିପଟ୍ଟା, ଚିନ୍ତାରେ ୩୩ଟି ପରିବାର



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ମେଘପାଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଟାମ୍ପରସିଂଘା ରାଜସ୍ୱ ଗ୍ରାମ ଅଧିନରେ ଥିବା ରାଣତାଲ ଗ୍ରାମବାସୀ ମାନେ ଚିନ୍ତାରେ ପଡି ଯାଇଛନ୍ତି । ପ୍ରଶାସନ ପକ୍ଷରୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଇଥିବା ବେଳେ ତାହା ସରକାରୀ କାର୍ଯ୍ୟରେ ଆସୁନଥିବା ଅଭିଯୋଗ ହେଉଛି । ଫଳରେ ୩୩ଟି ପରିବାରର ଭାଗ୍ୟ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି । ଏଭଳିସ୍ଥଳେ ସେମାନେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ ଭୋଇଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ୨୦୧୬ ମସିହାରେ ତତ୍‌କାଳୀନ ଜିଲ୍ଲାପାଳ ବଲବନ୍ତ ସିଂ ମେଘପାଳକୁ ଆଦର୍ଶ ଗ୍ରାମପଞ୍ଚାୟତ ଭାବେ ଘୋଷଣା କରିଥିଲେ । ସେହିପରି ରାଣତାଲ ଗ୍ରାମକୁ ଏକ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ପ୍ରଚେଷ୍ଟା କରିଥିଲେ । ସ୍ୱତନ୍ତ୍ର ଜଙ୍ଗଲ ଅଧିକାରୀ କମିଟି ଗଠନ କରି ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ୩୩ଟି ପରିବାରକୁ ବ୍ୟକ୍ତିଗତ ଜଙ୍ଗଲ ଜମି ଶିରୋନାମା ଯୋଗାଇ ଦେଇଥିଲେ । ଏହାଦ୍ୱାରା ଏହି ଗ୍ରାମ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା । ଏଥିସହ ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀ ମାନେ ସାମିଲ ହୋଇ ପାରିଥିଲେ । ମାତ୍ର ୧ବର୍ଷ ହେବ ସେମାନେ ଏହି ପଟ୍ଟା ଜରିଆରେ ଜାତିଗତ ପ୍ରମାଣପତ୍ର ପାଇବାରୁ ବଂଚିତ ହେଉଛନ୍ତି । ବାରମ୍ବାର ଆବେଦନ କଲେ ମଧ୍ୟ ପ୍ରଶାସନ ଏହାକୁ ଖାରଜ କରୁଛି । ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ସରକାରଙ୍କ ଯୋଜନାରୁ ହିତାଧିକାରୀ ମାନେ ବଞ୍ଚିତ ହେଉଛନ୍ତି । ଏହାର ଆଶୁ ସମାଧାନ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

## ବିନା ସୂଚନା ଫଳକରେ କାମ ଆରମ୍ଭ,ଅଘଟଣକୁ ଆମନ୍ତ୍ରଣ!

ଜମନକିରା,(ସବ୍ୟୁ):ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅଫିସ ପରିସରରେ ମିଶନ ଶକ୍ତି କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ତେବେ ମିଶନ ଶକ୍ତି କାର୍ଯ୍ୟାଳୟର ଅଧିକାରୀଙ୍କୁ ନଜଣାଇ ତରବରିଆ ଭାବେ ରବିବାର କାର୍ଯ୍ୟାଳୟ ସମ୍ମୁଖ ଭାଗରେ ଜେସିବି ଲଗାଇ ନିହ ଖୋଲାଯାଇଛି। କାର୍ଯ୍ୟାଳୟ ଉପରେ ୨୧ ଗୋଟି ପଞ୍ଚାୟତର ପ୍ରାୟ ୧୭ ହଜାର ମହିଳା ନିର୍ଭରଶୀଳ । ପ୍ରତ୍ୟେକ ଦିନ ମହିଳା ଓ ମହିଳା ଏସଏଚଜିର ସଭ୍ୟା ମାନେ କାର୍ଯ୍ୟାଳୟକୁ ଆସି ବିଭିନ୍ନ କାର୍ଯ୍ୟ କରିଥାନ୍ତି। ମହିଳା ମାନଙ୍କ ସହ ତାଙ୍କର ଛୋଟ ଛୋଟ ପିଲା ଛୁଆ ମାନେ ବି ସାଥୀରେ ଆସିଥାନ୍ତି। ତେବେ ରବିବାର ଦିନ ବ୍ଲକ ଉନ୍ନୟନ ବିଭାଗ ଯନ୍ତ୍ରୀ ମାନେ ଠିକାଦାରଙ୍କ ସହ ମିଶି ଖାମଖିଆଲି ଭାବେ ବିଭାଗର କାହାକୁ କିଛି ନଜଣାଇ କାର୍ଯ୍ୟଳୟ ସମ୍ମୁଖରେ ବାଡ଼ ଦେବା ପାଇଁ ନିହ ଖୋଲି ଦେଇଥିବାରୁ ନାନା ଅସୁବିଧା ସୃଷ୍ଟି ହେଉଛି। ମହିଳା ମାନେ ତାଙ୍କ ପିଲା ଛୁଆଙ୍କୁ ନେଇ ଯିବା ଆସିବା କରିବା ବେଳେ ପଡ଼ି ଝୁଣ୍ଟି ହେଉଥିବା ଅଭିଯୋଗ ହେଉଛି। ଆଗାମୀ ଦିନରେ ଯେପରି କୌଣସି ବଡ ଅଘଟଣ ନହେବ, ତା ପୂର୍ବରୁ ଶୀଘ୍ର କାମ ଶେଷ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସଂକ୍ରାନ୍ତରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟଜିତ ସାହୁଙ୍କୁ ପଚାରିବାରୁ ଖୁବ ଶୀଘ୍ର କାମ ଶେଷ କରାଯିବ ବୋଲି କହିଥିଲେ।

# ବଲାଙ୍ଗିର ନାଗରିକ କମିଟିର ତ୍ରୟୋମାସିକ ସାଧାରଣ ସଭା

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ନାଗରିକ କମିଟିର ତ୍ରୟୋମାସିକ ସାଧାରଣ ସଭା ସରକାରୀ ଟାଉନ ଉଚ୍ଚବାଳିକା ବିଦ୍ୟାଳୟରେ ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନାଗରିକ କମିଟିର ସମ୍ବିଧାନ ସଂଶୋଧନ ପରେ ଏହା ହେଉଛି ପ୍ରଥମ ତ୍ରୟୋମାସିକ ସଭା । ସଭାପତି ଡ. ମିଶ୍ର ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ପରେ ସାଧାରଣ ସଂପାଦକ ମଧୁ ସୁଦନ ନାୟକ ଗତ ସାଧାରଣ ସଭା ଓ କାର୍ଯ୍ୟକାରି କମିଟି ବୈଠକର ବିବରଣୀ ପାଠ କରିବା ସହିତ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସଂପାଦକ ଶ୍ରୀ ନାୟକ ଗତ ତିନି ମାସ ମଧ୍ୟରେ ନାଗରିକ କମିଟି ଦ୍ୱାରା ସଂପାଦିତ ବିଭିନ୍ନ କାର୍ଯ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀ, ରେଲୱେ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ ଙ୍କ ସହିତ ଜିଲ୍ଲା ପଂଚାୟତ କାର୍ଯ୍ୟାଳୟ, ବିପିସିଏଲ୍ ଓ ଲୋୟର ସୁକତେଲ କାର୍ଯ୍ୟଳୟ ରୁ ନାଗରିକ କମିଟିର ପତ୍ର ର ଉତ୍ତର ମିଳିଥିବା ସଭାପତି ସୂଚନା ଦେବା ସହିତ ସମସ୍ତ କାର୍ଯ୍ୟାଳୟ ବଲାଙ୍ଗିର ନାଗରିକ କମିଟିକୁ ସହଯୋଗ କରିଥିବା ଦର୍ଶାଇଥିଲେ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଖାତିର ନ କରି ଯେଉଁ ସଦସ୍ୟମାନେ ନାଗରିକ କମିଟିର କାର୍ଯ୍ୟ ସଂପାଦନ ପାଇଁ ଆଗେଇ ଆସିଥିଲେ ସେମାନଙ୍କୁ, ବିଶେଷ କରି ଗତ ତା.୦୯.୦୭.୨୦୨୫ରିଖରେ ସ୍ଥାନୀୟ ଆର୍ଯ୍ୟ ସମାଜ ମନ୍ଦିର ପରିସରରେ ନାଗରିକ କମିଟି ତରଫରୁ ପାଳନ କରାଯାଇଥିବା ବନୋମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଶେଷ ଅବଦାନ ପାଇଁ ଉପ–ସଭାପତି ନିତ୍ୟାନନ୍ଦ ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଫେସର ତରୁଣ କୁମାର ମିଶ୍ର ଓ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସଦସ୍ୟମାନଙ୍କୁ ସଭାପତି ସାଧୁବାଦ ଜଣାଇଥିଲେ ଓ ପ୍ରକାଶ କରିଥିଲେ ଯେ ଗତ ତିନି ମାସ ମଧ୍ୟରେ କିଛି କାର୍ଯ୍ୟ ସୁଫଳ ପ୍ରଦାନ କରିଛି ଓ କିଛି କାର୍ଯ୍ୟ ଅଧୁରା ରହିଯାଇଛି । ଯେଉଁ କାର୍ଯ୍ୟ ଅଧୁରା ରହିଛି ତା ଉପରେ ଖୁବ୍ ଶିଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଘୋଷଣା କରିଥିଲେ । ସଭାପତିଙ୍କ ଆହ୍ୱାନ କ୍ରମେ ସଦସ୍ୟ ଧର୍ମବ୍ରତ ରଥ, ନରେନ୍ଦ୍ର କୁମାର ଆଚାର୍ଯ୍ୟ,ପ୍ରଭାକର ମିଶ୍ର, ପ୍ରଶାନ୍ତ କୁମାର ପଟ୍ଟନାୟକ, କିଶୋର କୁମାର ପୁରୋହିତ, ଦୁର୍ବାଦଳ ମହାକୁର ଓ ପ୍ରଦୀପ କୁମାର ସାହୁ ଆଗାମୀ ତିନି ମାସ ପାଇଁ ବିଭିନ୍ନ କାର୍ଯ୍ୟର ପ୍ରସ୍ତାବ ରଖିଥିଲେ । ଶେଷରେ ଉପ–ସଭାପତି ନିତ୍ୟାନନ୍ଦ ମିଶ୍ରଙ୍କ ପରେ ସଭା ସାଙ୍ଗ ହୋଇଥିଲା ।

## ରେଳ ଲାଇନ ନିକଟରେ ବୃଦ୍ଧଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

ରାଜଗାଙ୍ଗପୁର,(ସବ୍ୟୁ): ରାଜଗାଙ୍ଗପୁର ୱାର୍ଡ ନମ୍ବର ୧୨ ର ରେଳ ଲାଇନର ଅନତି ଦୂରରେ ଜଣେ ବୃଦ୍ଧ ବ୍ୟକ୍ତିଙ୍କ ମୃତ୍ୟୁ ଦେହ ଉଦ୍ଧାର କରାଯାଇଛି । ମୃତ ବ୍ୟକ୍ତି ଜଣଙ୍କ ରାଜଗାଙ୍ଗପୁର ସହର ମଧ୍ୟରେ ଥିବା ମୁଖ୍ୟ ବଜାର ସ୍ଥିତ ହନୁମାନ ମନ୍ଦିର ନିକଟ ବାସିନ୍ଦା ସୁରେଶ ଅଗ୍ରୱାଲ । ତାଙ୍କର ଆନୁମାନିକ ବୟସ (୭୦) ହେବ ବୋଲି ଜଣା ପଡୁଛି । ସେ ବୁଧବାର ଅପରାହ୍ନରେ ଘରୁ ବାହାରି ଥିବା କିଛି ଲୋକ ଦେଖିଥିବା କହୁଛନ୍ତି । ସନ୍ଧ୍ୟାରେ ତାଙ୍କ ମୃତ ଦେହ ସେଠାରେ ପଡ଼ିଥିବା ଖବର ପାଇବା ପରେ ପରିବାର ଏବଂ ସାହି ପଡିଶା ଲୋକେ ଘଟଣା ସ୍ଥଳରେ ପହଞ୍ଚି ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ପୋଲିସ ଉକ୍ତ ସ୍ଥାନରେ ପହଞ୍ଚି ତଦନ୍ତ କରି ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ତାଙ୍କ ଶରୀରଟି ନୀଳ ବର୍ଣ୍ଣ ହୋଇ ଯାଇଥିଲା ଏବଂ ମୁହଁରୁ ଫେଣ ବାହାରୁ ଥିବା ଦେଖିବାକୁ ମିଳିଥିଲା । ପୋଲିସ ଘଟଣାର ତଦନ୍ତ କରି ଶବକୁ ଜବତ କରିଥିଲା । ପରେ ଶବ ପରିବାରକୁ ହସ୍ତାନ୍ତର କରିଥିବା ଜଣା ଯାଇଛି ।

# ଗୁଡାରୀ ବ୍ଲକ ଅଧ୍ୟକ୍ଷାଙ୍କ ଅନାସ୍ଥା ଭୋଟ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଘୋଷଣା

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲା ଗୁଡାରୀ ବ୍ଲକ ଅଧକ୍ଷାଙ୍କ ନାମରେ ଅନାସ୍ଥା ଭୋଟଦାନ ହୋଇଛି । କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଘୋଷଣା ହେବ। ଗୁଡ଼ାରୀ ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ଆଣିଥିଲେ ଉପାଧକ୍ଷ ସୁଦର୍ଶନ ଶବର ଓ ଅନ୍ୟ ପଂଚାୟତ ପ୍ରତିନିଧି । ଅନାସ୍ଥା ଭୋଟର ସମ୍ମୁଖୀନ ହେଲେ କଂଗ୍ରେସ ସମର୍ଥିତ ବ୍ଲକ ଅଧକ୍ଷା ଲକ୍ଷ୍ମୀ ଶବର । ବ୍ଲକ ପ୍ରଶାସନ ପକ୍ଷରୁ ଗୁଡ଼ାରୀ ବ୍ଲକ ପରିସରରେ ବ୍ଲକ ଅଧକ୍ଷାଙ୍କ ବିରୋଧରେ ଆଗତ ହୋଇଥିଲା ଅନାସ୍ଥା ଭୋଟ । ୯ଗୋଟି ପଂଚାୟତ ବିଶିଷ୍ଟ ଗୁଡ଼ାରୀ ବ୍ଲକର ମୋଟ ୧୮ ଜଣ ସମିତି ସଭ୍ୟ ଓ ସରପଞ୍ଚ ରହିଛନ୍ତି । ସେଥି ମଧ୍ୟରୁ ୮ ଗୋଟି ପଂଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଅନାସ୍ଥାରେ ଭୋଟରେ ଯୋଗଦେଇଥିଲେ । ତେବେ ଅନସ୍ଥା ଭୋଟ ନିର୍ବାଚନ ଶେଷ ହୋଇଥିଲେ ମଧ ଫଳାଫଳ ଘୋଷଣା ନ କରିବା ପାଇଁ ହାଇକୋର୍ଟରୁ ରହିତା ଦେଶ ଆଣିଛନ୍ତି ବ୍ଲକ ଅଧକ୍ଷା । ଯାହା ଫଳରେ କେତେ ଗୋଟି ଭୋଟ ଅନାସ୍ଥା ସପକ୍ଷରେ ଓ ବିପକ୍ଷରେ ଯାଇଛି ତାହା ଅସ୍ପଷ୍ଟ ହୋଇରହିଛି। ହାଇକୋର୍ଟଙ୍କ ପରବର୍ତ୍ତୀ ରାୟ ପର୍ଯ୍ୟନ୍ତ ଘୋଷଣା ହୋଇ ପାରିବନି ବୋଲି ନିର୍ବାଚନ ଅଧିକାରୀ ତଥା ତହସିଲଦାର ଏ ସ୍ନେହଲତା ପ୍ରକାଶ କରିଛନ୍ତି । ଗତ ୧୮ ଜୁନ ୨୦୨୫ରେ ଗୁଡ଼ାରୀ ବ୍ଲକ ଅଧକ୍ଷାଙ୍କ ମନୋମୁଖୀ ଶାସନ ଯୋଗୁଁ ବ୍ଲକ ୧୪ଜଣ ସରପଞ୍ଚ ଓ ସମିତି ସଭ୍ୟ ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ଆଗତ କରିବା ପାଇଁ ଗୁଣୁପୁର ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଉପ ଜିଲ୍ଲାପାଳ ସମସ୍ତ ଦସ୍ତଖତ ଯାଞ୍ଚ କରି ଆଜି ନିର୍ବାଚନ ତାରିଖ ଘୋଷଣା କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଗୁଣୁପୁର ଏସଡ଼ିପିଓ ବାବୁଲି ନାୟକ ଏବଂ ଗୁଡ଼ାରୀ ଆଇଆଇସି ସମର୍ପିତା ସ୍ୱାଇଁଙ୍କ ସହ ୧ ପ୍ଲାଟୁନ ପୋଲିସ ମୁତୟନ ହୋଇଥିଲେ । ଏହି ଅନାସ୍ଥା ଭୋଟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ ଗୁଡାରୀ ନିର୍ବାହୀ ଅଧିକାରୀ ପ୍ରସନ୍ନ ପାଢ଼ୀ।

## ଜୟହିନ୍ଦ୍ କ୍ଲବ ଲିଗ କମ ନକ ଆଉଟ ଫୁଟବଲ ବଡମାଲ ଫୁଟବଲ କ୍ଲବ ବିଜୟୀ

ଝାରସୁଗୁଡା,(ସବ୍ୟୁ): ସ୍ଥାନିୟ ମନମୋହନ ସ୍କୁଲ ପଡିଆରେ ଜୟହିନ୍ଦ କ୍ଲବ ପକ୍ଷରୁ ୧୨ତମ ଲିଗ କମ ନକ ଆଉଟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଗୁରୁବାର ୫ମ ଦିବସରେ ମ୍ୟାଚ ଜୟ ବଜରଙ୍ଗ କ୍ଲବ ସୁନ୍ଦରଗଡ ଓ ବଡମାଲ ଫୁଟବଲ କ୍ଲବ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଡମାଲ ଫୁଟବଲ କ୍ଲବ ଝାରସୁଗୁଡା ୩–୦ ଗୋଲରେ ବିଜୟୀ ହୋଇଥିଲା । ମ୍ୟାଚରେ ଝାରସୁଗୁଡା ପୌରପରିଷଦର ପୂର୍ବତନ ଅଧ୍ୟକ୍ଷ ହରିଶ ଗଣତ୍ରା ଅତିଥି ଭାବରେ ଯୋଗଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇ ଥିଲେ। ଖେଳକୁ ଶରତ କିଶାନ, ସଂଜୟ ଦାସ ,ଅରୁଣ ମୁଣ୍ଡା ,ଅମିତ ବାଗ ପ୍ରମୁଖ ପରିଚାଳନା କରିଥିଲେ ।

## ବିଜେପିରେ ଯୋଗଦେଲେ ୧୦ ସରପଞ୍ଚ

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରରେ ବିଜେଡିକୁ ଲାଗିଛି ଶକ୍ତ ଧକ୍କା । ଲଖନପୁର ବ୍ଲକର ୧୦ ଜଣ ବିଜେଡ଼ି ସମର୍ଥିତ ସରପଞ୍ଚ ଗୁରୁବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି। ଆୟୋଜିତ ମିଶ୍ରଣ ପର୍ବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ , ନଗରଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଆଇନ ତଥା ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ଉପସ୍ଥିତିରେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ୧୦ ଜଣ ବିଜେଡ଼ି ସରପଞ୍ଚ ବିଧିବଦ୍ଧ ଭାବରେ ବିଜେପିରେ ଯୋଗ ଦେଇଛନ୍ତି ।

**AFFIDAVIT**

I, SANJIB KUMAR PANIGRAHI S/O PURANDAR PANIGARHI, RESIDENT OF R/O GULUNDA, P/O- MANESWAR P/S- DHAMA DIST - SAMBALPUR Pin 768005 ODISHA DECLARE BY THIS AFFIDAVIT NO-4178 DATED 21.07.2025 THAT NOW ONWARDS I SHALL BE KNOWN AS SANJIB PANIGRAHI FOR ALL FUTURE PURPOSES.

**AFFIDAVIT**

I, Sheikh Akhtar Raja, S/o- Late Sheikh Liyaqat Ali, resident of Karvy Building, G.M. College Road, Ward No. 26, P.O.- Sambalpur, P.S. - Town, Dist - Sambalpur, Pin- 768001 Odisha declare by this affidavit No. 8252 and Sl. No-17359, Dtd. 24/7/2025 that now onwards I shall be known as Sheikh Akhtar Raza for all future purposes.

(ଶ୍ରୀମଭଗବଦ୍ ଗୀତା ୧୭/୨୫)

–ଶ୍ରଦ୍ଧାତ୍ରୟ ବିଭାଗ ଯୋଗ–

(ଶ୍ରୀଭଗବାନୁବାଚ)

**ସଦ୍‌ଭାବ ସାଧୁଭାବେ ଚ ସଦିତ୍ୟେତତ୍ପ୍ରଯୁଜ୍ୟତେ ।**
**ପ୍ରଶସ୍ତେ କର୍ମଣି ତଥା ସଚ୍ଛବ୍ଦଃ ପାର୍ଥ ଯୁଜ୍ୟତେ ॥୨୬॥**

(ସଚ୍ଛବ୍ଦସ୍ୟ ପ୍ରାଶସ୍ତ୍ୟମାହ)–ହେ ପାର୍ଥ ! ସଦ୍‌ଭାବେ (ଅସତଃ ସଭାବେ) ସାଧୁଭାବେ ଚ (ଅସାଧୋଃ ସାଧୁଭାବେ ଚ ) ସତ୍ ଇତି ଏତତ୍ (ପଦଂ) ପ୍ରଯୁଜ୍ୟତେ, ପ୍ରଶସ୍ତେ (ମାଙ୍ଗଳିକେ) କର୍ମଣି ଚ ସଚ୍ଛବ୍ଦଃ ଯୁଜ୍ୟତେ (ସଙ୍ଗଚ୍ଛତେ) ॥ ୨୬॥

# ପିଛା ଛାଡୁନି ମହାନଦୀ ଜଳ ବିବାଦ

**ସମ୍ପାଦକୀୟ**

ମହାନଦୀ ଜଳ ବିବାଦ ଓଡ଼ିଶାର ପିଛା ଛାଡୁନି । ଏଥର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିବାଦର ସମାଧାନ ଲାଗି ତତ୍ପରତା ପ୍ରକାଶ କରିଥିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏଥିପାଇଁ ସେ ଉଚ୍ଚସ୍ତରୀୟ ବୈଠକ ଡକାଇଛନ୍ତି ଓ ଆବଶ୍ୟକ ପଡ଼ିଲେ କେନ୍ଦ୍ର ସରକାରଙ୍କ ସହାୟତା ଏ ଦିଗରେ ଲୋଡାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ଏପରିକି କେନ୍ଦ୍ରୀୟ ୱାଟର କମିଶନ ଏଥିପାଇଁ ବୈଷୟିକ ସହାୟତା ଯୋଗାଇବାକୁ ସେ ଚାହିଁଛନ୍ତି ।

ଗତ ନବୀନ ପଟ୍ଟନାୟକଙ୍କ ସରକାରରେ ମହାନଦୀ ଜଳ ବିବାଦର ସମାଧାନ ସକାଶେ ମଧ୍ୟ ଏକ ଉଚ୍ଚସ୍ତରୀୟ କମିଟି ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିଲା । ଏହି କମିଟି ଛତିଶଗଡ଼ର ରାଜଧାନୀ ରାୟପୁରକୁ ଗଲେ ସତ, ମାତ୍ର ତତ୍କାଳୀନ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ବା ଜଳସଂପଦ ମନ୍ତ୍ରୀଙ୍କ ଦେଖା କରି ନ ପାରି ଛତିଶଗଡ଼ର ଜଳ ସଂପଦ ବିଭାଗର ସଚିବଙ୍କୁ ଭେଟି ଫେରି ଆସିଲେ । ଏହା ହିଁ ଓଡ଼ିଶାର ଦୁର୍ଭାଗ୍ୟ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭଲ ସଂପର୍କ ଥିଲେ ମଧ୍ୟ ମହାନଦୀ ଜଳ ବିବାଦ ସମସ୍ୟା ସଂପର୍କରେ ନବୀନ ବାବୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ କିଛି ଅବଗତ କରି ନଥିଲେ । ନ ହେଲେ ଏ ସମସ୍ୟାର ସମାଧାନ ବିଳମ୍ବିତ ହୋଇ ନଥାନ୍ତା ।

ମହାନଦୀ ଆମର, ଏ ଦାବିକୁ ପ୍ରତିପାଦିତ କରିବାକୁ ପଶ୍ଚିମ ଓଡ଼ିଶାର ଝାରସୁଗୁଡା ଜିଲ୍ଲାର ମହାନଦୀର ପ୍ରବେଶ ପଥ ସୁଖାସୋଡା ଠାରେ ମହିଳାମାନେ କଳସରେ ପାଣି ଧରି ଶୋଭାଯାତ୍ରାରେ ମଧ୍ୟ ବାହାରିଥିଲେ । ତାହାର ନେତୃତ୍ୱ ନେଇଥିଲେ ତତ୍କାଳୀନ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର । ଏବେ ସେ ସ୍ୱର୍ଗରେ । ମାତ୍ର ସେହି ବିଜେଡି ଦଳର ଆଉ ଜଣେ ମନ୍ତ୍ରୀ ଡାଃ ଦାମୋଦର ରାଉତ ତାହାକୁ ବିରୋଧ କରି ଯେଉଁ ମନ୍ତବ୍ୟ ଦେଇଥିଲେ, ସେଥିରେ ସେ ଉଲ୍ଲେଖ କରିଥିଲେ ଯେ ସୂର୍ଯ୍ୟ ପାତ୍ର କ'ଣ ମହିଳା ହୋଇଛନ୍ତି ଯେ ସେ ମହିଳା ଶୋଭାଯାତ୍ରାର ନେତୃତ୍ୱ ନେଉଛନ୍ତି ? ଏବେ ଡାକ୍ତର ଦାମୋଦର ରାଉତ ମଧ୍ୟ ଆମ ଗହଣରେ ନାହାନ୍ତି । ତେଣୁ ବିଜେଡ଼ିର ଗୋଷ୍ଠୀ କନ୍ଦଳ ସେବେଠାରୁ ଥିଲା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ରାଜ୍ୟର ବିକାଶ ପାଇଁ ବିଜେଡି ରାଜ୍ୟ ସରକାରଙ୍କ ସହ ହାତ ମିଳାଇ ଚାଲିଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ । ମହାନଦୀ ପାଇଁ ବିଜେଡି ଅତୀତରେ ଯେଉଁ ଆନ୍ଦୋଳନ ଆରମ୍ଭ କରିଥିଲା, ଏବେ ସେଥିପାଇଁ ବିଜେଡି କି ପଦକ୍ଷେପ ନେଉଛନ୍ତି, ତାହା ଜଣା ପଡୁନାହିଁ । ଅବଶ୍ୟ ୨୦୧୬ରେ ତତ୍କାଳୀନ ନବୀନ ସରକାର ଅଭିଯୋଗ କରିବାରୁ ତତ୍କାଳୀନ କେନ୍ଦ୍ର ସରକାର 'ମହାନଦୀ ଜଳ ବିବାଦ' ଟ୍ରିବ୍ୟୁନାଲ ମାର୍ଚ୍ଚ ୧୨ ତାରିଖ , ୨୦୧୮ରେ ଗଠନ କରିଥିଲେ । ହୀରାକୁଦ ବନ୍ଧର ଉପର ମୁଣ୍ଡରେ ଛତିଶଗଡ଼ ସରକାର ମନଇଛା ଅନେକ ପ୍ରକଳ୍ପ ଗଠନ କରିବାରୁ ତଳ ମୁଣ୍ଡରେ ବର୍ଷା ନଥିବା ବେଳେ ଓଡ଼ିଶାର ଲୋକେ ପାଣି ନ ପାଇ ହଇରାଣ ହରକତ ହେଉଛନ୍ତି । ଚାଷ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି । ଏ ବିଷୟରେ କେନ୍ଦ୍ର ସରକାର ଅଧିକ ଦୃଷ୍ଟି ଓଡ଼ିଶା ଉପରେ ପକାଇବା ଆବଶ୍ୟକ ।

ଏବେ ହୀରାକୁଦ ବନ୍ଧ ମଧ୍ୟ ୬୮ ବର୍ଷର ପୁରୁଣା । ୧୯୪୮ ମସିହାରୁ ଏହାର ନିର୍ମାଣ ଆରମ୍ଭ ହୋଇ ୧୯୫୭ ରେ ଶେଷ ହୋଇଥିଲା । ଏହି ନବୀକରଣ ରକ୍ଷଣାବେକ୍ଷଣ ମଧ୍ୟ ଏବେ ଜରୁରୀ ବୋଲି ମନେ କରି ରାଜ୍ୟ ସରକାର ତାଙ୍କ କାର୍ଯ୍ୟ ହୁଏତ ଆରମ୍ଭ କରିଛନ୍ତି ବା କରିବେ । କିନ୍ତୁ ଜଳସଂପଦ ଓ ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ ଓଡ଼ିଶାର ସର୍ବାଙ୍ଗୀନ ବିକାଶ କିପରି ହୋଇପାରିବ, ସେ ଦିଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭିନ୍ନ ପ୍ରକଳ୍ପ ଅବିଳମ୍ବେ ଆରମ୍ଭ କରିବା ଦରକାର । କାରଣ ଜଳର ଚାହିଦା ଏତେ ଅଧିକ ଯେ ଆଗାମୀ ୨୦୫୧ ପର୍ଯ୍ୟନ୍ତ ଏହି ଜଳ ସଂପଦର ଆବଶ୍ୟକତା ଓଡ଼ିଶା ପାଇଁ ଯେପରି ରହିପାରିବ ସେଥିପାଇଁ ରାଜ୍ୟ ସରକାର ଗତ ୨୦୦୬–୦୭ରୁ ଉଦ୍ୟମ ଆରମ୍ଭ କରିଛନ୍ତି । ପ୍ରାକୃତିକ ସଂପଦ ପରି ଜଳ ସଂପଦ ଓ ବିଶେଷ କରି ମହାନଦୀ ସତେ ଯେପରି ଆମର ଜୀବନରେଖା । କେବଳ ସରକାର ନୁହେଁ, ଆମେମାନେ ମଧ୍ୟ ଜଳ ସଂପଦର ସୁରକ୍ଷା ପାଇଁ ଯତ୍ନବାନ ହେବା ଆବଶ୍ୟକ ।

## ଶ୍ରୀଜଗନ୍ନାଥ ବିସ୍ମୟ

**ଶ୍ରୀଜଗନ୍ନାଥ ସଂପୂର୍ଣ୍ଣ ଜଗତର ପ୍ରତୀକ ଓ ତାଙ୍କରି ସଂସ୍କୃତିରେ ପୂର୍ଣ୍ଣ ମାନବୀୟ ଲୀଳା ପରିଲକ୍ଷିତ । କାଷ୍ଠରେ ନିଜ ସ୍ୱରୂପକୁ ପ୍ରକାଶ କରି ସେ ପ୍ରକୃତିର ସୂଚକ, ଘଟ ପରିବର୍ତ୍ତନ କରି ସେ ନିଜେ ଜନ୍ମମୃତ୍ୟୁ ଚକ୍ର ଭିତରେ ଆବଦ୍ଧ, ଅସୁସ୍ଥ ହୋଇ ଚଉଦ ଦିନ ଅଣସର ଯାଇ ନିଜେ ସୃଷ୍ଟିର ନିୟମକୁ ପାଳନ କରନ୍ତି । କିନ୍ତୁ ଆମେ ପ୍ରକୃତିକୁ ଅବମାନନା କରି ସମଗ୍ର ବିଶ୍ୱକୁ ଶୁଆଇ ଦେଉଛୁ ଅଣସରରେ ।**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# କୃଷି ବିକାଶର ନୂତନ ପରିମାପକ



ବିଦ୍ୟାଧର ମହାରଣା

ପ୍ରାଚୀନ କାଳରେ ପରିବାରର ଆବଶ୍ୟକତା ପୂରଣ ନିମନ୍ତେ କୃଷିକର୍ମ କରାଯାଉଥିଲା । ନିଜର ଆବଶ୍ୟକତା ପୂରଣ ପରେ ଯାହା ବଳୁଥିଲା ତାକୁ ଅନ୍ୟ ଦ୍ରବ୍ୟ ବଦଳ ପାଇଁ ହସ୍ତାନ୍ତର କରାଯାଉଥିଲା । ଏହାପରେ କୃଷି କ୍ଷେତ୍ରରେ ବ୍ୟବସାୟୀକରଣ ପ୍ରବେଶ କଲା । ଚାଷୀ ଏହାକୁ ଏକ କର୍ମନିଯୁକ୍ତି ଓ ରୋଜଗାରର ପନ୍ଥା ହିସାବରେ ଗ୍ରହଣ କଲା । ସରକାରୀ ସ୍ତରରେ କୃଷି ବିକାଶ ପାଇଁ କେତେ ପରିମାପକ ହିସାବରେ ହେକ୍ଟର ପ୍ରତି ଅମଳ କରାଯାଇ ମୋଟ ଖାଦ୍ୟଶସ୍ୟ ଉତ୍ପାଦନ କରାଯିବ ଓ ଫସଲର ସାନ୍ଦ୍ରତା ବିଚାର କରାଯିବ, ସେ ବିଷୟରେ ଆଲୋଚନା ହୋଇଥାଏ ।

ଦେଶରେ କେତେ କୃଷି ବିକାଶ ହୋଇଛି, ତାହା ଜଳସେଚିତ ଜମି ପରିମାଣରୁ ଜଣାଯିବ ବୋଲି କେତେକ ମଧ୍ୟ ପ୍ରକାଶ କରନ୍ତି । ଏବେବି କେତେକ ଫସଲ ଚାଷର ବିସ୍ତାର ଓ ଜଳସେଚିତ ଜମିର ପରିମାଣକୁ କୃଷି ବିକାଶର ପରିମାପକ ବୋଲି ମନେ କରନ୍ତି । ପରୋକ୍ଷ ସୂଚକଙ୍କ ହିସାବରେ ବିଦ୍ୟୁତ ପରିବର୍ତ୍ତନ ହାର, ହେକ୍ଟରପ୍ରତି ସାର ବ୍ୟବହାରର ପରିମାଣ, ଜଳସେଚିତ ଜମିର ପରିମାଣ, କୃଷି ଯାନ୍ତ୍ରିକୀକରଣ ହାର ଇତ୍ୟାଦିକୁ ଯୋଜନା ପ୍ରଣୟନକାରୀ ପ୍ରକାଶ କରନ୍ତି ଏବଂ ଏହା ଉପରେ ଜୋର୍ ଦିଆଯାଏ । କିନ୍ତୁ ଆଜିର କୃଷି ଯେପରି ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛି । ଏହିସବୁ ପ୍ରତ୍ୟକ୍ଷ ବା ପରୋକ୍ଷ ପରିମାପକ ଯେ ଯଥେଷ୍ଟ ନୁହେଁ ଏକଥା ଅବଶ୍ୟ ସ୍ୱୀକାର କରିବାକୁ ହେବ ।

ଆଜିର କୃଷି ଧାରଣକ୍ଷମ ଓ ପ୍ରତିକୂଳ ଜଳବାୟୁ ସହନଶୀଳ ହେବା ଅତ୍ୟନ୍ତ ଆବଶ୍ୟକ । ଏହା ସହିତ କୃଷି କୃଷକ କେନ୍ଦ୍ରିତ ହେବା ଏବଂ କୃଷକମାନଙ୍କ ପାଇଁ ଲାଭଜନକ ହେବାର ଆବଶ୍ୟକତା ଅଛି । ସୁତରାଂ କୃଷିର ଉପାଦେୟତା ଓ ଦକ୍ଷତା ମାପିବା ପାଇଁ ଆମକୁ ବିଭିନ୍ନ ଦିଗରୁ ବିଚାର କରିବା ଆବଶ୍ୟକ ।

ସାଧାରଣ ଭାବରେ ଧାରଣକ୍ଷମ କୃଷି ହେଉଛି ଏପରି କୃଷି ଯାହା ବର୍ତ୍ତମାନ ପିଢିର ଆବଶ୍ୟକତା ପୂରଣ କରିବା ସହିତ ଆଗାମୀ ପିଢିର ଆବଶ୍ୟକତା ପୂରଣ କରିବା ପାଇଁ ପ୍ରାକୃତିକ ସମ୍ବଳ ଓ ପରିବେଶକୁ ଅକ୍ଷୁଣ୍ଣ ରଖିବାରେ ସମର୍ଥ ଥିବ । ବାସ୍ତବରେ କୃଷି ଧାରଣକ୍ଷମ ହେଉଛି କି ନାହିଁ ଏହା ଜାଣିବାକୁ ହେଲେ ଆମେ କେବଳ ଫସଲ ଅମଳ ହାର ବା କୃଷକ ଆୟ ବିଚାର ନକରି ପରିବେଶୀୟ, ସାମାଜିକ ଓ ଅର୍ଥନୈତିକ ପରିମାପକ ଉପରେ ନିର୍ଭର କରିବାକୁ ହେବ ।

ନିରନ୍ତର କୃଷି ବିକାଶର ପରିମାପକଗୁଡିକକୁ ପରିବେଶୀୟ, ସାମାଜିକ ଏବଂ ଅର୍ଥନୈତିକ ଦିଗରୁ ବିଚାର କରାଯାଏ, କାରଣ ଏଗୁଡ଼ିକ ଦୀର୍ଘସ୍ଥାୟୀ ସୂଚକ ।

୧) ପରିବେଶୀୟ ପରିମାପକ: ଆମେ ଜାଣୁ ଆଜିର କୃଷି ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅଧିକ ପ୍ରଭାବିତ । ଆମର ତ୍ରୁଟିପୂର୍ଣ୍ଣ କୃଷି ମଧ୍ୟ କେତେକାଂଶରେ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ । ଯେଉଁ କୃଷି ପଦ୍ଧତି ଦକ୍ଷତାର ସହ ସୀମିତ ଜଳ ବିନିଯୋଗ କରେ, ସର୍ବନିମ୍ନ ସବୁଜ ଗୃହ ବାଷ୍ପ (ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ ଅକ୍ସାଇଡ୍) ତ୍ୟାଗ କରେ, ମୃତ୍ତିକାର ସ୍ୱାସ୍ଥ୍ୟ ଅତୁଟ ରଖେ ଏବଂ ଜୈବ ବିବିଧତାରେ ବିଶେଷ ପରିବର୍ତ୍ତନ କରେ ନାହିଁ ସେହି କୃଷି ପଦ୍ଧତି ଅଧିକ ଗ୍ରହଣୀୟ ।

ଏହି ପରିପ୍ରେକ୍ଷୀରେ ପର୍ଯ୍ୟାବରଣ ପରିମାପକଗୁଡିକରେ ମୃତ୍ତିକା ସ୍ୱାସ୍ଥ୍ୟ, ଜଳ ବିନିଯୋଗ ଦକ୍ଷତା, ଜୈବ ବିବିଧତା, ସାର ଓ କୀଟନାଶକ ବ୍ୟବହାର, ସବୁଜ ଗୃହ ବାଷ୍ପ ନିର୍ଗମନ, ମୃତ୍ତିକା କ୍ଷୟ, ଭୂକିନିଯୋଗ ଏବଂ କୃଷି ପରିସଂସ୍ଥା ସ୍ୱାସ୍ଥ୍ୟ ଅନ୍ତର୍ଗତ । ମୃତ୍ତିକା ସ୍ୱାସ୍ଥ୍ୟ ଅତୁଟ ରହିବାକୁ ହେଲେ, ଏହାର ଜୈବିକ ପଦାର୍ଥ, ସଙ୍ଗଠନ, ପୋଷକ ଯୋଗାଣ କ୍ଷମତା ଏବଂ ଜଳଧାରଣ ଶକ୍ତି ଠିକ ରହିବା ଆବଶ୍ୟକ । ଜଳ ବିନିଯୋଗ ଦକ୍ଷତା କହିଲେ କମ୍ ଜଳରେ ଅଧିକ ଫସଲ, ଜଳ ଗୁଣାତ୍ମକ ମାନ, ନାଇଟ୍ରେଟ୍ ପରିମାଣ ଓ ଭୂତଳ ଜଳସ୍ତରକୁ ବୁଝାଏ । ଜୈବ ବିବିଧତା ସୁରକ୍ଷିତ କହିଲେ ଏଥିରେ ଆବଶ୍ୟକ ପ୍ରାଣୀ, ଉଦ୍ଭିଦ, ପକ୍ଷୀ ଓ ବିଭିନ୍ନ ପ୍ରଜାତି ମଧ୍ୟରେ ସନ୍ତୁଳନ ରହିବା ଆବଶ୍ୟକ । ଫସଲରେ କୀଟନାଶକ ଓ ରାସାୟନିକ ସାର ବ୍ୟବହାର ହେଉଥିଲେ ଏହାର ପ୍ରଭାବ ଫସଲ, ପ୍ରାଣୀଜଗତ ଓ ପରିବେଶ ଉପରେ କିପରି ପଡୁଛି, ଏହାକୁ ଅନୁଧ୍ୟାନ କରିବାକୁ ହେବ । ଚାଷରେ ଅଧିକ ଜଳ ଓ ସାର ବ୍ୟବହାର ହେଉଛି ଓ ପ୍ରାଣୀଙ୍କ ମଳମୂତ୍ର ବାହାରେ ପଡିଲେ ଏଥିରୁ ଅଙ୍ଗାରକାମ୍ଳ, ମିଥେନ ଓ ନାଇଟ୍ରସ ଅକ୍ସାଇଡ ପରି ସବୁଜ ଗୃହ ବାଷ୍ପ ବାୟୁମଣ୍ଡଳକୁ ନିର୍ଗତ ହୋଇ ଜଳବାୟୁ ପରିବର୍ତ୍ତନର କାରଣ ହୋଇଥାଏ । ତ୍ରୁଟିପୂର୍ଣ୍ଣ ଚାଷ ଓ ଜମି ଖୋଲା ରଖିଲେ ମୃତ୍ତିକା କ୍ଷୟ ହୋଇ ଅବକ୍ଷୟ ଆଡକୁ ଗତିକରେ । ଭୂବିନିଯୋଗ ନିୟନ୍ତ୍ରିତ ନହେଲେ କୃଷି ପରିସଂସ୍ଥା ମଧ୍ୟ ଅସୁରକ୍ଷିତ ହୋଇଥାଏ ।

ଦ୍ୱିତୀୟ ସୂଚକଙ୍କ ହେଉଛି ପ୍ରଯୁକ୍ତିବିଦ୍ୟା ଅନୁସରଣକାରୀ ସୂଚୀ । କୃଷକମାନେ ଗ୍ରହଣ କରୁଥିବା ଯଥାଯଥ ବା ପରିଶୁଦ୍ଧ କୃଷି, ଡିଜିଟାଲ ସାଧନ ଓ ବାୟୋଟେକ୍ନୋଲୋଜିର ଅନ୍ତର୍ଗତ । କୃଷି କ୍ଷେତ୍ରରେ ସୀମିତ ସମ୍ବଳ ବିନିଯୋଗରେ ଅଧିକ ଅମଳ ପାଇଁ ବ୍ୟବହୃତ ଡ୍ରୋନ, ସେନସର, ସ୍ୱୟଂକ୍ରିୟ ଯନ୍ତ୍ରପାତି ଓ ବାୟୋଟେକ କୃଷି ପ୍ରଣାଳୀ ବ୍ୟବହୃତ ହେଲାଣି । ଏଗୁଡ଼ିକର ମାତ୍ରା ନିର୍ଦ୍ଧାରଣ ଠିକ ଭାବରେ କରାଯିବା ଆବଶ୍ୟକ ।

ତୃତୀୟ ସୂଚକଙ୍କ ହେଉଛି ଜଳବାୟୁ ସହନଶୀଳତା ସୂଚୀ । କୃଷି ପଦ୍ଧତି କେତେଦୂର ପ୍ରତିକୂଳ ଜଳବାୟୁ ଅନୁକୂଳ ଓ ବନ୍ୟା, ମରୁଡ଼ି ପରି ପାଣିପାଗ ବିପର୍ଯ୍ୟୟକୁ ସହ୍ୟ କରିପାରେ ତାକୁ ଅନୁଧ୍ୟାନ କରି ଏପରି ସୂଚୀ ସ୍ଥିର କରିବାକୁ ହେବ ।

ଚତୁର୍ଥ ପରିମାପକ ହେଉଛି ଚାଷୀଙ୍କ କୃଷିଋଣ, କୃଷି ବୀମା ଓ ବିପଣନ ସୁଲଭତା । କାରଣ ଏଗୁଡ଼ିକ ଏକ ଧାରଣକ୍ଷମ କୃଷି ପାଇଁ ଆବଶ୍ୟକ ।

ପଞ୍ଚମ ପରିମାପକ ହେଉଛି ଫସଲ ବିବିଧତା ଓ ଖାଦ୍ୟ ନିରାପତ୍ତା ସୂଚୀ । ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକର ମୁକାବିଲା ସହିତ ଖାଦ୍ୟ ନିରାପତ୍ତା ହାସଲ ପାଇଁ ଫସଲ ବିବିଧକରଣ ଅତି ଜରୁରୀ । ଜମିରେ ଗୋଟିଏ ଫସଲ ବାରମ୍ବାର ଚାଷ ନକରି ପର୍ଯ୍ୟାୟ କ୍ରମେ ଏକାଧିକ ଫସଲ ଚାଷ କରିବା ଦ୍ୱାରା ଅମଳରେ ସ୍ଥିରତା ରହେ । କୌଣସି କାରଣରୁ ଗୋଟିଏ ଫସଲ ନଷ୍ଟ ହୋଇଗଲେ ଏହାକୁ ଅନ୍ୟ ଫସଲରୁ ଭରଣା କରିହେବ ।

ଷଷ୍ଠ ପରିମାପକ ହେଉଛି ମୃତ୍ତିକାର ସ୍ୱାସ୍ଥ୍ୟ ଓ ଉର୍ବରତା ସୂଚୀ । ଏଥିପାଇଁ ମୃତ୍ତିକାରେ ଜୈବିକ ବସ୍ତୁ ପରିମାଣ, ଅଣୁଜୀବ ସଂଖ୍ୟା, ପୋଷକ ତତ୍ତ୍ୱ(ଯବକ୍ଷାରଜାନ, ଫସ୍‌ଫରସ, ପୋଟାସ, ଗନ୍ଧକ ଇତ୍ୟାଦି) କାର୍ଯ୍ୟ ଦକ୍ଷତା ନିରୂପଣ କରିବାକୁ କେତେକ ସୂଚୀ ସ୍ଥିର କରିବା ଉଚିତ ।

ସପ୍ତମ ପରିମାପକ ହେଉଛି ଜଳ ବିନିଯୋଗ ଦକ୍ଷତା । ଫସଲ ଅମଳ ପାଇଁ ବିନିଯୋଗ ଜଳର କାର୍ଯ୍ୟଦକ୍ଷତା ବିଶେଷ କରି ଜଳ ସଙ୍କଟ ଅଞ୍ଚଳରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଚାଞ୍ଚଳର ଜଳ ବିନିଯୋଗ ଦକ୍ଷତା ୩୫–୪୦ ପ୍ରତିଶତ ମଧ୍ୟରେ ହୋଇଥାଏ । ବିଭିନ୍ନ କୌଶଳ ଅନୁସରଣ କଲେ ଏହା ୫୦ ପ୍ରତିଶତକୁ ବୃଦ୍ଧି ପାଇପାରିବ ।

୨) ସାମାଜିକ ପରିମାପକ: କୃଷିକ୍ଷେତ୍ରରେ କୃଷକମାନଙ୍କ ସହଭାଗିତା, ସମ୍ବଳ ପ୍ରାପ୍ତି, ଗ୍ରାମ୍ୟ ଜୀବିକା ବିକାଶ, ଖାଦ୍ୟ ନିରାପତ୍ତା ଓ ଗୋଷ୍ଠୀ ନିଯୁକ୍ତି ପରି ସାମାଜିକ ପରିମାପକ ବିଚାର କରିବା ଆବଶ୍ୟକ । ମୋଟ କଥା ହେଉଛି କୃଷି ଖାଦ୍ୟ ନିରାପତ୍ତା ହାସଲ, କର୍ମନିଯୁକ୍ତି ଓ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ସହାୟକ ହେଉଛି କି ନାହିଁ ଏହାକୁ ନିର୍ଦ୍ଧାରଣ କରିବା ଜରୁରୀ ।

ଅଷ୍ଟମ ପରିମାପକ କୃଷକର ଜୀବିକା । ଏହି ପରିମାପକ ଗୁରୁତ୍ୱପୂର୍ଣ୍ଣ ଏଇଥିପାଇଁ ଯେ କୃଷିରୁ କୃଷକ ଅଧିକ ରୋଜଗାର କରିପାରିଲେ ତାହାର ଜୀବନର ମାନ ବୃଦ୍ଧି ହେବା ସୁନିଶ୍ଚିତ । ଏହାଦ୍ୱାରା ତାହାର ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ହେବ । ପୁରୁଷ ଓ ମହିଳା କୃଷକ ମଧ୍ୟରେ କୌଣସି ଭେଦଭାବ ରହିବା ଅନାବଶ୍ୟକ ।

ନବମ ପରିମାପକ ହିସାବରେ କୃଷିର ପୋଷଣୀୟତା ବିଚାର କରିବା ଆବଶ୍ୟକ । ସଂରକ୍ଷଣ କୃଷିପଦ୍ଧତି, ସମନ୍ୱିତ ରୋଗପୋକ ପରିଚାଳନା, ଜୈବିକ କୃଷି, ପ୍ରାକୃତିକ କୃଷି ଇତ୍ୟାଦି ଦ୍ୱାରା ନିରନ୍ତର କୃଷି ବିକାଶ ସମ୍ଭବ । ଗବେଷଣା ସମ୍ବନ୍ଧୀୟ ନବୋନ୍ମେଷ (ଇନୋଭେସନ) ମଧ୍ୟ ଏକ ପରିମାପକ ହେବା ବିଧେୟ । କାରଣ ସ୍ଥାନୀୟ ସମସ୍ୟା ସମାଧାନ ପାଇଁ ଗବେଷଣା ଲବ୍ଧ ଜ୍ଞାନ କୌଶଳ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

୩) ଅର୍ଥନୈତିକ ପରିମାପକ: ଅର୍ଥନୈତିକ ପରିମାପକ ମଧ୍ୟରେ ଫସଲର ଅମଳ ହାର, କୃଷକମାନଙ୍କର ଲାଭ ଓ ରୋଜଗାର, ବଜାର ସୁବିଧା, ବାଣିଜ୍ୟ ଓ ପୁଞ୍ଜିନିବେଶ ଏବଂ ଆର୍ଥିକ ସ୍ଥିରତା ଅନ୍ତର୍ଭୁକ୍ତ । ଫସଲ ଓ ପ୍ରତିପାଳନର ଅମଳହାର ବୃଦ୍ଧି ପାଇଲେ ଉଭୟ ଚାଷୀ ଓ ସରକାର ଲାଭବାନ୍ ହେବେ । ଖର୍ଚ୍ଚ ତୁଳନାରେ ଚାଷୀ ଅଧିକ ଲାଭ ପାଇଲେ ଓ ନିଜର କୃଷି ଆୟ ବୃଦ୍ଧି ପାଇଲେ ତାହାର ଆର୍ଥିକ ଅବସ୍ଥାରେ ଉନ୍ନତି ଆସିବ । କୃଷକ ନିଜର କୃଷି ଉତ୍ପାଦ ବିକ୍ରୟ କରିବା ପାଇଁ ଉପଯୁକ୍ତ ବଜାର ଥିବା ଆବଶ୍ୟକ । ଏହାର ଅଭାବରେ ଚାଷୀ କ୍ଷତିଗ୍ରସ୍ତ ହେବା ସ୍ୱାଭାବିକ । କୃଷି ପାଇଁ ଅଧିକ ପୁଞ୍ଜିନିବେଶ ହେଲେ ବହୁବିଧ କୃଷି ବିକାଶ ସମ୍ଭବ । ଏତଦ୍ ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷତିରୁ ଚାଷୀକୁ ସୁରକ୍ଷା ଦେବା ପାଇଁ ବୀମା ବ୍ୟବସ୍ଥା ସୁଦୃଢୀଭୂତ ହେବା ଆବଶ୍ୟକ ।

ପରିଶେଷରେ ଏତିକି କୁହାଯାଇପାରେ ପାରମ୍ପରିକ ପରିମାପକ ହିସାବରେ ଫସଲ ଅମଳ ହାର, ହେକ୍ଟର ପ୍ରତି ସାର ବ୍ୟବହାର, ବିଦ୍ୟୁତ ପରିବର୍ତ୍ତନ ହାର, ଜଳସେଚିତ ଜମି ପରିମାଣ, ଫସଲ ସାନ୍ଦ୍ରତା ଇତ୍ୟାଦି ପରିବର୍ତ୍ତେ ନୂତନ ପରିମାପକଗୁଡ଼ିକ କୃଷିବିକାଶ ପରିପ୍ରକାଶ ପାଇଁ ସାମଗ୍ରିକ ଦୃଷ୍ଟିକୋଣରୁ ଅଧିକ ଗ୍ରହଣୀୟ । କାରଣ ନୂତନ ପରିମାପକଗୁଡ଼ିକ କୃଷିର ଧାରଣ କ୍ଷମତା, ପ୍ରତିକୂଳ ପରିବେଶ ପ୍ରତି ସହନଶୀଳତା, ଅନ୍ତର୍ଭୁକ୍ତି ଓ ପ୍ରଯୁକ୍ତିବିଦ୍ୟାଗୁଡ଼ିକର ବିକାଶ ସୂଚାଇଥାଏ । ଗବେଷକ ଏବଂ ନୀତି ଅନୁଷ୍ଠାନଗୁଡ଼ିକ ଆଗାମୀ ଦିନର କୃଷିକୁ ଅଧିକ ଧାରଣକ୍ଷମ ଓ ସର୍ବସମ୍ମତ କରିବାକୁ ଏଗୁଡ଼ିକୁ ବ୍ୟବହାର କରୁଛନ୍ତି । ପରିବେଶୀୟ, ସାମାଜିକ ଓ ଅର୍ଥନୈତିକ ପରିମାପକଗୁଡ଼ିକୁ ଠିକ ଭାବରେ ଅନୁଧ୍ୟାନ କରାଗଲେ କୃଷିକ୍ଷେତ୍ରରେ ପରିଲକ୍ଷିତ ହେଉଥିବା ଦୁର୍ବଳତା ଚିହ୍ନଟ ସହଜ ହେବ । ଏହାଦ୍ୱାରା ଯେଉଁ କ୍ଷେତ୍ରରେ ଅଭାବ ପରିଲକ୍ଷିତ ହେବ ସେଗୁଡ଼ିକ ସଂଶୋଧନ କରିବାକୁ ରଣକୌଶଳ ବାହାର କରାଗଲେ କୃଷି ନିଶ୍ଚିତ ଭାବରେ ଲାଭଦାୟକ ଓ ଧାରଣକ୍ଷମ ହୋଇପାରିବ ।

କଳିଙ୍ଗନଗର ୭/୪୫୨
ଭୁବନେଶ୍ୱର ୭୫୧୦୨୯
ମୋ–୯୪୩୭୭୬୧୧୯୦
bidyadhar.mgmail.com

# ବର୍ଷାକାଳୀନ ପୁଷ୍ପ କଦମ୍ବର ବୈଶିଷ୍ଟ୍ୟ

ବୈଷ୍ଣବ ଚରଣ ଦାଶ

କଦମ୍ବ ଭାରତୀୟ ସଂସ୍କୃତିରେ, ପୁରାଣରେ, ସାହିତ୍ୟରେ ଏକ ପରିଚିତ ନାମ । ଭଗବାନ ଶ୍ରୀକୃଷ୍ଣଙ୍କ ମାନବୀୟ ଲୀଳାର ସାକ୍ଷୀ ଏହି କଦମ୍ବ । ଦକ୍ଷିଣ ଭାରତରେ ଏହାକୁ ପାର୍ବତୀ ବୃକ୍ଷ ବୋଲି କୁହାଯାଇଥାଏ । ବୌଦ୍ଧ ଧର୍ମରେ ଏହି ପୁଷ୍ପକୁ ଅତ୍ୟନ୍ତ ପବିତ୍ର ବୋଲି କୁହାଯାଇଥାଏ । କୃଷ୍ଣଲୀଳାରେ ବର୍ଣ୍ଣିତ ଏହି ପୁଷ୍ପ ବା ବୃକ୍ଷ ଆଜି ମଧ୍ୟ ଗୋପପୁରରେ ବହୁମାତ୍ରାରେ ଦେଖାଯାଏ । ଉତ୍ତର ତଥା ଦକ୍ଷିଣ ଭାରତର ଅଧିକ ଗରମ ଅନୁକୂଳ ହେଉଥିବା ଅଞ୍ଚଳରେ ଏହି ବୃକ୍ଷ ଦେଖାଯାଇଥାଏ । ଚୀନ ଓ ମାଲେସିଆରେ ମଧ୍ୟ ଏହି ବହୁଳ ମାତ୍ରାରେ ଦେଖିବାକୁ ମିଳେ ।

କଦମ୍ବ ଏକ ପର୍ଣ୍ଣମୋଚୀ ବୃକ୍ଷ । ବର୍ଷା ଋତୁର ପ୍ରାରମ୍ଭରେ ଏହି ବୃକ୍ଷ ପୁଷ୍ପ ଧାରଣ କରେ । ଫୁଲର ରଙ୍ଗ ହଳଦିଆ ହୋଇଥିବା ବେଳେ ଧଳା କେଶର ତାହାର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଥାଏ । ପୁଷ୍ପର ସୌରଭ ମଧ୍ୟ ବହୁ ଦୂରକୁ ବିସ୍ତୃତ ହୋଇଥାଏ । ଫାଲ୍ଗୁନ ମାସରେ ଏହି ବୃକ୍ଷରେ ଗୋଲାକାର କଳି ଦେଖାଯାଏ । ଗଛର ଉଚ୍ଚତା ପ୍ରାୟ ୨୦ରୁ ୩୦ ଫୁଟ ଯାଏଁ ହୋଇଥିବା ବେଳେ ଗଣ୍ଡିର ଗୋଲେଇ ୫ଫୁଟ ହୋଇଥାଏ । ଡାଳଗୁଡ଼ିକ ଚାରିପଟେ ବିସ୍ତାରିତ ବହୁ ସଂଖ୍ୟାରେ ଫୁଲ ଗୁଡ଼ିକ ଫୁଟିଥାନ୍ତି । କଦମ୍ବ ଗଛର ଉଚ୍ଚତା ପ୍ରାୟ ୨୦ରୁ ୩୦ ଫୁଟ ଯାଏଁ ହୋଇଥିବା ବେଳେ ଗଣ୍ଡିର ଗୋଲେଇ ୫ଫୁଟ ହୋଇଥାଏ ।

ଏହାର ପତ୍ରଗୁଡ଼ିକ ଚଉଡ଼ା ଓ ସୁନ୍ଦର । ଏହି ଗଛର କାଠ ସାମାନ୍ୟ ହଳଦିଆ ଓ ନରମ । ସେଥିରୁ ସୁନ୍ଦର ସୁନ୍ଦର କାଠ ନିର୍ମିତ ଖେଳନା ପ୍ରସ୍ତୁତ କରାଯାଏ । ଉକ୍ତ ଗଛର ପତ୍ର ଓ ଛାଲି କଟୁ, କଷାୟ ଓ ଶୀତଳ । କଦମ୍ବ ଫୁଲକୁ ସ୍ତ୍ରୀଲୋକମାନେ ଖୋସାରେ ଧାରଣ କରିଥାନ୍ତି । ପତ୍ର ସମ୍ବଳିତ ଡାଳକୁ କାଟି ଗୋ – ମହିଷାଦି ପଶୁଙ୍କୁ ଖାଦ୍ୟ ରୂପେ ଦିଆଯାଏ । ଏହି ଗଛ ଉତ୍ତମ ରୂପେ ଜଳ ନିଷ୍କାସିତ ମୃତ୍ତିକାରେ ଖୁବ୍ ଭଲ ବଢ଼େ । ଚାରା ରୋପିତ ହେବାର ପ୍ରଥମ ୧୦ ବର୍ଷ ମଧ୍ୟରେ ବହୁତ ବୃଦ୍ଧି ହୁଏ ଓ ପ୍ରାୟ ୨୦ ବର୍ଷ ସର୍ବାଧିକ ଆକାର ଧାରଣ କରିଥାଏ ।

ଆୟୁର୍ବେଦରେ କଦମ୍ବ ଗଛର ପତ୍ର, ପୁଷ୍ପ, ଚେର, ଛାଲିକୁ ଔଷଧ ଭାବେ ଗ୍ରହଣ କରାଯାଇଛି । ଏହି ବୃକ୍ଷ ତ୍ରି ଦୋଷ ନାଶକ । ଏହାର ପତ୍ର ଓ ଛେଲିର ଚୂର୍ଣ୍ଣକୁ ସେବନ କଲେ ଜର ପିତ୍ତ,କାଶ ଆଦି ଭଲ ହୋଇଥାଏ । **ବିଭିନ୍ନ ବଥା ଓ ଫୁଲା ସ୍ଥାନରେ କଦମ୍ବ ପତ୍ରର ପ୍ରଲେପ ଦେଲେ ଫୁଲା କମିଯାଏ । ଡାଇବିଟିସ ରୋଗ ଭଲ କରିବାରେ ଏହାର ଛାଲି ମୁଖ୍ୟ ଭୂମିକା ଗ୍ରହଣ କରେ । ଛାଲିର ଚୂର୍ଣ୍ଣକୁ ପ୍ରତ୍ୟହ ସେବନ କଲେ ଓଜନ ହ୍ରାସ ପାଇ ମୋଟାପଣ ଦୂର ହୋଇଥାଏ । ଏହାର ପତ୍ର ଓ ଛାଲିର ଉତ୍ତମ ରସ ଦାନ୍ତ ଦୁର୍ଗନ୍ଧ କରିବାରେ, ଦାନ୍ତମୂଳରୁ ରକ୍ତସ୍ରାବ ବନ୍ଦ କରିବାରେ ସାହାଯ୍ୟ କରେ । ଏହି ବୃକ୍ଷର ରସକୁ କାଦମ୍ବରୀ କୁହାଯାଏ । ଏହା ପ୍ରାଣୀର ଶରୀରରେ ମାଦକତା ଭରିଦିଏ । ଏହି ରସ ବଳଦେବଙ୍କ ପ୍ରିୟ ବୋଲି ବିଭିନ୍ନ ଶାସ୍ତ୍ରରେ ଲେଖାଯାଇଛି ।**

ଏତଦ୍ ଭିନ୍ନ କଦମ୍ବ ବୃକ୍ଷ ଓ ପୁଷ୍ପକୁ ନେଇ ଅନେକ କଥା,ଗାଥା ଏବଂ ଜନଶ୍ରୁତି ମଧ୍ୟ ରହିଛି । ମହାକବି କାଳିଦାସଙ୍କ ରଚିତ ରଘୁବଂଶ ଓ ମେଘଦୂତରେ କଦମ୍ବବୃକ୍ଷର ବର୍ଣ୍ଣନା ମିଳେ । ଦୁର୍ଗା ତାଣ୍ଡବରେ ମଧ୍ୟ କଦମ୍ବ ପୁଷ୍ପ କଥା ରହିଛି । ଦୁର୍ଗା ମଧ୍ୟ କଦମ୍ବ ଫୁଲକୁ ଭଲ ପାଆନ୍ତି । ଅନେକ ଦୁର୍ଗା ସ୍ତୋତ୍ରରେ କଦମ୍ବ ବନବାସିନୀ ବୋଲି କୁହାଯାଇଛି । ଭଗବାନ ଶିବଙ୍କ ପ୍ରିୟ ପୁଷ୍ପ ମଧ୍ୟରେ କଦମ୍ବ ଅନ୍ୟତମ । କୃଷ୍ଣ ଓ ରାଧାଙ୍କ ପ୍ରେମର ସାକ୍ଷୀ କଦମ୍ବ । ଏଣୁ ଭାରତୀୟ ସଂସ୍କୃତିରେ କଦମ୍ବ ଏକ ପବିତ୍ର ବୃକ୍ଷ ଏବଂ ଏହାକୁ ରୋପଣ କରିବା ଅତ୍ୟନ୍ତ ଶୁଭ ବୋଲି ମନେ କରାଯାଏ ।

ବୀରଭଦ୍ରନାରାୟଣପୁର,ଦିଗପହଣ୍ଡି, ଗଞ୍ଜାମ
ମୋ–୯୭୭୬୫୩୪୯୩୦

# 'ଓଁ' ହେଉଛି ସର୍ବବ୍ୟାପୀ

ଡକ୍ଟର ସୁରେଶ କୁମାର ନାୟକ

ସକଳ ବସ୍ତୁର ଆଧାର, ସକଳ ବେଦର ମାତା, ସକଳ ଭାଷାର ଭିତ୍ତି, ସକଳ ନାଦ ହେଉଛି ପବିତ୍ର ଏକାକ୍ଷରୀ ମନ୍ତ୍ର 'ଓଁ' । କହିବାକୁ ଗଲେ ଆମେ ସମସ୍ତେ ଏହି ଓଁ ଗୁଢ଼ତତ୍ତ୍ୱର କେବଳ ଅକ୍ଷର ଭିତରେ ନୁହେଁ ଆମେ ଓଁରେ ନିବାସ କରୁ, ଅବସ୍ଥାନ କରୁ ଏବଂ ଆମର ଅନ୍ତିମ ବିଶ୍ରାମ ହିଁ ସେହି ଓଁ । 'ଓଁ' ଆତ୍ମିକ ବଳ ଦିଏ । 'ଓଁ'ର ଉଚ୍ଚାରଣ ଦ୍ୱାରା ଜୀବନୀଶକ୍ତି (ପ୍ରାଣଶକ୍ତି) ଊର୍ଦ୍ଧ୍ୱଗାମୀ ହୁଏ । ଏହାର ସାତବାର ଉଚ୍ଚାରଣ ଦ୍ୱାରା ଶରୀରର ରୋଗ ଉତ୍ପନ୍ନକାରୀ କୀଟାଣୁ ଦୂର ହେବାକୁ ଲାଗନ୍ତି ବରଂ ଚିତ୍ତରୁ ହତାଶା-ନିରାଶା ଭାବ ମଧ୍ୟ ଦୂର ହୁଏ । ଏହି କାରଣରୁ ହିଁ ଋଷି–ମୁନିଗଣ ସମସ୍ତ ମନ୍ତ୍ର ଆଗରେ 'ଓଁ' ଯୋଡ଼ିଛନ୍ତି । 'ଓଁ' ହେଉଛି ନାଦ ବ୍ରହ୍ମ ନାଦ ଯାହାର ଅର୍ଥ ହେଉଛି ଶବ୍ଦ । ଶବ୍ଦ ହେଉଛି ତରଙ୍ଗ ତେଣୁ ପ୍ରଥମ ଶବ୍ଦ ତରଙ୍ଗ ହେଉଛି ଓଁ । ଧର୍ମଶାସ୍ତ୍ରରେ ଉଲ୍ଲେଖ ରହିଛି 'ବ୍ରହ୍ମ ଏକ ଏବଂ ଅଦ୍ୱିତୀୟ' । ସେହିପରି ଉଲ୍ଲେଖ ରହିଛି – 'ଏକୋହଂବହୁସ୍ୟାମ୍' । ଶାସ୍ତ୍ରରେ ମଧ୍ୟ 'ଓ'ର ବହୁତ ମହିମା ଗାନ କରାଯାଇଛି । ଭଗବାନ ଶଙ୍କରଙ୍କ ମନ୍ତ୍ର ହେଉଛି : 'ଓଁ ନମଃ ଶିବାୟ' । ଭଗବାନ ଗଣପତିଙ୍କର ମନ୍ତ୍ର ହେଉଛି : 'ଓଁ ଗଣେଶାୟ ନମଃ' । ଭଗବାନ ରାମଙ୍କର ମନ୍ତ୍ର ହେଉଛି :'ଓଁ ରାମାୟ ନମଃ' । ଶ୍ରୀକୃଷ୍ଣଙ୍କ : 'ଓଁ ନମୋ ଭଗବତେ ବାସୁଦେବାୟ' । ଗାୟତ୍ରୀ ମନ୍ତ୍ର ହେଉଛି:' ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ, ଭର୍ଗୋ ଦେବସ୍ୟ ଧୀମହି ଧିୟୋ, ଯୋ ନଃ ପ୍ରଚୋଦୟାତ୍ ।' ଏହିପରି ସବୁମନ୍ତ୍ର ଆଗରେ 'ଓଁ' ଯୋଡ଼ା ହୋଇଅଛି । ପତଞ୍ଜଳି ମହାରାଜ କହିଛନ୍ତି 'ତସ୍ୟ ବାଚକଃ ପ୍ରଣବଃ' । 'ଓ' (ପ୍ରଣବ) ହେଉଛି ପରମେଶ୍ୱରଙ୍କ ବାଚକ ଅଟେ । ତାହାର ସ୍ୱାଭାବିକ ଧ୍ୱନି ଅଛି । ବିଶ୍ୱ ବ୍ରହ୍ମାଣ୍ଡର ଅତୀତ ସକଳ ସୃଷ୍ଟିର ଭିତ୍ତି ହିଁ ଏହି ନାଦ ଓଁ । ସକଳ ନାଦର ଆଧାର ଓଁ । ଅ, ଉ ଏବଂ ମ ଏହି ତିନୋଟି ଅକ୍ଷରକୁ ନେଇ ଓଁ ଗଠିତ ଏବଂ ଆମ ବ୍ୟବହାର କରୁଥିବା ଶବ୍ଦ ତରଙ୍ଗର ସମସ୍ତ ବର୍ଣ୍ଣ ଏହି ତିନୋଟି ଉଚ୍ଚାରଣ ଅନ୍ତର୍ଗତ । 'ଓଁ'ର ରହସ୍ୟ ଜାଣିବା ପାଇଁ କିଛି ପରୀକ୍ଷା (ପ୍ରୟୋଗ) କରି ଏକଦା ଋଷୀୟ ବୈଜ୍ଞାନିକରଣ ଆଶ୍ଚର୍ଯ୍ୟ ଚକିତ ହୋଇ ଉଠିଲେ । ଏ ସମ୍ବନ୍ଧରେ ଋଣମାଧ୍ୟମରେ ଅନେକ ଅନୁସନ୍ଧାନ ମୂଳକ ଖବର ଆଲୋଡ଼ନ ସୃଷ୍ଟି କରିଥିଲା । ସେମାନେ ପ୍ରୟୋଗ କରି ଦେଖିଲେ ଯେ ଯେବେ ବ୍ୟକ୍ତି ବାହାରେ କିଛି କହେ ଏବଂ ଭିତରେ ଅନ୍ୟ କିଛି ବିଚାର କରେ ତେବେ ତାଙ୍କ ସୂକ୍ଷ୍ମ ମେସିନରେ ଦୁଇଟି ଯାକ ଶବ୍ଦ ଅଙ୍କିତ ହୋଇ ଯାଉଥିଲା । ଉଦାହରଣ ସ୍ୱରୂପ : ବାହାରେ 'କ' କୁହାଯାଉଛି ଏବଂ ଭିତରେ 'ଗ' ବିଚାର କରାଯାଉଛି, ତେବେ ଉଭୟରେ 'କ' ଏବଂ 'ଗ'ର ଛାପ ପଡ଼ି ଯାଉଥିଲା । ଯଦି ବାହାରେ କିଛି ଶବ୍ଦ ନକହି କେବଳ ଭିତରେ ବିଚାର କରାଗଲା, ସେ ଶବ୍ଦ ମଧ୍ୟ ଅଙ୍କିତ ହୋଇ ଯାଉଥିଲା । କିନ୍ତୁ ଏମିତି ଏକମାତ୍ର ଶବ୍ଦ 'ଓଁ' ଥିଲା ଯାହାକୁ ବାହାରେ ଉଚ୍ଚାରଣ କରାଯାଇ ଭିତରେ ଯେ କୌଣସି ଶବ୍ଦ ବିଚାର କଲେ ମଧ୍ୟ ଦୁଇଠାରେ 'ଓଁ' ହିଁ ଅଙ୍କିତ ହେଉଥିଲା ଅଥବା କେବଳ ଭିତରେ 'ଓଁ' ବିଚାର କରି ବାହାରେ କିଛି ବି କହୁଥିଲେ ହେଁ ଭିତର ବାହାର ଉଭୟରେ 'ଓଁ' ହିଁ ଅଙ୍କିତ ହେଉଥିଲା ।

ଓଁ କହିଲେ ସବୁକିଛିକୁ ବୁଝାଏ । 'ଅ' ହେଉଛି ବ୍ରହ୍ମ, 'ମ' ମାୟା ଓ 'ଉ' ହେଉଛି ବ୍ରହ୍ମ ଓ ମାୟା ଉଭୟଙ୍କର କ୍ରିୟାର ସଂଯୋଜକ । ପ୍ରଣବ ବା ଓଙ୍କାର ହେଉଛି ଶ୍ରେଷ୍ଠତମ ମନ୍ତ୍ର । ଏହି ମନ୍ତ୍ର ପ୍ରତ୍ୟକ୍ଷ ମୁକ୍ତି ପ୍ରଦାନ କରେ । ଓଁ ହେଉଛି ସକଳ ମନ୍ତ୍ରଗୁରୁ, ଅନ୍ତରାତ୍ମା, ସର୍ବୋପରି ସକଳ ସ୍ତବ ଓ ସ୍ତୋତ୍ରର ପ୍ରାରମ୍ଭ । ଆମ ହିନ୍ଦୁ ପୂଜାପଦ୍ଧତିରେ ଓଙ୍କାରର ପବିତ୍ର ଉଚ୍ଚାରଣ ପରେ ସକଳ ଦେବଦେବୀ ଗୁରୁଦେବଙ୍କୁ ଅର୍ଘ୍ୟ, ନୈବେଦ୍ୟ ସମର୍ପଣ କରାଯାଏ । ଅଷ୍ଟୋତ୍ତରୀ ପାଠ ହେଉ ବା ସହସ୍ର ନାମ, ସବୁଥିରେ ପ୍ରଥବ ହେଉଛି ପାଠ ଆରମ୍ଭର ଆଦ୍ୟ ଉଚ୍ଚାରଣ । ସମସ୍ତ ଧର୍ମ ମଧ୍ୟରେ 'ଓଁ'ର ସ୍ଥାନ ପ୍ରଥମରେ । ମୁସଲମାନ ଲୋକ ମଧ୍ୟ ଆଲ୍ଲା ହୋ...ଅକବର.. କହି ନମାଜ ପଢ଼ିଥାନ୍ତି, ଯାହା 'ଓଁ' ଧ୍ୱନିର ଅଂଶ ବିଶେଷ । ଶିଖ ଧର୍ମରେ ମଧ୍ୟ 'ଏକୋ ଓଙ୍କାର ସତିନାମୁ' କହି ସେଥିରୁ ଆନନ୍ଦ ପ୍ରାପ୍ତ ହୋଇଥାନ୍ତି । ଶିଖ ଧର୍ମର ପ୍ରଥମ ଗୁରୁ ହେଉଛନ୍ତି ନାନକ ଦେବଙ୍କ ପ୍ରଥମ ବଚନ ହେଲା : ଏକୋ ଓଙ୍କାର ସତିନାମୁ ...... । ଆମେମାନେ ନିତିଦିନିଆ ଜୀବନରେ ପ୍ରତ୍ୟୁଷରୁ ବା ଯେ କୌଣସି ପବିତ୍ର କାର୍ଯ୍ୟର ପ୍ରାରମ୍ଭରୁ ଓଙ୍କାର ଜପ କଲେ ଅପାର ଶକ୍ତି ପ୍ରାପ୍ତ କରିପାରିବା । ନିତ୍ୟ ଓଙ୍କାର ଜପ କରୁଥିବା ପୁରୁଷଙ୍କ ନୟନ ଓ ମୁଖ ମଣ୍ଡଳରେ ଅପୂର୍ବ ଜ୍ୟୋତି ଉଦ୍ଭାସିତ ହୁଏ । 'ଓଁ' ହେଉଛି ସର୍ବବ୍ୟାପୀ ଅନନ୍ତ ଅକ୍ଷୟ ଆଲୋକ । ଅନୁଭବ କରନ୍ତୁ ଯେ ଆପଣ ହେଉଛନ୍ତି ଶୁଦ୍ଧ, ସର୍ବୋପରି, ନିତ୍ୟ ମୁକ୍ତ, ସର୍ବଜ୍ଞ ସଚ୍ଚିଦାନନ୍ଦ ବ୍ରହ୍ମ । ଆପଣ ହେଉଛନ୍ତି ଅବିନାଶୀ ସନାତନ ସତ୍ତା । ହେ ଓ ମନ ସଦା ଶୁଦ୍ଧ, ସୂକ୍ଷ୍ମ ସର୍ବମୟ ଶୁଦ୍ଧ ଚୈତନ୍ୟରେ ପରିପୂର୍ଣ୍ଣ ହୋଇ ରହ । ସେହି ସର୍ବବ୍ୟାପୀ ସର୍ବଶକ୍ତ 'ଓଁ'କୁ ପ୍ରଣାମ ।

ଅଧକ୍ଷ, ଏସେନ୍ସ ପବ୍ଲିକ୍ ସ୍କୁଲ, ସେକ୍ଟର–୯, ସିଡିଏ, କଟକ,
ମୋ– ୯୪୩୭୨୨୫୫୯୨

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତ-ବ୍ରିଟେନ୍...

ବେଶ୍ ସହାୟକ ହେବ । ଭାରତର ସ୍ନାତକମାନେ ବ୍ରିଟେନରେ ମଧ୍ୟ ତାଙ୍କ କ୍ୟାରିୟର ଗଠନ କରିବାକୁ ସୁଯୋଗ ପାଇବେ । ଏହି ଚୁକ୍ତି ଫଳରେ ବ୍ରିଟେନରେ ପ୍ରାୟ ହଜାର ହଜାର ଚାକିରି ସୃଷ୍ଟି ହେବାସହ ଭାରତରେ ମଧ୍ୟ ଏହାର ବେଶ୍ ପ୍ରଭାବ ପଡିବ ବୋଲି ସୂଚନା ମିଳିଛି । ଏହି ଚୁକ୍ତି ପରେ ୪୬ଟି ବ୍ରିଟିଶ କମ୍ପାନୀ ଭାରତରେ ବ୍ୟବସାୟ କରିବାକୁ ଘୋଷଣା କରିଛନ୍ତି । ବ୍ରିଟେନରେ ଉତ୍ପାଦିତ ହେଉଥିବା ସାମଗ୍ରୀ, ମୃଦୁ ପାନୀୟ, କସମେଟିକ୍ସ, ଚକୋଲେଟ୍, ବିସ୍କୁଟ, ସାଲେମନ ଓ କାର ଆଦି ଉତ୍ପାଦ ଭାରତୀୟଙ୍କ ପାଇଁ ଖୁସିରେ ମିଳିପାରିବ । ଏଥିରେ ଥିବା ହାରାହାରି ଶୁଳ୍କକୁ ୧୫%ରୁ ୩%କୁ ହ୍ରାସ କରାଯାଇଛି । ବୈଦ୍ୟୁତିକ ଯାନଗୁଡ଼ିକରେ ଟାରିଫକୁ ୧୧୦କ୍% ରୁ ୧୦%କୁ ହ୍ରାସ ହୋଇଛି । ଯେତେବେଳେ ଏହି ଚୁକ୍ତି କାର୍ଯ୍ୟକାରୀ ହେବ ବ୍ରିଟିଶ କମ୍ପାନୀଗୁଡ଼ିକ ହ୍ୱିସ୍କି ସମେତ ଅନ୍ୟାନ୍ୟ ସାମଗ୍ରୀ ସବୁ ଭାରତକୁ ନିର୍ବିଘ୍ନରେ ପଠାଇ ପାରିବେ । ହ୍ୱିସ୍କି ଉପରେ ଥିବା ୧୫୦% ଟିକସ ୭୫%କୁ ହ୍ରାସ କରାଯାଇଛି । ୧୦ ବର୍ଷ ମଧ୍ୟରେ ଏହାକୁ ୪୦% କରାଯିବ । ଭାରତୀୟ ବୃତ୍ତିଧାରୀମାନେ ଏବେ ୩୫ କ୍ଷେତ୍ରରେ କାର୍ଯ୍ୟ କରିପାରିବେ । ବାଣିଜ୍ୟିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ୬୦ ହଜାର ଆଇଟି ବୃତ୍ତିଧାରୀ ପ୍ରତିବର୍ଷ ଏହାର ସୁବିଧା ପାଇବେ । ବିଶେଷକରି ଟିସିଏସ୍ ଇନଫୋସିସ, ଟେକମହିନ୍ଦ୍ରା, ଏଚ୍‌ସିଏଲ୍ ଟେକ୍ନୋଲୋଜି, ୱିପ୍ରୋ ଆଦି କମ୍ପାନୀକୁ ଭଲ ସୁବିଧା ମିଳିବ । ଭାରତୀୟ ବୃତ୍ତିଧାରୀମାନେ ୩ ମାସ ଲାଗି ସାମାଜିକର ସୁରକ୍ଷାର ଚୁକ୍ତି କରିବେ । ବ୍ରିଟେନ ମଧ୍ୟ ଏଥିରେ ଅଧିକ ସୁବିଧା ପାଇବ । ୯୦% ଟାରିଫକୁ ହ୍ରାସ କରିବା ପାଇଁ ନିଷ୍ପତ୍ତି ହୋଇଛି ।

## ଆଇଏଏସ୍...

ଦୁହାଲଙ୍କୁ ଗୁଣୁପୁର ଉପଜିଲ୍ଲାପାଳ, ଅଶ୍ୱିନ ଏ ଏଲ୍‌ଙ୍କୁ ନବରଙ୍ଗପୁର ଉପଜିଲ୍ଲାପାଳ, ଶ୍ରୀ ଶ୍ରାବଣଙ୍କୁ କୁଚିଣ୍ଡା ଉପଜିଲ୍ଲାପାଳ, ତେଜସ୍ୱିନୀ ବେହେରାଙ୍କୁ ସୁନ୍ଦରଗଡ ଉପଜିଲ୍ଲାପାଳ, ଶିବ୍ ମାଲଭିୟଙ୍କୁ ଆନନ୍ଦପୁର ଉପଜିଲ୍ଲାପାଳ ଓ ଅଭିନାଶ କୁମାରଙ୍କୁ ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି ।

## ସାମୂହିକ...

କରାଯାଉଛି । ଆଦିବାସୀ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ମହାସଂଘକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ଆଲୋଚନା ମାଧ୍ୟମରେ ସବୁ ସମସ୍ୟା ସମାଧାନ ହେବ ବୋଲି କହିଥିଲେ ।

ଏହି ବୈଠକରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମହାସଂଘର ସଭାପତି କର୍ମା ଲାକ୍ରା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏବଂ ପ୍ରାୟ ୧୧ଟି ଜିଲ୍ଲାରୁ ସଦସ୍ୟ ମାନେ ଯୋଗଦେଇଥିଲେ ।

## ସଂସଦରେ...

କରାଯାଇଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନିର୍ବାଚନ କମିଶନଙ୍କ ପକ୍ଷରୁ କିଭଳି ସରକାର ବକ୍ତବ୍ୟ ରଖିବେ । ନିର୍ବାଚନ କମିଶନ ହେଉଛନ୍ତି ଏକ ସାମ୍ବିଧାନିକ ସଂସ୍ଥା । ତା' ପକ୍ଷରୁ ସରକାର ବକ୍ତବ୍ୟ ରଖିପାରିବେ ନାହିଁ । ବିରୋଧୀ ମେଣ୍ଟର ସାଂସଦମାନେ ବର୍ତ୍ତମାନ ଚାଲିଥିବା ଏସ୍‌ଆଇଆର କାର୍ଯ୍ୟକୁ ନେଇ ସରକାରଙ୍କୁ ଉତ୍ତର ଦାବି କରୁଛନ୍ତି । କିଛିମାସ ପରେ ବିହାରରେ ବିଧାନସଭା ନିର୍ବାଚନ ହେବ । ନୂଆ ଭୋଟର ତାଲିକାକୁ ଜାଣିଶୁଣି ପ୍ରସ୍ତୁତ କରାଯାଇଛି । ସରକାର କରୁଛନ୍ତି ଯେ ଏହା ସଂସଦର କ୍ଷମତା ଅନ୍ତର୍ଭୁକ୍ତ ନୁହେଁ । ନିର୍ବାଚନ କମିଶନ ନିର୍ବାଚନ ପରିଚାଳନା ଲାଗି ବୈଷୟିକ କାର୍ଯ୍ୟ କରୁଛନ୍ତି । ତେଣୁ ଏ ସମ୍ପର୍କରେ ସଂସଦରେକୌଣସି ଆଲୋଚନା ହୋଇପାରିବ ନାହିଁ । ଅପରପକ୍ଷରେ ନିର୍ବାଚନ କମିଶନ ଏସ୍‌ଆଇଆରକୁ ଠିକ୍ ବୋଲି ଦର୍ଶାଉଛନ୍ତି । ସେମାନେ କହିଛନ୍ତି ଯେ ମୃତ ବା ଅନ୍ୟ ସ୍ଥାନକୁ ଯାଇଥିବା ବ୍ୟକ୍ତି ଏବଂ ଦୁଇଟି ସ୍ଥାନରେ ପଞ୍ଜୀକରଣ ଥିବା ବ୍ୟକ୍ତିଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଉଛି । ୫୨ ଲକ୍ଷ ନାଁ କଟା ସରିଲାଣି । ସେଥିମଧ୍ୟରେ ୧୮ ଲକ୍ଷ ମୃତ ଥିବାବେଳେ ୨୬ ଲକ୍ଷ ଅନ୍ୟ ନିର୍ବାଚନମଣ୍ଡଳିକୁ ଯାଇଛନ୍ତି ଓ ୭ ଲକ୍ଷ ଅନେକ ଜାଗାରେ ନାମ ପଞ୍ଜୀକୃତ କରିଛନ୍ତି । ନିର୍ବାଚନ କମିଶନ ମଧ୍ୟ ବିଭିନ୍ନ ରାଜ୍ୟ ସହ ଏବେ ଏସ୍‌ଆଇଆର ନେଇ ଆଲୋନା କରୁଛନ୍ତି ।

## ମହାନଦୀ...

ଗୁରୁତ୍ୱ ଦିଆଯାଇଥିଲା । ତେବେ ସହମତି ଚୁକ୍ତି କ'ଣ ବୋଲି ନବୀନ ପ୍ରଶ୍ନ କରିଛନ୍ତି । ସୋସିଆଲ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ ମହାନଦୀ ହେଉଛି ଓଡ଼ିଶାର ଜୀବନ ରେଖା । ରାଜ୍ୟ ସରକାର ତୁରନ୍ତ ସର୍ବଦଳୀୟ ବୈଠକ ଡାକି ଛତିଶଗଡ ସରକାର ସହ କ'ଣ ବୁଝାମଣା ହେବାକୁ ନିଷ୍ପତ୍ତି ହୋଇଛି ତାହା ଜଣାନ୍ତୁ । ଓଡ଼ିଶା କ'ଣ ଆଇନ୍‌ଗତ ରାସ୍ତାରୁ ଓହରିବ ବୋଲି ସେ ପ୍ରଶ୍ନ କରିଛନ୍ତି । ଆଉ ୮ ଦିନ ପରେ ଅର୍ଥାତ୍ ଅଗଷ୍ଟ ୨ରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଶୁଣାଣି ରହିଛି । ତାହେଲେ ଏ ନୀରବତା କାହିଁକି । ସରକାର ତାଙ୍କର ପକ୍ଷ କଣ, ରାଜନୈତିକ ଦଳ ଓ ଲୋକଙ୍କୁ ବିଶ୍ୱାସକୁ ନେଇ କୁହନ୍ତୁ । ରାଜ୍ୟ ସରକାର ଲୋକଙ୍କ ବୁଝାମଣା ସହ ଭିତିରି ବୁଝାମଣା କରୁଛନ୍ତିକି ବୋଲି ସେ ପ୍ରଶ୍ନ କରିବା ସହ ଓଡ଼ିଶାର ଜଳ ଅଧିକାରକୁ ନିଚା ଦେଖାଯାଉଛି କି ବୋଲି ପଚାରିଛନ୍ତି । ମହାନଦୀ କେବଳ ନଦୀ ନୁହେଁ, ଏହା ରାଜ୍ୟର ଆତ୍ମା । ଏଥିରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରହିବା ଦରକାର । ସେ ମନେ ପକାଇଦେଇଛନ୍ତି ଯେ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ୨୩ ଜାନୁଆରୀ ୨୦୧୮ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଥିଲା । ବିଜେଡିର କ୍ରମାଗତ ପ୍ରଚେଷ୍ଟା ଓ ଲୋକଙ୍କ ଚାପ ଯୋଗୁ କେନ୍ଦ୍ର କ୍ୟାବିନେଟ୍ ଏହି ଟ୍ରିବ୍ୟୁନାଲକୁ ମଞ୍ଜୁର ଦେଇଥିଲା । ୨୦୧୮ ମାର୍ଚ୍ଚ ୧୨ରେ କେନ୍ଦ୍ର ସରକାର ଟ୍ରିବ୍ୟୁନାଲ ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ନେଇ ଆଇନଗତ ଯୁଦ୍ଧ ଚାଲିଛି । ଏ ସମ୍ପର୍କରେ ସରକାର ଜବାବ ଦେବାକୁ ସେ କହିଛନ୍ତି ।

## ଆଜି...

ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ବୌଦ୍ଧ, ସୋନପୁରଅଜି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ଖୋର୍ଦ୍ଧା, ନୟାଗଡ଼, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, କନ୍ଧମାଳ, ରାୟଗଡ଼ା ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

୨୬ ଓ ୨୭ ତାରିଖ ଦୁଇଦିନ ଧରି ସୁନ୍ଦରଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ନିମନ୍ତେ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

## ୨୦ ଘଣ୍ଟାର...

ଉଦ୍ଧାର ପରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନେ ନିଜ ରାଜ୍ୟ ଛତିଶଗଡ଼ ଘରକୁ ଫେରିବାର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଆଇଜି ହିମାଂଶୁ ଲାଲ, ବରଗଡ଼ ଏସପି ପ୍ରହଲ୍ଲାଦ ସହାୟ ମୀନା ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ । ଗନ୍ଧମାର୍ଦ୍ଦନ ପାହାଡ଼ ମାଓ ଅଧ୍ୟୁଷିତ ଇଲାକା ହୋଇଥବାରୁ ପୋଲିସ ଉଦ୍ଧାର କାର୍ଯ୍ୟକୁ ଅତି ସତର୍କତା ଓ ସଫଳତାର ସହ ତୁଲାଇଥିଲା ।

## ୨୩ ପୁଞ୍ଜି...

ବିଦ୍ୟା ମିନେରାଲ୍ସ ପକ୍ଷରୁ ୬୨୦ କୋଟି ନିବେଶରେ ସମନ୍ୱିତ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ହେବ । ଏହାଛଡା ଜଟିଆ ଷ୍ଟିଲ ପକ୍ଷରୁ ଜୟପୁରରେ ୪୫୧.୯୦ କୋଟି ବ୍ୟୟରେ ଷ୍ଟିଲ୍ ଷ୍ଟ୍ରକଚର ପ୍ରତିଷ୍ଠା କରାଯିବ । ସେହିଭଳି ହିନ୍ଦୁସ୍ତାନ ଆକ୍ୱା ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ସୁନ୍ଦରଗଡରେ ୩୨୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏକ ପାନୀୟ ୟୁନିଟ୍ ପ୍ରତିଷ୍ଠା କରାଯିବ । ପ୍ରଗତି ମିଲ୍କ ପକ୍ଷରୁ ବାଲେଶ୍ୱରରେ ୧୧୪.୩୪ କୋଟିର ପ୍ରକଳ୍ପ ପ୍ରତିଷ୍ଠା କରାଯିବ । ପୁରୀ, ଗଜପତି, ନୟାଗଡ, କନ୍ଧମାଳ ଓ ଗଞ୍ଜାମରେ ପର୍ଯ୍ୟଟନକୁ ପ୍ରାଥମିକତା ଦେଇ ୬ଟି ବଡ ହସ୍ପିଟାଲିଟି ପ୍ରକଳ୍ପ ୪୭୯ କୋଟିରେ ପ୍ରତିଷ୍ଠା କରାଯିବ ଓ ୧୩୫୨ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

# ଶିକ୍ଷକଙ୍କ ଦକ୍ଷତା ଅଭିବୃଦ୍ଧି କର୍ମଶାଳା

କେନ୍ଦୁଝର (ସବ୍ୟୁ) : ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ସଭା ଗୃହରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ,କେନ୍ଦୁଝର ଏବଂ ସେଣ୍ଟର ଫର ଏନଭାଇରନମେଣ୍ଟାଲ ଷ୍ଟଡ଼ିଜ,ଭୁବନେଶ୍ୱରର ମିଳିତ ଉଦ୍ୟମରେ ଜିଲ୍ଲାର ଆନନ୍ଦପୁର,ଘଷିପୁରା,ହାଟଡିହି,ଘଟଗାଁ,ହରିଚନ୍ଦନପୁର,ବାଂଶପାଳ ବ୍ଲକର ପ୍ରାୟ ୨୫୦ ଜଣ ଶକ୍ତି କ୍ଲବର ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ଅଭିବୃଦ୍ଧି କର୍ମଶାଳା ବୁଧବାରରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସେଣ୍ଟର ଅଫ ଏନଭାଇରନମେଣ୍ଟାଲ ଷ୍ଟଡ଼ିଜ,ଭୁବନେଶ୍ୱରର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶକ୍ତି ସଂରକ୍ଷଣର ଆବଶ୍ୟକତା,ଉପକାରିତା ଏବଂ ଭବିଷ୍ୟତରେ ଶକ୍ତି ସଙ୍କଟକୁ କିପରି ଦୂର କରି ହେବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ ।ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଶକ୍ତି ସଞ୍ଚୟ ପାଇଁ ସମସ୍ତେ ସଚେତନ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାମଲ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ପାଇଁ ଶକ୍ତି କ୍ଲବର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ ।ଜିଲ୍ଲା ବିଜ୍ଞାନ ଶିକ୍ଷା ପରିଦର୍ଶକ ପରମେଶ୍ୱର ମହାନ୍ତ ୨୦୨୧ ରୁ ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଶକ୍ତି କ୍ଲବର କାର୍ଯ୍ୟାବଳୀ ସମ୍ବନ୍ଧରେ ସୂଚନା ଦେଇଥିଲେ ।ଡି.ଏନ. ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି ସମ୍ବଲର ଧାରଣୀୟ ବିକାଶ ଓ ସଂରକ୍ଷଣ ପାଇଁ ପଦକ୍ଷେପ ନେବା ପାଇଁ ଆହ୍ୱାନ କରିଥିଲେ ।ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରାଙ୍କ ସଂଯୋଜନାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା ।କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ଶକ୍ତି କ୍ଲବ କାର୍ଯ୍ୟକ୍ରମର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ ପୁଙ୍ଖାନୁପୁଙ୍ଖ ଭାବେ ଶକ୍ତି କ୍ଲବର ଗଠନ ପ୍ରଣାଳୀ,ବାର୍ଷିକ କାର୍ଯ୍ୟାବଳୀ,ୟୁ.ସି. ରିପୋର୍ଟ ପ୍ରଦାନ ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ ।କର୍ମଶାଳାର ଦ୍ୱିତୀୟ ପର୍ଯ୍ୟାୟରେ ଏନ.ଏସ. ପୋଲିସ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିବେକାନନ୍ଦ ରାଉତ,ବାଉଁଶୁଳି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଆଦିତ୍ୟ ମହାପାତ୍ର,ଧବଳେଶର ହାଇସ୍କୁଲ,ଦେଓଝରର ବିଜ୍ଞାନ ଶିକ୍ଷକ ସୌମ୍ୟ ପ୍ରକାଶ ସାହୁ ରିସୋର୍ସ ପର୍ସନ ଭାବେ ଶକ୍ତି କ୍ଲବର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ ।ଶେଷରେ ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଫକୀର ମୋହନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାଇକୋର୍ଟରେ ରାୟ ପ୍ରକାଶ: ବାଲାଜୀ ମଠ ଉପରେ ନିର୍ମାଣାଧୀନ କୋଠାରେ ଝୁଲିବ ତାଲା

ନୀଳଗିରି (ସବ୍ୟୁ) : ନୀଳଗିରି ଗୁଣ୍ଡିଚାମନ୍ଦିର ପାର୍ଶ୍ୱରେ ବାଲାଜୀ ହନୁମାନଙ୍କ ମନ୍ଦିରପାର୍ଶ୍ୱରେ ବିଭାଗର ବିନାଅନୁମତିରେ କିଛି ନୟସ୍ତସ୍ୱାର୍ଥ ବ୍ୟକ୍ତି ଚଞ୍ଚକତା କରି ପୁରୁଣାମନ୍ଦିର ଭାଙ୍ଗି ନୂତନମନ୍ଦିର ନିର୍ମାଣ ବାହାନାରେ ଦୁଇମହଲା କୋଠା ନିର୍ମାଣକରି ବ୍ୟବସାୟିକ ଫାଇଦା ନେଉଥିଲେ । ଏନେଇ ଜଗବନ୍ଧୁ ମୁନି ନାମକ ଜନୈକ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ । ଶେଷରେ ଜୁଲାଇ ୧୪ତାରିଖ ଏହି ଘଟଣାର ରାୟପ୍ରକାଶ ପାଇଛି ।ଏହି ବେଆଇନ କୋଠାରେ ଥିବା ଦୋକାନ ବନ୍ଦକରି ତାଲା ଝୁଲାଇବା ସହ ଆବଶ୍ୟକ ସ୍ଥଳେ ପୁଲିସ ଫୋର୍ସ ଧରି କାର୍ଯ୍ୟାନୁଷ୍ଠାନ ନେବାକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆସିଛି । ସୂଚନା ଅନୁଯାୟୀ ରାଜ୍ୟ ଦେବୋତ୍ତର ବିଭାଗ ଅଧୀନରେ ନୀଳଗିରିରେ ଥିବା ବାଲାଜୀ ମଠ ବା ହନୁମାନ ମଠରେ ୨୦୦୪/୦୫ ମହିହାଠାରୁ ଟ୍ରଷ୍ଟବୋର୍ଡ ପୁନଃ କାର୍ଯ୍ୟକ୍ଷମ ହୋଇନଥିଲା । କିନ୍ତୁ ପୂର୍ବତନ ମ୍ୟାନେଜିଂ ଟ୍ରଷ୍ଟି ହେମନ୍ତ ସାହୁ ଏହି ଟ୍ରଷ୍ଟବୋର୍ଡର ନୀତି ନିୟମକୁ ଅବମାନନା କରି ବହୁ ଚଞ୍ଚକତା କରିଥିବା ନେଇ ପୂର୍ବରୁ ବିଭାଗପକ୍ଷରୁ ତଦନ୍ତ କରିଥିଲା । ବିଭାଗୀୟ ପତ୍ର ସଂଖ୍ୟା ୧୧୭୧ରେ ଉଲ୍ଲେଖ କରାଯାଇଥିଲା ଯେ, ଦେବୋତ୍ତର ବିଭାଗର ବିନା ଅନୁମତିରେ ପ୍ଲଟ ନଂ ୯୫, ଖାତା ନଂ ୧୨୯/୧ସାନଅତା ମୌଜାରେ ଥିବା ଠାକୁର ସମ୍ପତ୍ତିକୁ ଭଙ୍ଗାଯାଇ ସେଠାରେ ଦୁଇ ମହଲା କୋଠନିର୍ମାଣ କରାଯାଇଛି । ପୁରୁଣା ମନ୍ଦିରକୁ ଭାଙ୍ଗି ନୂତନମନ୍ଦିର କରାଯିବା ସହ ସେଠାକୁ ଠାକୁରଙ୍କୁ ସ୍ଥାନାନ୍ତର କରାଯାଇଛି । ଏପରିକି ବ୍ୟବସାୟିକ ମନୋବୃତ୍ତିରେ ଦୁଇ ମହଲା କୋଠା କରାଯାଇ ଲୋକଙ୍କ ଠାରୁ ବେଆଇନଭାବେ ମୋଟା ଅଙ୍କର ଅର୍ଥ ସଂଗ୍ରହ କରାଯାଇଛି । ଯାହା ଦେବୋତ୍ତର ବିଭାଗର ଅଗୋଚରରେ ହୋଇଛି । ଗୃହ ନିର୍ମାଣରେ ଅନୁମୋଦନ ପତ୍ର, ପ୍ଲାନ ଏଷ୍ଟିମେଣ୍ଟ, ଏମବି ବହି, ଗୃହ ନିର୍ମାଣରେ ଟ୍ରଷ୍ଟବୋର୍ଡ ପଞ୍ଜିକରଣ କାଗଜପତ୍ର ପ୍ରଭୃତି ଦାଖଲ କରାଯାଇନାହିଁ । ତରବରିଆ ଭାବେ ଏଠାରେ ଗୋଟିଏ ଔଷଧ ଦୋକାନ, ୨ଟି କୋଠରୀରେ ପଥର ବାସନ ଦୋକାନ, ଗୋଟିଏରେ ହାର୍ଡୱେର ଷ୍ଟୋର ଏବଂ ଉପରମହଲା ଓ ତଳମହଲାରେ କେତେ ଜଣ ମୁଷ୍ଟିମେୟ ଲୋକଙ୍କ ନାଁରେ ଚୁକ୍ତିଭିତ୍ତିକ କୋଠରୀ ଦାଖଲ କରାଯାଇଛି । ଯାହା ସମ୍ପୂର୍ଣ୍ଣ ବେଆଇନ ଓ ଏନେଇ ପୂର୍ବତନ ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ସାହୁଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା । ଏପରିକି ଏହି ସମ୍ପତ୍ତିରେ ରହିଥିବା ଗୃହକୁ ଅଦରକାରୀ ତଥା ପରିତ୍ୟକ୍ତ ବୋଲି ଦର୍ଶାଇ ୨୦୨୨ ମସିହା ଫେବ୍ରୁୟାରୀ ୨୮ରେ ବାଲେଶ୍ୱର ପୂର୍ତ୍ତବିଭାଗର ପତ୍ରସଂଖ୍ୟା ୧୯୮୫ରେ ଖାତା ନଂ ୧୨୯ ବୋଲି ଉଲ୍ଲେଖ କରାଯାଇ ମଠଟି ବିପଦପୂର୍ଣ୍ଣ ଦର୍ଶାଇ ପୂର୍ବ ନିର୍ଦ୍ଦେଶରେ ଭାଙ୍ଗି ଦିଆଯାଇଥିଲା । ନୀଳଗିରି ପୂର୍ତ୍ତ ବିଭାଗର ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କ ସମୟରେ ମଠ ସମ୍ପତ୍ତିକୁ ବିପଦପୂର୍ଣ୍ଣ ଦର୍ଶାଯିବା ଓ ନୀଳଗିରି ଏନଏସିର ଜଣେ ପୂର୍ବତନ ଅଧିକାରୀଙ୍କ ସମୟରେ ଏନଏସିରେ କାଗଜପତ୍ରରେ ଚଞ୍ଚକତା କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା । ପରବର୍ତ୍ତୀ ସମୟରେ ଏହି ଦୁଇଅଧିକାରୀଙ୍କ ମଧ୍ୟରୁ ଜଣେ ଦି ମହଲା କୋଠାର ଏକ ଅଂଶରେ ଲୁଗାଦୋକାନ କରିଛନ୍ତି । ସମସ୍ତ ଦସ୍ତାବିଜ ଏବଂ ବିଭାଗୀୟ ତଦନ୍ତ ରିପୋର୍ଟକୁ ଆଧାର କରି ଉଚ୍ଚ ନ୍ୟାୟାଳୟ ଡବ୍ଲ୍ୟୁପିସି ନଂ. ୨୮୪୯୧/୨୪ ମାମଲାର ବିଚାରକରି ରାୟ ପ୍ରକାଶ କରିଛନ୍ତି ।ଏନେଇ ଗୁରୁବାର ୨୪ତାରିଖ ଦେବୋତ୍ତର କମିଶନର ଏବଂ ସହକାରୀ କମିଶନର ଉକ୍ତ ଦୁଇମହଲା କୋଠା ନିକଟରେ ପହଞ୍ଚି ଅନୁଧ୍ୟାନ କରିବାସହ ନୀଳଗିରି ଉପଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।ପୁଲିସ ଫୋର୍ସ ଧରି ଉକ୍ତ ବେଆଇନ ଦୋକାନଗୁଡ଼ିକୁ ବନ୍ଦ କରାଯାଇ ତାଲା ଝୁଲାଇବାକୁ ବିଚାରପତି କେ.ଆର. ମହାପାତ୍ର ଓ ସାବିତ୍ରୀ ରଥ ନିର୍ଦ୍ଦେଶ ଦେଇଛନ୍ତି ।

### ଦ.ପୂ. ରେଳପଥ-ଟେଣ୍ଡର

... www.ireps.gov.in ରେ ଦେଖିବାକୁ ମିଳିପାରିବ । ... (PR-440)

### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

CAD-1243

ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୨୪ — ବିଜ୍ଞାପନ — ତା : ୧୪.୭.୨୫

ସ୍ୱା/- ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0754/2526

### NOTICE

By virtue of an affidavit sworn before the Notary Public, Kantamal. Dated. 22.07.2025, I SIBIKA MAHAKUD, Address of Village- Padarpada, Ps- Kantamal, Dist- Boudh, Pin- 762017. Declare that I have changed my name from SIBAKA MAHAKUD to SIBIKA MAHAKUD. Henceforth, I shall be known as **SIBIKA MAHAKUD** for all purposes.

Sd/- Sibika Mahakud

### AFFIDAVIT

I, Fatema Shabbir Dodiya W/o Late Shabbir Bhai Resident Metro Plaza, 4th Floor, Phase-1, Tinkonia Bagicha, Buxi Bazar, PS-Cantonment, Dist-Cuttack, Odisha, Pin Code-753001 Declare by this Affidavit No-3250, Date-17/04/2025, that now onwards I shall be known as FATEMA DODIA for all Future purposes.

### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

CAD-1250

ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୨୦ — ବିଜ୍ଞାପନ — ତା : ୦୯.୦୭.୨୦୨୫

ସ୍ୱା/- ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0763/2526

### ଅତିରିକ୍ତ ସହକାରୀ ଦେବୋତ୍ତର କମିଶନରଙ୍କ ଅଦାଲତ, କଟକ

ବିଜ୍ଞାପନ

ସ୍ୱା/- ଶ୍ରୀ ପ୍ରକାଶ କୁମାର କର, ଓ.ଜେ.ଏସ (୧), ଶ୍ରୀ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, କଟକ

ତଫସିଲ ସମ୍ପତ୍ତି

### ଅତିରିକ୍ତ ସହକାରୀ ଦେବୋତ୍ତର କମିଶନରଙ୍କ ଅଦାଲତ, କଟକ

ବିଜ୍ଞାପନ

ସ୍ୱା/- ଶ୍ରୀ ପ୍ରକାଶ କୁମାର କର, ଓ.ଜେ.ଏସ (୧), ଶ୍ରୀ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, କଟକ

ତଫସିଲ ସମ୍ପତ୍ତି

### ZILLA SWASTHYA SAMITI, BOUDH
### OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BOUDH
### DPMU, NHM

E-222

E-mail : dpmuboudh@gmail. com Phone : (06841) 223572
Zilla Swasthya Samiti, Boudh
Office of the Chief District Medical & Public Health Officer, Boudh

Advt. No. 1121 — Date : 22.07.2025

**Tender Call Notice**

Sealed proposals as per prescribed RFP document are invited from the interested eligible bidders for Selection of Agency under Nirmal. The eligible criteria, the terms of reference and the formats for submission of bid as set forth in the RFP document can be downloaded from the website www.boudh.nic . Interested bidders fulfilling the eligibility criteria may submit their proposal(s) with EMD & Tender Documents. The bidders have to submit their proposal(s) at the O/o: The CDM & PHO cum District Mission Director. DHH, Boudh. Proposals) complete in all respect should reach the undersigned on or before 05.30 PM of 11.08.2025 through Regd./Speed post only and the same will be opened on 12.08.2025 at 11.30 A.M. The undersigned reserves the right to reject any or all the tender(s) without assigning any reason thereof,

Sd/- CDM&PHO-cum-District Mission Director. Boudh

OIPR : 10107/11/0019/2526

### GOVERNMENT OF ODISHA
### OFFICE OF THE EXECUTIVE ENGINEER OF HORTICULTURE (NORTHERN ZONE)

L-43

AT/PO-FARM ROAD, SAMBALPUR-768002 (email : eenzsbp@gmail.com)
Notice No. : 747 / EE / Hort / NZ / Date : 22.07.2025

**Bid Identification No. 05/Hort./NZ/2025-26 Date : 22.07.2025**

| | | | |
|---|---|---|---|
| 01 | Total Nos. of works | : | One |
| 02 | Estimated Cost | : | Rs. 1051530.18/- |
| 03 | Period of Completion | : | 60 days |
| 04 | Date & Time of availability of bid document in the portal | : | From 10.00 Hrs of 29.07.2025 to 17.00 Hrs. of 08.08.2025 |
| 05 | Last date & time of dropping of copies of uploaded documents, draft, affidavits, Schedules etc. in the tender box at the office of the undersigned at Farm Road, Sambalpur-768002. | : | From 11.00 AM of 08.08.2025 to Before 17.00 Hrs. of 14.06.2025 |
| 06 | Date & Time of Opening of bids | : | 10.30 AM of 18.08.2025 onwards. |
| 07 | Name and Address of the officer inviting bid | : | Executive Engineer (Agril.), Northern Zone, Horticulture, At/Po- Farm Road, Sambalpur, Pin-768002 |

Further details can be seen from the website www.tendersodisha.gov.in

Sd/- Executive Engineer (Agril.) Northern Zone, Horticulture, Sambalpur

OIPR : 01465/11/0013/2526

### OFFICE OF THE MUNICIPAL COUNCIL, CHOUDWAR

C-743

CUTTACK, ODISHA, PIN- 754071
Phone No- 0671-2394272(O) E-mail : choudwarmunicipality@gmail.com

Letter No- 1181 — Date- 23/07/2025

**Quotation Call Notice**

| | | | |
|---|---|---|---|
| 1. | Name of the Work | : | Engagement of 01 No Four-Wheeler Vehicle for Official Use |
| 2. | Period of Completion | : | (01) One Year |
| 3. | Date and Time of availability of The bid documents in the Portal | : | 23.07.2025 To 12.08.2025 www.choudwarmunicipality.in |
| 4. | Last Date / Time for receipt of bid document | : | 12.08.2025 at 1.00 PM |
| 5. | Bids received through Office Drop Box, shall be opened on | : | dt. 12.08.2025 at 04.00 P.M. |
| 6. | Name and address of the officer inviting Bid | : | Executive Officer, Choudwar Municipality, |

Any Corrigendum/Cancellation /Addendum can be seen From www.choudwarmunicipality.in

Sd/- Executive Officer Choudwar Municipality

OIPR : 13138/11/0040/2526

### OFFICE OF THE SUPERINTENDING ENGINEER
### RURAL WORKS DIVISION-II, GANJAM, BERHAMPUR

Phone-0680-2404096 E-Mail : eerwgmt@yahoo.com

O-473

Government of Odisha e-Procurement Notice
**Bid Identification No. Online Tender /04/SERWD-II/2025-26**
Memo No. 5467/RWD-HGB. Date : 19.07.25

| | | | |
|---|---|---|---|
| 1. | Name of the Work | : | Building Works |
| 2. | Estimated Cost | : | Rs. 49.58 lakhs to Rs. 49.80 lakhs. |
| 3. | Period of Completion | : | 6 (Six) Months as per Annexure. |
| 4. | Date & Time of availability of Bid documents in the portal | : | 28.07.2025 at 10.00 AM to 07.08.2025 up to 5.00 P.M. |
| 5. | Last Date / Time for receipt of Bids in the Portal | : | 07.08.2025 up to 5.00 P.M. |
| 6. | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Sd/- Executive Engineer R.W. Division-II, Ganjam, Berhampur

OIPR : 25073/11/0021/2526

### AFFIDAVIT

By virtue of an affidavit sworn before Notary Public ,Kendrapara , dated 23/07/2025 I ,Mamtaz Begum, W/o Md Mustaq Alli Khan, Vill-Chasakhanda, Po-Derabish, PS- Derabish, Dist-Kendrapara, Pin-754289 declare that I have changed my son's name from Ibrahim khan to Md Ibrahim khan. Henceforth, he shall be known as Md Ibrahim khan for all purposes.

Sd/- Mamtaz Begum

### AFFIDAVIT

By virtue of an affidavit sworn before Notary Public ,Kendrapara , dated 23/07/2025 I ,Shamima Parween, W/o Mustak Shariff, Vill-Haladia, Po-Thakurpatana, PS-Kendrapara Sadar, Dist-Kendrapara, Pin-754250 declare that I have changed my daughter's name from Afia Sarif to Fareha Shariff. Henceforth, she shall be known as Fareha Shariff for all purposes.

Sd/- Shamima Parween

### AFFIDAVIT

By virtue of an affidavit sworn before Notary Public ,Kendrapara , dated 10/07/2025 I , Minati Malik, D/o Guru Charan Malik , Vill-Nankar, Po-Indalo, PS-Kendrapara Sadar, Dist-Kendrapara, Pin-754210 declare that I have changed my name from Manju Akash Panda to Minati Malik. Henceforth, I shall be known as Minati Malik for all purposes.

Sd/ - Minati Malik

### AFFIDAVIT

By virtue of an affidavit sworn before Notary Public, Kendrapara , dated 09/07/2025 I , Mohammed Jabir Khan, S/o Taher Khan, Vill-Golarahat, Po-Derabish, PS- Derabish, Dist-Kendrapara, Pin-754289 declare that I have changed my name from Mohammad Jabir Khan to Mohammed Jabir Khan. Henceforth, I shall be known as Mohammed Jabir Khan for all purposes.

Sd/- Mohammed Jabir Khan

### AFFIDAVIT

By virtue of an affidavit sworn before Notary Public, Kendrapara , dated 31/05/2025 I , Sk Wajeet, S/o Sk Wahid, Vill-Chhachina, Po-Nuahat, PS- Derabish, Dist-Kendrapara, Pin-754289 declare that I have changed my name from S.K. Wajeet to Sk Wajeet. Henceforth, I shall be known as Sk Wajeet for all purposes.

Sd/- Sk Wajeet

### AFFIDAVIT

By virtue of an affidavit sworn before Notary Public ,Kendrapara , dated 10/06/2025 I ,Mitashri Mohanty, W/o Keshab Chandra Swain, Vill-Baro, Po- Baro, PS-Nikirai, Dist-Kendrapara, Pin-754250 declare that I have changed my daughter's name from Saloni Swain to Swayam Salony Swain. Henceforth, she shall be known as Swayam Salony Swain for all purposes.

Sd/- Mitashri Mohanty

### ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ସମ୍ ହସ୍ପିଟାଲ୍ ପକ୍ଷରୁ ରାଜ୍ୟସ୍ତରୀୟ ନବଜାତ ଏନ୍ଆଇଭି କର୍ମଶାଳା ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ନିକଟରେ ରାଜ୍ୟସ୍ତରୀୟ ନବଜାତ ନନ୍ ଇନ୍ଭାସିଭ ଭେଣ୍ଟିଲେସନ୍ (ଏନଆଇଭି) କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୪୬ ଜଣ ଡାକ୍ତର ଓ ନର୍ସ ଯୋଗ ଦେଇଥିଲେ। ନନ୍ ଇନ୍ଭାସିଭ ଭେନ୍ଟିଲେସନ୍ ପ୍ରକ୍ରିୟାର ବିଭିନ୍ନ ପ୍ରୟୋଗ ସମେତ କନ୍ଟିନ୍ୟୁୟସ ପଜିଟିଭ୍ ଏୟାରୱେ ପ୍ରେସର (ସିପିଏପି), ହାଇ ଫ୍ଲୋ ନାଜାଲ କାନୁଲା (ଏଚ୍ଏଫ୍ଏନ୍ସି) ଏବଂ ନନ୍ ଇନ୍ଭାସିଭ୍ ପଜିଟିଭ ପ୍ରେସର ଭେଣ୍ଟିଲେସନ୍ (ଏନ୍ଆଇପିପିଭି) ସମ୍ପର୍କରେ ଏହି କର୍ମଶାଳାରେ ଆଲୋଚନା କରାଯାଇଥିଲା। ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ନବଜାତ ଶିଶୁରୋଗ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚଏମ୍), ନ୍ୟାସ୍ନାଲ୍ ନିଓନାଟୋଲଜି ଫୋରମ୍ (ଏନ୍ଏନ୍ଏଫ୍), ଓଡ଼ିଶା ଓ ୟୁନିସେଫର ମିଳିତ ସହଯୋଗରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ସମ୍ ହସ୍ପିଟାଲର ନବଜାତ ଶିଶୁରୋଗ ବିଭାଗର ପ୍ରଫେସର (ଡାକ୍ତର) ଦେବାଶିଷ ନନ୍ଦ ଏହି କର୍ମଶାଳାର ସଂଯୋଜକ ଥିଲେ।



କର୍ମଶାଳାରେ ଡାକ୍ତର ନନ୍ଦଙ୍କ ସହିତ ଏମ୍ସ ଭୁବନେଶ୍ୱରର ନବଜାତ ଶିଶୁରୋଗ ବିଭାଗର ପ୍ରଫେସର (ଡାକ୍ତର) ତାପସ ସୋମ, ପ୍ରଫେସର (ଡାକ୍ତର) ପଙ୍କଜ ମହାନ୍ତି, କିମ୍ସ ହସ୍ପିଟାଲର ଶିଶୁରୋଗ ବିଭାଗର ପ୍ରଫେସର (ଡାକ୍ତର) ସନ୍ତୋଷ ପଣ୍ଡା, ସମ୍ ହସ୍ପିଟାଲର ଶିଶୁରୋଗ ବିଭାଗର ପ୍ରଫେସର (ଡାକ୍ତର) ରତନ କୁମାର ଦାସ ଏବଂ ଆସୋସିଏଟ୍ ପ୍ରଫେସର (ଡାକ୍ତର) ବିଜୟ କୁମାର ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ।

ଏହି କର୍ମଶାଳାରେ ଏନଏନ୍ଏଫ୍ ଓଡ଼ିଶାର ସଭାପତି ଡାକ୍ତର ଆଲୋକ ସ୍ୱାଇଁ, ୟୁନିସେଫର ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ବ୍ରଜେଶ ରାଜ ମେହେତା, ଚାଇଲ୍ଡ ହେଲ୍ଥର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ପ୍ରତିଭା ପ୍ରଧାନ ଏବଂ କନ୍ସଲ୍ଟାଂଟ ଡାକ୍ତର ଅନିନ୍ଦିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଓ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ରାଜ୍ୟରେ ନବଜାତ ଶିଶୁ ମୃତ୍ୟୁହାର ହ୍ରାସ ନିମନ୍ତେ ଏପରି କର୍ମଶାଳା ଆୟୋଜନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ରଥଯାତ୍ରାରେ ଆଧ୍ୟାତ୍ମିକ ଆଶୀର୍ବାଦ ଶୁଦ୍ଧ ଚକ୍କି ଅଟ୍ଟାରୁ ପ୍ରସ୍ତୁତ ପ୍ରସାଦ ଯୋଗାଣ

ଭୁବନେଶ୍ୱର, (ସବ୍ୟୁ) : ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କର ପବିତ୍ର ରଥଗୁଡ଼ିକ ପୁରୀ ବଡଦାଣ୍ଡରେ ଐତିହ୍ୟସମ୍ପନ୍ନ ରଥଯାତ୍ରା ସମୟରେ ଭାରତର ୧ ନମ୍ବର ପ୍ୟାକେଜ୍ଡ ଅଟ୍ଟା ବ୍ରାଣ୍ଡ ଆଶୀର୍ବାଦ ଭକ୍ତଗଣଙ୍କ ନିମନ୍ତେ ତାହାର ନବୋନ୍ମେଷୀ ଅଭିଯାନ 'ଭକ୍ତି ପଥେ' (ଭକ୍ତିର ମାର୍ଗ) ଜରିଆରେ ଏକ ରୂପାନ୍ତରଣକାରୀ ଆଧ୍ୟାତ୍ମିକ ଅନୁଭୂତି ଆଣିଦେଇଥିଲା। ଆଶୀର୍ବାଦ ଶୁଦ୍ଧ ଚକ୍କି ଅଟ୍ଟାକୁ ବ୍ୟବହାର କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଭର୍ଚୁଆଲ ପଦ୍ଧତିରେ ପ୍ରସ୍ତୁତ ପ୍ରସାଦକୁ ନେଇ ଭକ୍ତମାନଙ୍କ ସହିତ ଏକ ଆନ୍ତଃ କ୍ରିୟାଶୀଳ ଡିଜିଟାଲ ଜୋନ୍‌ରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। ୩୦,୦୦୦ରୁ ଅଧିକ ଡିଜିଟାଲ ପ୍ରସାଦ ଯୋଗାଣ ସୃଷ୍ଟି କରାଯାଇଥିଲା ଯାହା ଏହି ପାର୍ବଣକୁ ଉଭୟ ଅନ୍ତରଙ୍ଗ ଏବଂ ସହଭାଗୀତାପୂର୍ଣ୍ଣ କରି ଗଢ଼ିତୋଳିଥିଲା।

# ଅନ୍ତର୍ଜାତୀୟ ଚିତ୍ରକଳା ଶିବିର 'ନିଳାଦ୍ରୀ' ଉଦ୍‌ଯାପିତ

ପୁରୀ, (ସବ୍ୟୁ) : ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ଓ ଜଳେଶ୍ୱର ଆର୍ଟ ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ଆନ୍ତର୍ଜାତିୟ ଚିତ୍ରକଳା ଶିବିର 'ନୀଳାଦ୍ରି' ଶ୍ରୀମନ୍ଦିର ଉତ୍ତର ଦ୍ୱାର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଭାରତର ବିଭିନ୍ନ ପ୍ରାନ୍ତରୁ ୨୮ ଜଣ ଚିତ୍ରଶିଳ୍ପୀ ଅଂଶ ଗ୍ରହଣ କରିଥିଲେ । ଦୁଇଦିନିଆ ଶିବିରର ଉଦ୍ ଯାପନୀ ଉତ୍ସବରେ ଅତିଥି ରୂପେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରସନ୍ନ କୁମାର ସ୍ୱାଇଁ ଏବଂ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ଦିଲୀପ କୁମାର ସ୍ୱାଇଁ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବକ୍ତବ୍ୟରେ ଚିତ୍ରକଳା ମାଧ୍ୟମରେ ଶ୍ରୀଜଗନ୍ନାଥ ସଂସ୍କୃତି ର ପରିପ୍ରକାଶ ହୋଇଥିବାରୁ ଏହାର ପ୍ରଭାବ ସୁଦୂର ପ୍ରସାରୀ ବୋଲି ମତବ୍ୟକ୍ତ କରିଥିଲେ ଓ ଜଗନ୍ନାଥଙ୍କ ପ୍ରତିଦିନର ନୀତିକାନ୍ତିରେ ଚିତ୍ରକର ସେବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ଅନବସର ସମୟରେ ଶ୍ରୀଜୀଉମାନେ ପଟିଦିଅଁ ଭାବେ ପୂଜା ପାଇଥାନ୍ତି ଓ ଶ୍ରୀଜଗନ୍ନାଥ ସଂସ୍କୃତି ରେ ଚିତ୍ରକର ଓ ଚିତ୍ରକଳା ର ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାମାଧବ କର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ନେପାଳ, ଆସାମ,ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, କୋଲକାତା ରୁ ଆସିଥିବା ଶିଳ୍ପୀ ମାନଙ୍କୁ ପ୍ରସଂଶାପତ୍ର, ଟ୍ରଫି, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ କାର୍ଯ୍ୟକ୍ରମକୁ ଜଳେଶ୍ୱର ଆର୍ଟ ଫାଉଣ୍ଡେସନ୍ ର ସଭାପତି ବ୍ରଜ ଷଡଙ୍ଗୀ, ସମ୍ପାଦକ ମୁକ୍ତିପଦ ନନ୍ଦୀ,



ସୌମ୍ୟରଞ୍ଜନ ପାତ୍ର, ପ୍ରସନ୍ନ ସ୍ୱାଇଁ ଏବଂ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଓ ଶ୍ରୀମନ୍ଦିରରୁ ଦର୍ଶନ ସାରି ଫେରୁଥିବା ଅନେକ ଭକ୍ତ ଚିତ୍ର ସବୁ ବୁଲି ଦେଖିଥିଲେ ଓ ସମସ୍ତ ଚିତ୍ରଗୁଡ଼ିକ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶଭୂଷା କୁ ନେଇ ଅଙ୍କନ କରାଯାଇଥିଲା ।

## ଚୌଦ୍ୱାର ଜାଗରଣ ମଂଚ ପକ୍ଷରୁ ଜାତୀୟ ରାଜପଥ ରିଜିଓନାଲ ଅଫିସ୍ ଘେରାଉ

ଚୌଦ୍ୱାର,(ସ.ବ୍ୟୁ.): ଚୌଦ୍ୱାର ମଧ୍ୟ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ମିଥ୍ୟା ପ୍ରତିଶ୍ରୁତି, ତଦାରଖରେ ଅବହେଳା ଓ ଦୁର୍ନୀତି, ଏମ୍.ଏସ୍.ଆଇ.ଏଲ. ଓ ଏନ୍.ଏଚ୍.ଏ.ଆଇ ମେ ମାସ ସୁଦ୍ଧା ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଶେଷ କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ କରିବା ବିରୁଦ୍ଧରେ ଚୌଦ୍ୱାର ଜାଗରଣ ମଂଚ ପକ୍ଷରୁ ଜାତୀୟ ରାଜପଥ ପ୍ରାଧୀକରଣର ଭୁବନେଶ୍ୱରସ୍ଥିତ ଆଂଚଳିକ ଅଫିସ୍ ଘେରାଉ କରାଯାଇଥିଲା । ରିଜିଓନାଲ ଅଫିସର ବୀରେନ୍ଦ୍ର ସିଂ ଅଗଷ୍ଟ ମାସ ଶେଷ ସୁଦ୍ଧା କାମ ସମ୍ପୂର୍ଣ୍ଣ କରିବେ ବୋଲି ପ୍ରତିଶ୍ରୁତି ଦେବା ସହ ଏମ୍.ଏସ.ଆଇ.ଏଲର ଠିକାଦାରଙ୍କ ମନୋମୁଖୀ କାର୍ଯ୍ୟ ପାଇଁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ସେ ପ୍ରକାଶ କରିଥିଲେ ।

## ଲାୟନ୍ସ କ୍ଲବ ଭୁବନେଶ୍ୱର ଓଡିଶାର ନୂତନ ସଭ୍ୟ ସଂଗ୍ରହ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ହୋଟେଲ ସୂର୍ଯ୍ୟାଂଶଠାରେ ଲାୟନ୍ସ କ୍ଲବ ଭୁବନେଶ୍ୱର ଓଡିଶାର ପ୍ରଥମ ସାଧାରଣ ସଭା ସହିତ ନୂତନ ସଭ୍ୟମାନଙ୍କ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ପାଳନ କରାଯାଇଛି । କ୍ଲବର ସଭାପତି ଲାୟନ ପ୍ରଶାନ୍ତ କୁମାର ପରିଡା, ସମ୍ପାଦକ ଲାୟନ ଏସ. କାହ୍ନୁ



ରଂଜନ ପୃଷ୍ଟି, କୋଷାଧ୍ୟକ୍ଷ ଲାୟନ ସତ୍ୟରଂଜନ ଚାନ୍ଦ, ଆଞ୍ଚଳିକ ଅଧ୍ୟକ୍ଷ ଲାୟନ ତପନ କୁମାର ହରିଚନ୍ଦନ, କ୍ଷତ୍ରୀୟ ସଂଚାଳକ ଲାୟନ ଡକ୍ଟର ବପିନ ବିହାରି ମିଶ୍ର ଯୋଗଦେଇ ଲାୟନ୍ସ କ୍ଲବକୁ ସାଧୁବାଦ ଜଣାଇଥିଲେ । ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ ନିକୁଞ୍ଜ ଛୋଟରାୟ ନୂତନ ସଭ୍ୟମାନଙ୍କୁ ଶପଥପାଠ କରାଇଥିଲେ । ନୂତନ ସଦସ୍ୟମାନେ ସଦସ୍ୟତା ଗ୍ରହଣ କଲାପରେ ସେମାନଙ୍କର ଅଭିବ୍ୟକ୍ତକୁ ଖୁସିର ସହ ପ୍ରଦାନ କରିଥିଲେ । ୨୦୨୫-୨୬ ଲାୟନ୍ସ ବର୍ଷ ପାଇଁ ଜଣେ ଭାରତୀୟ ଭାବେ ଲାୟନ ଏ.ପି. ସିଂ ଆନ୍ତର୍ଜାତୀୟ ଲାୟନ୍ସ କ୍ଲବର ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ମର୍ମରେ କ୍ଲବର ପୂର୍ବତନ ସଭାପତି ଲାୟନ ରାମପ୍ରସାଦ ପାତ୍ର ୧୫ଜଣ ସଦସ୍ୟଙ୍କୁ ଯୋଗଦାନ କରାଇଥିବାରୁ କ୍ଲବ ତରଫରୁ ସମ୍ମାନିତ କରାଯାଇଥିଲା । ସେ ମଧ୍ୟ ଏକ ଲିଓ କ୍ଲବ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ଲାୟନ ଇଂଜିନିୟର ସଂଜୟ କୁମାର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଆୟକର ବିଭାଗ ପକ୍ଷରୁ ୧୬୬ତମ ଆୟକର ଦିବସ

# ଆଗାମୀ ଦିନରେ ଟିକସ ବ୍ୟବସ୍ଥାର ହେବ ସରଳୀକରଣ

ଭୁବନେଶ୍ୱର(ସବ୍ୟୁ): ଆୟକର ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତ୍ତିଭୂମି ଓ ଜାତୀୟ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ସେବାକୁ ପାଣ୍ଠି ଯୋଗାଇଥାଏ । ଯାହା ସାମାଜିକ କଲ୍ୟାଣରେ ଭୂମିକା ନିର୍ବାହ କରେ । ଟିକସ ରାଜସ୍ୱ ସରକାରଙ୍କୁ ବିଭିନ୍ନ କ୍ଷେତ୍ରରେ ନିବେଶ, ଅଭିବୃଦ୍ଧିକୁ ପ୍ରୋତ୍ସାହିତ ଓ ନିଯୁକ୍ତି ସୃଷ୍ଟି କରିବାକୁ ସକ୍ଷମ କରିଥାଏ । ନ୍ୟାୟ ଓ ସାମାଜିକ ସଂହତିକୁ ଆଗକୁ ବଢ଼ାଏ । ନାଗରିକ ଓ ସରକାରଙ୍କ ମଧ୍ୟରେ ଦାୟିତ୍ୱ ବୃଦ୍ଧି କରେ । ଓଡ଼ିଶା କ୍ଷେତ୍ରୀୟ ଆୟକର ବିଭାଗ ପକ୍ଷରୁ ଆୟୋଜିତ ୧୬୬ତମ ଆୟକର ଦିବସରେ ଅତିଥିମାନେ ଏହି ମତପୋଷଣ କରିଛନ୍ତି ।

ଜୟଦେବ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ତିଥି ଭାବେ ଆୟକର ବିଭାଗର ଓଡ଼ିଶା କ୍ଷେତ୍ରୀୟ ପ୍ରମୁଖ ମୁଖ୍ୟ ଆୟକର କମିଶନର ପାରମିତା ଶତପଥୀ ତ୍ରିପାଠୀ ଯୋଗ ଦେଇ କହିଲେ, ଅର୍ଥନୀତିର ମେରୁଦଣ୍ଡ ହେଉଛି ରାଜସ୍ୱ । ଟିକସଦାତାଙ୍କଠୁ ଟିକସ ଆଦାୟ ଆୟକର ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି । ଆଗାମୀ ଦିନରେ ଟିକସ ବ୍ୟବସ୍ଥାରେ ସରଳୀକରଣ କରାଯିବ । ଗତ କିଛି ବର୍ଷ ମଧ୍ୟରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ବୃଦ୍ଧି ପାଇଛି । ଯାହା ଦେଶର ଆର୍ଥିକ ସ୍ଥିରତା ଓ ଉନ୍ନତ ଟିକସ ଅନୁପାଳନକୁ ପ୍ରତିଫଳିତ କରୁଛି । ଏହି ବୃଦ୍ଧି ଅର୍ଥନୈତିକ ସଂସ୍କାର ଓ ଟିକସ ସଂଗ୍ରହରେ



ଉନ୍ନତ କ୍ଷତାର ମିଶ୍ରଣ ପାଇଁ ହୋଇଛି ବୋଲି ଶ୍ରୀମତି ତ୍ରିପାଠୀ କହିଥିଲେ ।

ସମ୍ମାନିତ ଅତିଥି ଆୟକର ପ୍ରମୁଖ ନିର୍ଦ୍ଦେଶକ ଡ. ସନ୍ଦୀପ ଗୋଏଲ ଭାରତୀୟ ଟିକସ ସଂସ୍କାର ପଥ ନେଇ ଆଲୋଚନା କରିଥିଲେ । ପ୍ରମୁଖ ମୁଖ୍ୟ କମିଶନର ସରୋଜ କୁମାର ମହାପାତ୍ର କହିଲେ, ଦେଶ ଓ ରାଜ୍ୟର ରାଜସ୍ୱ ବୃଦ୍ଧିରେ ଆୟକର ଅବଦାନ ରହିଛି । ସିଆଇଟି ଶୋଭନ କ୍ରିଷ୍ଣା ସାହୁ ଆୟକର ବିଭାଗର କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱରୋପ କରିଥିଲେ । ଏହି ଅବସରରେ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକଟ ଟାକ୍ସର ଅଧ୍ୟକ୍ଷ ରବି ଅଗ୍ରୱାଲ ଭିଡିଓ ବାର୍ତ୍ତା ମାଧ୍ୟମରେ ଆୟକର ବିଭାଗର ଅଧିକ

**ଦେଶ ଓ ରାଜ୍ୟର ରାଜସ୍ୱ ବୃଦ୍ଧିରେ ଆୟକର ଅବଦାନ ଅଛି**

ସ୍ୱଚ୍ଛତା, ଦକ୍ଷତା, ସରଳୀକରଣ, ଡିଜିଟାଲାଇଜେସନ୍ ଦିଗରେ ପରିବର୍ତ୍ତନମୂଳକ ଯାତ୍ରାକୁ ନେଇ ଗୁରୁତ୍ୱାରୋପ କରିଥିଲେ ।

ଏହି ଅବସରରେ ବିଭାଗ ପକ୍ଷରୁ ବିଭାଗର କର୍ମଚାରୀ, ଛାତ୍ରଛାତ୍ରୀଙ୍କୁ ନେଇ ଗଣଦୌଡ଼, ସ୍ୱାସ୍ଥ୍ୟ ଶିବିର, ସିଟ୍ ଆଣ୍ଡ ଡ୍ର ପ୍ରତିଯୋଗିତା ଆଦି କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଛି । ଏଥିସହ ମୟୂର ଆର୍ଟ ଗ୍ରୁପ ପକ୍ଷରୁ ଛଉ ନୃତ୍ୟ ପରିବେଷଣ କରାଯାଇଥିଲା । ବିଭାଗର ବିଭିନ୍ନ ଅଧିକାରୀ, କର୍ମଚାରୀଙ୍କୁ ସେମାନଙ୍କର ଉତ୍ତମ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି । ଏଥିସହ ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

## କେନ୍ଦ୍ରାପଡ଼ାରେ ଶିଳ୍ପାୟନ, ଦକ୍ଷତା ବିକାଶକୁ ତ୍ୱରାନ୍ୱିତ କରିବାକୁ ଦାବି

# ଶିଳ୍ପ ମନ୍ତ୍ରୀଙ୍କୁ ଭେଟିଲେ ବିକାଶ ପରିଷଦ ପ୍ରତିନିଧି

ଭୁବନେଶ୍ୱର(ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲାରେ ଶିଳ୍ପାୟନ ଓ ଦକ୍ଷତା ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି । ପରିଷଦର ଏକ ସାତ ଜଣିଆ ପ୍ରତିନିଧିମଣ୍ଡଳୀ ଲୋକସେବା ଭବନରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପରିଷଦ ପକ୍ଷରୁ କୁହାଯାଇଛି, କେନ୍ଦ୍ରାପଡ଼ା ଜିଲ୍ଲା ଏକ ଶିଳ୍ପବିହୀନ ଜିଲ୍ଲା । ଏଠାରେ ଉନ୍ନତମାନର ମାନବ ସମ୍ବଳ ସହ ଶିଳ୍ପ ପାଇଁ ଅନ୍ୟାନ୍ୟ ସମସ୍ତ ସମ୍ଭାବନା ରହିଛି । ରାଜ୍ୟର ଶିଳ୍ପାୟନ କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଗୁରୁତ୍ୱ ଦେଇ ଶିଳ୍ପ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେବାର ଆବଶ୍ୟକତା ରହିଛି । ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉ । କିନ୍ତୁ ଏହା ସମୟସାପେକ୍ଷ ହୋଇଥିବାରୁ କ୍ଷୁଦ୍ର ଶିଳ୍ପ ପାଇଁ ମଧ୍ୟ ପ୍ରକ୍ରିୟା କରାଯାଉ । ଜିଲ୍ଲାର ବିଭିନ୍ନ ସ୍ଥାନରେ ଶିଳ୍ପ ପାଇଁ ଜମିର ଅଭାବ ରହିବ ନାହିଁ । କେନ୍ଦ୍ରାପଡ଼ାରେ ପର୍ଯ୍ୟଟନ ଓ କୃଷି ଭିତ୍ତିଭୂମି ସୁଦୃଢ଼ ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ପର୍ଯ୍ୟଟନ ଓ କୃଷି ଭିତ୍ତିକ ଶିଳ୍ପ ପାଇଁ ସରକାର ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତ କରନ୍ତୁ । ଏ ଦିଗରେ ବିଶେଷଜ୍ଞମାନଙ୍କୁ ନେଇ ମାନସ ମନ୍ଥନ କରାଯାଉ । ଏହି ପ୍ରତିନିଧିମଣ୍ଡଳୀରେ ପରିଷଦର ଅଧ୍ୟକ୍ଷ ଡାକ୍ତର ମଧୁସୂଦନ ମିଶ୍ର, ସଂଯୋଜକ ଡ. ଅମୀୟ କୁମାର ମହାନ୍ତି, ସମ୍ପାଦକ ଚୌଧୁରୀ ଅମିତାଭ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଡ. ସରୋଜ କାନ୍ତ କାନୁନଗୋ, ଯୁଗ୍ମ ସମ୍ପାଦକ ଧୀରେନ୍ଦ୍ର ସୁନ୍ଦର ଦାସ, କୋଷାଧ୍ୟକ୍ଷ ସାଲୁଟ୍ ସାହୁ ଓ ବରିଷ୍ଠ ସଦସ୍ୟ ଡ. ଶ୍ରୀମନ୍ତ ପାତ୍ର ସାମିଲ ହୋଇଥିଲେ ।

## ୧୦ଲକ୍ଷ ଟଙ୍କା ଲାଞ୍ଚ ନେବା ମାମଲା

# ଆଇଏଏସ୍ ଧୀମନ ଚକ୍‌ମାଙ୍କୁ ଜାମିନ୍

କଟକ,(ସବ୍ୟୁ): ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଆଇଏଏସ୍ ଧୀମନ ଚକ୍‌ମାଙ୍କୁ ହାଇକୋର୍ଟରୁ ଆଜି ଜାମିନ ମିଳିଛି। ୫ଲକ୍ଷ ଟଙ୍କା ଏବଂ ଦୁଇ ଜଣ ଜାମିନଦାରଙ୍କ ବଦଳରେ ସେ ସେ ଜେଲରୁ ବାହାରିବେ ବୋଲି ହାଇକୋର୍ଟ ସର୍ତ୍ତ ଧାର୍ଯ୍ୟ କରିଛନ୍ତି । ଏଥିସହ ନିମ୍ନ ଅଦାଲତ ଯାହା ଚାହିଁବେ ସର୍ତ୍ତ ଧାର୍ଯ୍ୟ କରିପାରିବେ ବୋଲି ହାଇକୋର୍ଟ ଆଦେଶରେ କହିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଆଜି ଜାମିନ୍ ପ୍ରଦାନ କରିବା ଅବସରରେ ଏହା କହିଛନ୍ତି। ୨୦୨୧ ବ୍ୟାଚ୍‌ର ଆଇଏଏସ ଧୀମନ ଚକମା ୨୦୨୪ ଜାନୁଆରୀରୁ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେହି ସମୟରେ ତାଙ୍କ ସରକାରୀ ବାସଭବନରେ ଜଣେ ବ୍ୟବସାୟୀଙ୍କଠୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଗତ ଜୁନ୍ ୬ରେ ସେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଏହି ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ଧୀମାନ ଚକମାଙ୍କୁ ନିଲମ୍ବନ ମଧ୍ୟ କରିଥିଲେ। ଏହି ମାମଲାରେ ଭିଜିଲାନ୍ସ ଚକମାଙ୍କ ଲିଙ୍କ୍‌ରେ ତ୍ରିପୁରା ଓ ହିମାଚଳ ପ୍ରଦେଶରେ ଛାନ୍‌ଭିନ୍ କରିଥିଲା। ତ୍ରିପୁରାର ଚକ୍‌ମାଙ୍କ ବାସଭବନରେ ଭିଜିଲାନ୍ସର ୩ ଜଣିଆ ଟିମ୍ ପହଞ୍ଚିଥିଲା। ହିମାଚଳ ପ୍ରଦେଶରେ ଥିବା ଶ୍ୱଶୁର ଘରେ ମଧ୍ୟ ତଲାସୀ କରିଥିଲା ଭିଜିଲାନ୍ସ । ବ୍ୟାଙ୍କ ଜମା, ନିବେଶ ଏବଂ ଅନ୍ୟାନ୍ୟ ଆର୍ଥିକ ଦଲିଲ ସଂଗ୍ରହ ଓ ଯାଞ୍ଚ ମଧ୍ଯ କରିଥିଲା ଟିମ୍ ।

## ପିଏନ୍‌ବି ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ

# ଜନ ସୁରକ୍ଷା ପରିପୂର୍ତ୍ତି ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଶେରଗଡ଼ ଓ ଆସ୍କା ଶାଖାଠାରେ ଆର୍ଥିକ ସାକ୍ଷରତା ଶିବିର ସହିତ ଜନ ସୁରକ୍ଷା ପରିପୂର୍ତ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶେରଗଡ଼ ଶାଖାର ବାରୁମଣ୍ଡଳୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପରମାନନ୍ଦ ଗ୍ରାମ ଏବଂ ଆସ୍କା ଶାଖାର ବାରଗାମ ଗ୍ରାମ ପଞ୍ଚାୟତଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଶେରଗଡଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପିଏମ୍‌ଜେଡିୱାଇର ୧୦ଟି, ପିଏମ୍ଏସ୍‌ବିୱାଇର ୧୩ଟି, ପିଏମ୍‌ଜେଜେବିୱାଇର ୯ଟି,ଏପିୱାଇର ୨ଟି ଲିଡ୍ ମିଳିଥିଲା। ଏଥିରେ ପିଏନ୍‌ବି ଶେରଗଡ ଶାଖାର ଶାଖା



ମୁଖ୍ୟ ଯୋଗ ଦେଇଥିଲେ। ସେହିପରି ଆସ୍କା ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଏମ୍‌ଜେଡିୱାଇର ୧୬ଟି, ପିଏମ୍ଏସ୍‌ବିୱାଇର ୧୦ଟି, ପିଏମ୍‌ଜେଜେବିୱାଇର ୧୧ଟି ଲିଡ୍ ମିଳିଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉଭୟ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ଏଫ୍ଏଲସି ସଂଯୋଜକ, ବ୍ଲକ ଅଧିକାରୀ, ଲିଡ୍ ବ୍ୟାଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ୫୦ରୁଉର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ ।

## ଝାରସୁଗୁଡ଼ାରେ ଟାଟା ହିଟାଚିର ସିନରାଇ ପ୍ରାଇମ ସିଇଭି ୫ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଟାଟା ହିଟାଚି ପକ୍ଷରୁ ସିନରାଇ ପ୍ରାଇମ ସିଇଭି ୫ର ଶୁଭାରମ୍ଭ କରାଯାଇଛି। ଏହା ଏକ ନେକ୍ସଟ-ଜେନେରେଶନ ବ୍ୟାକ୍‌ହୋ ଲୋଡର ଯାହାକୁ ବିଶ୍ୱାସ, ଭରସାଯୋଗ୍ୟତା ଏବଂ ପ୍ରଦର୍ଶନକୁ ନୂଆ ରୂପ ଦେବା ପାଇଁ ଡିଜାଇନ କରାଯାଇଛି। ୨୩ ଜୁଲାଇରେ ଓଡ଼ିଶାର ଝାରସୁଗୁଡ଼ାର ବେହେରାମାଲସ୍ଥିତ ବିଷ୍ଣୁ ପ୍ୟାଲେସରେ ସମ୍ମାନିତ ଗ୍ରାହକ, ଟାଟା ହିଟାଚି ଏବଂ ତ୍ରିଶୁଲ ଟ୍ରେଡ୍ ପ୍ରାଇଭେଟ୍ ଲିମିଟେଡ୍ (ଅଧିକୃତ ଡିଲର ପାର୍ଟନର)ର ବରିଷ୍ଠ ପରିଚାଳନା ଅଧିକାରୀଙ୍କ ଉପସ୍ଥିତିରେ ଏହି ଶୁଭାରମ୍ଭ କରାଯାଇଥିଲା। ସିନ୍‌ରାଇ ପ୍ରାଇମ କମ୍ ଆରପିଏମରେ ଚମତ୍କାର ଇନ୍ଧନ ଦକ୍ଷତା ଓ ଉଚ୍ଚ ଟର୍କ ପ୍ରଦାନ କରିଥାଏ ଏବଂ ନିର୍ଗମନ ହ୍ରାସ କରିଥାଏ କାରଣ ଏହା ନୂଆ ସିଇଭି ୫ ନିୟମଗୁଡ଼ିକୁ ଅନୁପାଳନ କରୁଛି। ହାଇ-ଗ୍ରେଡ ଷ୍ଟିଲ ଓ ରୋବୋଟିକ ୱେଲ୍ଡିଙ୍ଗ ସହ ନିର୍ମିତ ଏହାର ଢାଂଚାକୁ ସ୍ଥାୟିତ୍ୱ ଓ ଜଟିଳ କାର୍ଯ୍ୟ ସ୍ଥିତି ପାଇଁ ନିର୍ମାଣ କରାଯାଇଛି। ସିନରାଇ ପ୍ରାଇମ ସିଇଭି ୫ରେ ନିର୍ଭରଯୋଗ୍ୟ ଓ ଶକ୍ତିଶାଳୀ ଜାପାନିଜ ଇଞ୍ଜିନ, ଉନ୍ନତ ହାଇଡ୍ରୋଲିକ ସିଷ୍ଟମ, ଶ୍ରେଣୀର ଦୀର୍ଘତମ ୨.୪୭ଏମ ବ୍ୟାକ୍‌ହୋ ବୁମ, ଇନ୍‌ସାଇଟ ଟେଲିମାଟିକ୍ସ, ଆର୍‌ଓପିଏସ / ଏଫଓପିଏସ କ୍ୟାବିନ ଭଳି ଅପରେଟରଙ୍କ ପାଇଁ ଅତିରିକ୍ତ ସୁରକ୍ଷା ଫିଚର ଆଦି ରହିଛି।

# ଜିନ୍ଦଲ ଫାଉଣ୍ଡେସନର ଦୁଇ ଜଣ ଉଶୁ ଚାମ୍ପିଅନ ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରର ରାଜଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ ପାଟି ଜିନ୍ଦଲ ଫାଉଣ୍ଡେସନ ଉଶୁ ତାଲିମ କାର୍ଯ୍ୟକ୍ରମର ଦୁଇ ଯୁବ ଖେଳାଳି - ପ୍ରେମ ମୁଣ୍ଡା ଏବଂ ରାଜକୁମାର ମୁଣ୍ଡାଙ୍କୁ ସମ୍ମାନିତ କରିଛନ୍ତି । ଏହି ଯୁବ ଖେଳାଳିମାନେ ସମ୍ପ୍ରତି ଋଷର ମସ୍କୋରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଉଶୁ ଚାମ୍ପିଅନସିପରେ ଭାରତକୁ ପ୍ରତିନିଧିତ୍ୱ କରି ପୁରୁଷ ୪୮ କିଲୋଗ୍ରାମ ଏବଂ ୫୨ କିଲୋଗ୍ରାମରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ଉଭୟ ରାଜକୁମାର ଏବଂ ପ୍ରେମ ବଡବିଲର ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲରେ ରହୁଛନ୍ତି । ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ସେମାନଙ୍କୁ ପ୍ରତିଦିନ କ୍ରୀଡ଼ା ପ୍ରଶିକ୍ଷଣ, ଖାଦ୍ୟ, ପୋଷାକ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଛି - ଯାହା ଜଣେ କ୍ରୀଡ଼ାବିତଙ୍କ ପାଇଁ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ପ୍ରତିଯୋଗିତା ପାଇଁ ଆବଶ୍ୟକ। ରାଜ୍ୟପାଳଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି, ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଥିଲେ, "ଏହା ଆମ ସମସ୍ତଙ୍କ ପାଇଁ ଏକ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ। ବଡବିଲର



ଏହି ଯୁବକମାନେ କେବଳ କ୍ରୀଡାରେ ଉତ୍କର୍ଷତା ପ୍ରଦର୍ଶନ କରିନାହାଁନ୍ତି ବରଂ ପ୍ରମାଣ କରିଛନ୍ତି ଯେ ସଠିକ୍ ସମର୍ଥନ ମିଳିଲେ ତୃଣମୂଳ ସ୍ତରର ପ୍ରତିଭା ମଧ୍ୟ ବିଶ୍ୱ ସ୍ତରରେ ଚମକି ଉଠିପାରିବ । ଏହା ସହିତ, ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ଗ୍ରୁପ ହେଡ (ସିଏସଆର) ପ୍ରଶାନ୍ତ ହୋତା କହିଥିଲେ ଯେ, "ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ଏବଂ ସାଂସଦ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ କାର୍ଯ୍ୟକାରୀ ହେଉଥିବା ଉଶୁ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଜୀବନକୁ ପରିବର୍ତ୍ତନ କରିବା ଏବଂ ଯୁବକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଶୃଙ୍ଖଳା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକତା ସୃଷ୍ଟି କରିବା।

# ମୋଦୀଙ୍କ ଗୁରୁତ୍ୱପୂର୍ଣ୍ଣ ମାଳଦ୍ୱୀପ ଗସ୍ତ



ନୂଆଦିଲ୍ଲୀ: ଆଜିଠାରୁ ଦୁଇ ଦିନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଳଦ୍ୱୀପ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ନଭେମ୍ବର ୨୦୨୩ରେ ଡକଟର ମହମ୍ମଦ ମୁଇଜ୍ଜୁ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀଙ୍କର ଏହା ମାଳଦ୍ୱୀପକୁ ପ୍ରଥମ ସରକାରୀ ଗସ୍ତ ହେବ । ରାଷ୍ଟ୍ରପତି ଡକଟର ମୁଇଜ୍ଜୁ ତାଙ୍କ ରାଷ୍ଟ୍ରପତିତ୍ୱ ସମୟରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଥମ ରାଷ୍ଟ୍ର/ ସରକାର ମୁଖ୍ୟ ଭାବେ ମାଳଦ୍ୱୀପ ଗସ୍ତ କରିବା ପାଇଁ ନିମନ୍ତ୍ରଣ କରିଥିଲେ । ସେ ୨୬ ଜୁଲାଇ ୨୦୨୫ରେ ମାଳଦ୍ୱୀପ ସ୍ୱାଧୀନତାର ୬୦ତମ ବାର୍ଷିକୀ ପାଳନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ "ସମ୍ମାନିତ ଅତିଥି' ଭାବରେ ନିମନ୍ତ୍ରଣ କରିଛନ୍ତ । ୨୦୨୫ରେ ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୬୦ ବର୍ଷ ପୂରଣ ମଧ୍ୟ ହେଉଛି । ଉଭୟ ନେତା ବର୍ତ୍ତମାନସୁଦ୍ଧା ପରସ୍ପରକୁ ତିନିଥର ସାକ୍ଷାତ କରିଛନ୍ତି । ଡିସେମ୍ବର ୨୦୨୩ରେ ଦୁବାଇରେ କପ୍ ୨୮ ଅବସରରେ, ଜୁନ ୨୦୨୪ରେ କେନ୍ଦ୍ର ସରକାରଙ୍କ ଶପଥ ଗ୍ରହଣ ସମାରୋହ ସମୟରେ ଏବଂ ଅକ୍ଟୋବର ୨୦୨୪ରେ ରାଷ୍ଟ୍ରପତି ଡକଟର ମହମ୍ମଦ ମୁଇଜ୍ଜୁଙ୍କ ଭାରତ ଗସ୍ତ ସମୟରେ, ଅକ୍ଟୋବର ୨୦୨୪ରେ ରାଷ୍ଟ୍ରପତି ଡକଟର ମହମ୍ମଦ ମୁଇଜ୍ଜୁଙ୍କ ଭାରତ ଗସ୍ତ ସମୟରେ, ଭାରତ ଏବଂ ମାଳଦ୍ୱୀପ ଏକ ବ୍ୟାପକ ଆର୍ଥିକ ଏବଂ ସାମୁଦ୍ରିକ ସୁରକ୍ଷା ସହଭାଗୀତା ପାଇଁ ଏକ ମିଳିତ ସଂକଳ୍ପକୁ ନେଇ ସହମତ ହୋଇଥିଲେ । ଏହି ଗସ୍ତ ସମୟରେ ପିଡିଏମ ପ୍ରତିରକ୍ଷା ଏବଂ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଭାରତକୁ ମାଳଦ୍ୱୀପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବରେ ପୁନଃପ୍ରତିଷ୍ଠା କରିଥିଲା । ଏହି ମିଳିତ ସଂକଳ୍ପର କାର୍ଯ୍ୟକାରିତା ଦିଗରେ ଅଗ୍ରଗତି ତଦାରଖ କରିବା ପାଇଁ ଏକ ଉଚ୍ଚ-ସ୍ତରୀୟ କୋର ଗ୍ରୁପ୍ ଗଠନ କରାଯାଇଛି । ଏହି ଗ୍ରୁପ୍ ଜାନୁଆରୀ ଏବଂ ମେ ୨୦୨୫ରେ ଯଥାକ୍ରମେ ମାଲେ ଏବଂ ଦିଲ୍ଲୀରେ ଦୁଇଥର ବୈଠକ କରିଛି ।

ମାଳଦ୍ୱୀପରୁ ଭାରତକୁ ନିୟମିତ ରାଜନୈତିକ ଗସ୍ତ ହୋଇଛି ।ବିଶେଷକରି ୨୦୨୫ରେ ଅର୍ଥ, ବୈଦେଶିକ, ପ୍ରତିରକ୍ଷା, ପରିବେଶ, ସୂଚନା ଓ କଳା, ସ୍ୱାସ୍ଥ୍ୟ ଆଦି ବିଭାଗର ମନ୍ତ୍ରୀ ଏବଂ ମାଳଦ୍ୱୀପ ମଜଲିସର ବାଚସ୍ପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳ ଭାରତ ଗସ୍ତ କରିଥିଲା । ଭାରତରୁ, ବିଦେଶ ମନ୍ତ୍ରୀ ଅଗଷ୍ଟ ୨୦୨୪ରେ ମାଳଦ୍ୱୀପ ଗସ୍ତ କରିଥିଲେ ।ଲାଇନ୍ ଅଫ୍ କ୍ରେଡିଟ୍, ଅନୁଦାନ, କ୍ରେତାଙ୍କ ଋଣ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ମାଳଦ୍ୱୀପ ପାଇଁ ଭାରତ ସର୍ବବୃହତ ବିକାଶ ସହଯୋଗୀ ମଧ୍ୟରୁ ଅନ୍ୟତମ । ୨୦୨୪ରେ ୪୦୦ ନିୟୁତ ଆମେରିକୀୟ ଡଲାର ୩,୦୦୦ କୋଟି ଟଙ୍କାର ମୁଦ୍ରା ବିନିମୟ, ୧୦୦ ନିୟୁତ ଡଲାର ଟ୍ରେଜେରୀ ବିଲ ଉପରେ ସୁଧଛାଡ଼ ରୋଲ୍ ଓଭର୍ ଆଜି ମାଧ୍ୟମରେ ଜରୁରୀକାଳୀନ ଆର୍ଥିକ ସହାୟତା ପ୍ରଦାନ କରିଛି । ୨୦୨୫ରେ ଭାରତ ଏବଂ ମାଳଦ୍ୱୀପ ଏଚଆଇସିଡିପିର ତୃତୀୟ ପର୍ଯ୍ୟାୟ ଅଧୀନରେ ମାଳଦ୍ୱୀପରେ ନୌକା ସେବାର ସମ୍ପ୍ରସାରଣ ଉପରେ ୧୩ଟି ରାଜିନାମାରେ ସ୍ୱାକ୍ଷର କରିଥିଲା । ଏଥିରେ ୧୦୦ ନିୟୁତ ଏମଭିଆରର ଅନୁଦାନ ସହାୟତା ସାମିଲ ରହିଛି ।

ଭାରତ ମଧ୍ୟ ମାଳଦ୍ୱୀପର ସବୁଠୁ ବଡ଼ ବ୍ୟବସାୟିକ ସହଯୋଗୀମାନଙ୍କ ମଧ୍ୟରୁ ଅନ୍ୟତମ । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ପରିମାଣ ୫୪୮ ନିୟୁତ ଆମେରିକୀୟ ଡଲାରରୁ ଅଧିକ । ଭାରତୀୟମାନେ ମାଳଦ୍ୱୀପକୁ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଏବଂ ଅନୁକୂଳ ନିବେଶ ସ୍ଥଳୀ ଭାବେ ବିବେଚନା କରିଆସିଛନ୍ତି । ଭାରତର ଅନେକ ପ୍ରମୁଖ ବ୍ୟବସାୟୀ ପର୍ଯ୍ୟଟନ କ୍ଷେତ୍ର ଏବଂ ଅନ୍ୟାନ୍ୟ ଆର୍ଥିକ କାର୍ଯ୍ୟକଳାପରେ ନିବେଶ କରିଛନ୍ତି ।ଦୁଇ ଦେଶର ସେନାବାହିନୀ ମଧ୍ୟରେ ନିୟମିତ ଅଭ୍ୟାସ, ସାମରିକ ଶକ୍ତି ଦୃଢ଼ୀକରଣ, ଉପକରଣ, ବିମାନ ଚଳାଚଳ ସମ୍ପତ୍ତି ଏବଂ ଜାହାଜର ଯୋଗାଣ ଓ ରକ୍ଷଣାବେକ୍ଷଣ ସହିତ ସେମାନଙ୍କର ସାମରିକ ବାହିନୀର ତାଲିମ ଜରିଆରେ ଏକ ଦୃଢ଼ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ ରହିଆସିଛି । କଲମ୍ବୋ ସୁରକ୍ଷା ସମ୍ମିଳନୀ ସମେତ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ମଞ୍ଚରେ ଦୁଇ ଦେଶ ମଧ୍ୟରେ ଘନିଷ୍ଠ ସହଯୋଗ ରହିଛି ଛଆଗାମୀ ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ମାଳଦ୍ୱୀପର ନେତୃବର୍ଗଙ୍କୁ ଭେଟି ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଦୁଇ ନେତା "ବ୍ୟାପକ ଆର୍ଥିକ ଏବଂ ସୁରକ୍ଷା ସାମୁଦ୍ରିକ ସହଭାଗୀତା'ର ମିଳିତ ସଂକଳ୍ପରେ ହୋଇଥିବା ପ୍ରଗତି ବିଷୟରେ ମଧ୍ୟ ସମୀକ୍ଷା କରିବେ ।ଏହି ଗସ୍ତରେ ଦ୍ୱିପାକ୍ଷିକ ସହଯୋଗ କ୍ଷେତ୍ରରେ ବୁଝାମଣାପତ୍ର/ଚୁକ୍ତି ସ୍ୱାକ୍ଷର ଏବଂ ଭାରତ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶ ସହଯୋଗ ପ୍ରକଳ୍ପ ଓ ପଦକ୍ଷେପର ଉଦଘାଟନ/ହସ୍ତାନ୍ତର ମଧ୍ୟ ହେବ । ପ୍ରଧାନମନ୍ତ୍ରୀଙ୍କ ମାଳଦ୍ୱୀପ ଗସ୍ତ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ଗତି ଦେବ ବୋଲି ଆଶା କରାଯାଉଛି । ମାଳଦ୍ୱୀପ ହେଉଛି ଭାରତର ପ୍ରମୁଖ ସାମୁଦ୍ରିକ ପଡ଼ୋଶୀ ଏବଂ ଭାରତର "ପଡ଼ୋଶୀ ପ୍ରଥମ' ନୀତି ଏବଂ ଦୃଷ୍ଟିକୋଣ ମହାସାଗରରେ ଏକ ବିଶେଷ ସ୍ଥାନ ଅଧିକାର କରିଛି ।

# କାମ୍ବୋଡିଆ -ଥାଇଲାଣ୍ଡ ମୁହାଁମୁହିଁ

## ରକେଟ୍ ମାଡ ପରେ ଏୟାର ଷ୍ଟ୍ରାଇକ୍

ବ୍ୟାଙ୍କକ୍ :ୟୁକ୍ରେନ-ରୁଷ, ମଧ୍ୟପୂର୍ବରେ ସଂଘର୍ଷ ଜାରି ରହିଥିବାବେଳେ ବିଶ୍ୱର ଆଉ ଏକ ଅଂଚଳରେ ଯୁଦ୍ଧ ଆରମ୍ଭ ହୋଇଯାଇଛି । ତାହା ହେଉଛି ଦକ୍ଷିଣ-ପୂର୍ବ ଏସିଆ । ବିଗତ କିଛି ଦିନ ହେଲା କାମ୍ବୋଡିଆ ଓ ଥାଇଲାଣ୍ଡ ମଧ୍ୟରେ ଚାଲିଆସିଥିବା ଉତ୍ତେଜନା ଶେଷରେ ଏକ ସଂଘର୍ଷର ରୂପ ନେଇଛି । କାମ୍ବୋଡିଆ ପକ୍ଷରୁ ଥାଇଲାଣ୍ଡ ଉପରେ ରକେଟ ମାଡ଼ କରାଯିବା ପରେ ତାହାର ଜବାବରେ ଥାଇ ବାୟୁସେନା ପକ୍ଷରୁ ଏୟାର ଷ୍ଟ୍ରାଇକ୍ କରାଯାଇଛି । ଏହି ଏୟାର ଷ୍ଟ୍ରାଇକରେ ଥାଇ ବାୟୁସେନା ପକ୍ଷରୁ ଏଫ-୧୬ ଲଢୁଆ ବିମାନ ବ୍ୟବହାର କରାଯାଇଛି । କାମ୍ବୋଡିଆ ପକ୍ଷରୁ ଥାଇଲାଣ୍ଡ ଉପରେ ରକେଟ ମାଡ଼ କରାଯିବା ପରେ ତାହାର ଜବାବରେ ଥାଇ ବାୟୁସେନା ପକ୍ଷରୁ ଏୟାର



ଷ୍ଟ୍ରାଇକ୍ କରାଯାଇଛି । ଏହି ଏୟାର ଷ୍ଟ୍ରାଇକରେ ଥାଇ ବାୟୁସେନା ପକ୍ଷରୁ ଏଫ-୧୬ ଲଢୁଆ ବିମାନ ବ୍ୟବହାର କରାଯାଇଛି । ସୀମାରେ ଉଭୟ ଦେଶର ସେନା ଏବେ ମୁହାଁମୁହିଁ ସ୍ଥିତିରେ ଅଛନ୍ତି ଓ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ଉଭୟ ପକ୍ଷର ଗୁଳିମାଡ଼ ଏବଂ ରକେଟ ଆକ୍ରମଣରେ ୯ ରୁ ଅଧିକ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି । ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ସୀମା ବିବାଦ ହିଂସାତ୍ମକ ରୂପ ନେବା ଏହା ପ୍ରଥମ ଥର ନୁହେଁ । କିନ୍ତୁ ଏଥର ମାମଲାଟି ଅଧିକ ଗମ୍ଭୀର ହେଉଥିବା ପରି ମନେ ହେଉଛି । କାରଣ ଉଭୟ ପକ୍ଷର ସେନା ପୂର୍ଣ୍ଣ ବଳ ସହିତ ସାମ୍ନାରେ ଅଛନ୍ତି ।ଉଭୟ ଦେଶର ସୀମାରେ ଥିବା ଏକ ପ୍ରାଚୀନ ଶିବ ମନ୍ଦିର "ପ୍ରସାତ ତା ମୁଏନ ଥୋମ'କୁ ନେଇ ବିବାଦ ରହିଛି । ଏହି ବିବାଦ ଏବେ ଏକ ଯୁଦ୍ଧର ରୂପ ନେଇଛି ।



ଜାତୀୟ ସମବାୟ ନୀତି ୨୦୨୫କୁ ଉନ୍ମୋଚନ କରୁଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ

# ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୋଦୀ

ଲଣ୍ଡନ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିଟେନ୍‌କୁ ତାଙ୍କର ସରକାରୀ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ସାର କିର ଷ୍ଟାରମରଙ୍କୁ ଭେଟିଛନ୍ତି । ଦୁଇ ନେତା ଦ୍ୱିପାକ୍ଷୀକ ବୈଠକ କରିବା ସହିତ ପ୍ରତିନିଧି ମଣ୍ଡଳୀସ୍ତରୀୟ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ଭାରତ ଏବଂ ବ୍ରିଟେନ୍ ଏକାଠି ଏକ ନୂତନ ଇତିହାସର ମୂଳଦୁଆ ସ୍ଥାପନ କରୁଛନ୍ତି ।ଏହି ଏକ ବର୍ଷରେ ଆମେ ତୃତୀୟ ଥର ପାଇଁ ସାକ୍ଷାତ କରିବାର ସୁଯୋଗ ପାଇଛୁ । ଏହାକୁ ମୁଁ ନିଜେ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରେ । ଉଭୟ ଯୁକ୍ତରାଜ୍ୟ ଏବଂ ଭାରତ, ଦେଖିବାକୁ ଗଲେ ଏକ ପ୍ରକାର ସ୍ୱାଭାବିକ ଅଂଶୀଦାର । ଆଜି ଆମର ସମ୍ପର୍କର ଏକ ଐତିହାସିକ ଦିନ । ଆଜି ଆମର ଉଭୟ ଦେଶ ମିଳିତ ଭାବରେ ଏକ ପାରସ୍ପରିକ ଲାଭଦାୟକ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ଏବଂ ଡବଲ୍ କଣ୍ଟ୍ରିବ୍ୟୁସନ୍ କନଭେନସନ୍ ସମ୍ପନ୍ନ କରିବାକୁ ଯାଉଛନ୍ତି । ଏହା ଭାରତ ଏବଂ ଯୁକ୍ତରାଜ୍ୟର ଭବିଷ୍ୟତ ପିଢ଼ି ପାଇଁ ଏକ ବହୁତ ଦୃଢ଼ ପଥ ପ୍ରସ୍ତୁତ କରୁଛି । ଏହା ବାଣିଜ୍ୟ ଏବଂ ଶିଳ୍ପ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡୁଛି । ମୁଁ ବିଶ୍ୱାସ କରେ ଏହା ଦ୍ୱାରା ଆମର କୃଷକ, ଆମର ଏମଏସଏମଇ ଓ ଯୁବପିଢ଼ି ପାଇଁ ଅନେକ ନୂତନ ସୁଯୋଗ ସୃଷ୍ଟି ହେବଛ କେବଳ ଏତିକି ନୁହେଁ, ଏକବିଂଶ ଶତାବ୍ଦୀ ହେଉଛି ପ୍ରଯୁକ୍ତିବିଦ୍ୟା ଆଧାରିତ ଶତାବ୍ଦୀଛ ଏପରି ପରିସ୍ଥିତିରେ, ଭାରତ ଏବଂ ଯୁକ୍ତରାଜ୍ୟର ଯୁବପିଢ଼ି, ବିଶେଷ କରି



ଦକ୍ଷ ଯୁବଗୋଷ୍ଠୀ, ଏକ ନୂତନ ବିଶ୍ୱ ନିର୍ମାଣରେ ଏକ ବିରାଟ ଯୋଗଦାନ ଦେବେ । ଏକବିଂଶ ଶତାବ୍ଦୀର ପ୍ରଯୁକ୍ତିବିଦ୍ୟା ପ୍ରତିଦିନ ନୂତନ ଉଦ୍ଭାବନ ଆଶା କରେଛ ଯେତେବେଳେ ଯୁକ୍ତରାଜ୍ୟ ଏବଂ ଭାରତର ଦକ୍ଷ ଯୁବପିଢ଼ିଙ୍କ ବୁଦ୍ଧି, ସେମାନଙ୍କର ଦକ୍ଷତା ଏକାଠି ହୋଇଯିବ, ଏହା ବିଶ୍ୱ ପାଇଁ ବିକାଶର ଏକ ବଡ଼ ଗ୍ୟାରେଣ୍ଟି ପ୍ରଦାନ କରିବ । ଏହା ନିଯୁକ୍ତି ବୃଦ୍ଧି କରିବ, ବିକାଶକୁ ସୁଦୃଢ଼ କରିବ ଏବଂ ମୁଁ ବିଶ୍ୱାସ କରେ ଯେ 'ଭିଜନ ୨୦୩୫' ପାଇଁ ଆମର ବ୍ୟାପକ ରଣନୈତିକ ସହଭାଗୀତା ନୂତନ ଗତି, ନୂତନ ଶକ୍ତି ପାଇବ । ପୁଣି ଥରେ, ମୁଁ ଆପଣଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି । ଏହି ସୁନ୍ଦର ଆରମ୍ଭରେ ଭାରତ ଏବଂ ଯୁକ୍ତରାଜ୍ୟ ମଧ୍ୟରେ ସହଭାଗୀତାକୁ ସୁଦୃଢ଼ କରିବାରେ ଆପଣଙ୍କର ବହୁତ ବଡ଼ ଭୂମିକା ଅଛି । ମୁଁ ଆପଣଙ୍କୁ ବହୁତ ବହୁତ ଅଭିନନ୍ଦନ ଜଣାଉଛି ।

# ଶପଥ ନେଲେ କମଲ ହାସନ



ନୂଆଦିଲ୍ଲୀ: ଅଭିନେତାରୁ ରାଜନେତା ପାଲଟିଥିବା ଏବଂ ମକ୍କାଲ ନିଧି ମୈୟମ (ଏମଏନଏମ) ମୁଖ୍ୟ କମଲ ହାସନ ଗୁରୁବାର ରାଜ୍ୟସଭା ସଦସ୍ୟ ଭାବରେ ଶପଥ ନେଇଛନ୍ତି । କମଲ ହାସନଙ୍କ ଦଳ ୨୦୧୯ ଲୋକସଭା ନିର୍ବାଚନରେ ପ୍ରାୟ ୪ ପ୍ରତିଶତ ଭୋଟ ପାଇଥିଲା ଏବଂ ୨୦୨୧ ତାମିଲନାଡୁ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିଲା । ଏହି ନିର୍ବାଚନରେ ସେ କୋଏମ୍ବାଟୁର ଦକ୍ଷିଣ ଆସନରୁ ବିଜେପି ବନଥୀ ଶ୍ରୀନିବାସନଙ୍କଠାରୁ ଅଳ୍ପ ବ୍ୟବଧାନରେ ପରାସ୍ତ ହୋଇଥିଲେ । ଏହା ପରେ ଏମଏନଏମ ୨୦୨୪ ଲୋକସଭା ନିର୍ବାଚନରୁ ଦୂରେଇ ରହିବା ସହ ଶାସକ ଡିଏମକେକୁ ସମର୍ଥନ କରିଥିଲା ।ଏହି ସମର୍ଥନ ଆଜି କମଲଙ୍କୁ ରାଜ୍ୟସଭାରେ ପହଞ୍ଚାଇଛି ।

## ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ଘଟଣା

# ଅଭିଯୁକ୍ତଙ୍କ ଖଲାସ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ୨୦୦୬ ମୁମ୍ବାଇ ଟ୍ରେନ୍ ବୋମା ବିସ୍ଫୋରଣ ମାମଲାରେ ସମସ୍ତ ୧୨ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ ବମ୍ବେ ହାଇକୋର୍ଟ । ଆଜି ଏହି ରାୟ ଉପରେ ଗୁରୁବାର ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି । ବିଚାରପତି ଏମ୍ ଏମ୍ ସୁନ୍ଦରେଶ ଏବଂ ଏନ୍ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି । ଏନେଇ ଘଟଣାର ସମସ୍ତ ଅଭିଯୁକ୍ତଙ୍କୁ ନୋଟିସ୍ ଜାରି କରାଯାଇଛି । ରାୟ ଉପରେ ରୋକ୍ ଲଗାଯାଇଥିଲେ ବି କୋର୍ଟ ଅଭିଯୁକ୍ତଙ୍କୁ ଜେଲରୁ ମୁକ୍ତ କରିବା ଉପରେ ରୋକ ଲଗାଇ ନାହାଁନ୍ତି । ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ଏକ ଆବେଦନର ଶୁଣାଣି କରୁଥିବା ସମୟରେ ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି । ୧୧ ଜୁଲାଇ ୨୦୦୬ ସନ୍ଧ୍ୟାରେ, ମୁମ୍ବାଇ ଲୋକାଲ୍ ଟ୍ରେନରେ ମାତ୍ର ୧୧ମିନିଟ୍ ମଧ୍ୟରେ ସାତଟି ଭିନ୍ନ ଭିନ୍ନ ସ୍ଥାନରେ ବୋମା ବିସ୍ଫୋରଣ ଘଟିଥିଲା ।ଏହି ବିସ୍ଫୋରଣରେ ୧୮୯ଜଣ ପ୍ରାଣ ହରାଇଥିଲେ । ଏହା ସହ ୮୨୭ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ ।ଉଲ୍ଲେଖଯୋଗ୍ୟ, ୧୧ ଜୁଲାଇ, ୨୦୦୬ରେ ମୁମ୍ବାଇ ଲୋକାଲ୍ ଟେନରେ ହୋଇଥିବା ସିରିଜ୍ ବିସ୍ଫୋରଣ ମାମଲାରେ ବମ୍ବେ ହାଇକୋର୍ଟର ଏହି ନିଷ୍ପତ୍ତି ୧୯ ବର୍ଷ ପରେ ଆସିଥିଲା । ବିଚାରପତି ଅନିଲ କିଲୋର ଏବଂ ବିଚାରପତି ଏସ୍ ଚନ୍ଦକଙ୍କ ଖଣ୍ଡପୀଠ ଏହି ଐତିହାସିକ ରାୟରେ କହିଥିଲେ ଯେ, ଯାହାବି ପ୍ରମାଣ ଉପସ୍ଥାପନ କରାଯାଇଥିଲା, ସେଥିରେ କୌଣସି ଦୃଢ଼ ତଥ୍ୟ ନଥିଲା । ପ୍ରମାଣ ବିଶ୍ୱାସଯୋଗ୍ୟ ନଥିବାରୁ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛିଛ ।ମାମଲାର ଶୁଣାଣି ଜାନୁଆରି ୨୦୨୫ରେ ସମାପ୍ତ ହୋଇଥିଲା । ସେବେଠାରୁ କୋର୍ଟ ରାୟ ସଂରକ୍ଷିତ ରଖିଥିଲେ । ୟେରଓ୍ୱାଡା, ନାସିକ, ଅମରାବତୀ ଏବଂ ନାଗପୁର ଜେଲରେ ବନ୍ଦୀ ଥିବା ଅଭିଯୁକ୍ତମାନଙ୍କୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋର୍ଟରେ ହାଜର କରାଯାଇଥିଲା । ହାଇକୋର୍ଟ କେବଳ ଦୋଷୀଙ୍କ ଆବେଦନକୁ ଗ୍ରହଣ କରିନଥିଲେ, ବରଂ ମୃତ୍ୟୁଦଣ୍ଡ ନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ମଧ୍ୟ ଖାରଜ କରିଦେଇଥିଲେ ।

## କନ୍ନଡ ଅଭିନେତାଙ୍କ ଜାମିନକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ: ରେଣୁକାସ୍ୱାମୀ ହତ୍ୟା ମାମଲାରେ କନ୍ନଡ ଅଭିନେତା ଦର୍ଶନ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ କର୍ଣ୍ଣାଟକ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି । ରେଣୁକାସ୍ୱାମୀଙ୍କୁ ଅପହରଣ କରି ନିର୍ଯାତନା ଦେବାପରେ ହତ୍ୟା କରିବା ଅଭିଯୋଗରେ ଦର୍ଶନଙ୍କୁ ଗତ ଜୁନ୍ ମାସରେ ଗିରଫ କରାଯାଇଥିଲା । ଜୁଲାଇ ୨୪ରେ ଦର୍ଶନଙ୍କ ହତ୍ୟା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଥିଲେ । ଆଜି ଶୁଣାଣି ସମୟରେ ବିଚାରପତି ଜେବି ପାରଦିୱାଲା ଏବଂ ବିଚାରପତି ଆର ମହାଦେବନଙ୍କ ଖଣ୍ଡପୀଠ କହିଥିଲେ ଯେ ସେମାନେ ହାଇକୋର୍ଟ ପରି ଭୁଲ କରିବେ ନାହିଁ । ପ୍ରଥମେ ଆମେ ତଦନ୍ତ କରିବୁ ଏବଂ ପରେ ରାୟ ପ୍ରକାଶ କରିବୁ । ଉଚ୍ଚ ନ୍ୟାୟାଳୟ ଯେଉଁଭଳି ରାୟ ଦେଇଛନ୍ତି ତାହା ଅତ୍ୟନ୍ତ ଦୁଃଖଦ ।ରେଣୁକାସ୍ୱାମୀ ହତ୍ୟା ମାମଲାରେ ହାଇକୋର୍ଟ ଅଭିଯୁକ୍ତକୁ ଦେଇଥିବା ନିର୍ଦ୍ଦେଶ ନ୍ୟାୟିକ କ୍ଷମତାର ବିକୃତ ବ୍ୟବହାର ପରି ମନେ ହେଉଛି ।

## ୪ ଅଲକାଏଦା ଆତଙ୍କୀ ଗିରଫ

ନୂଆଦିଲ୍ଲୀ : ଗୁଜରାଟ ଏଟିଏସ ଦ୍ୱାରା ବୁଧବାର ଗିରଫ ହୋଇଥିବା ୪ ଅଲକାଏଦା ଆତଙ୍କବାଦୀଙ୍କ ବିରୋଧରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ଏମାନେ ମେ' ମାସରେ ଭାରତୀୟ ସେନା କରିଥିବା ଅପରେସନ ସିନ୍ଦୂର ବେଳେ ପାକିସ୍ତାନ ଆର୍ମି ଓ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇ ସହ ନିୟମିତ ଯୋଗାଯୋଗରେ ରହିଥିଲେ ।

## ଜଷ୍ଟିସ୍ ବର୍ମାଙ୍କ ଆବେଦନ ଶୁଣାଣି : ସ୍ୱତନ୍ତ୍ର ବେଞ୍ଚ୍ ଗଠନ

ନୂଆଦିଲ୍ଲୀ: ବାସଭବନରୁ ନଗଦ ଟଙ୍କା ମିଳିବା ଘଟଣାକୁ ନେଇ ବିବାଦୀୟ ହୋଇ ପଡ଼ିଥିବା ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶବନ୍ତ ବର୍ମାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଣିବାପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । କିନ୍ତୁ ଜଷ୍ଟିସ ବର୍ମା ଏହି ପ୍ରକ୍ରିୟାକୁ ଅଟକାଇବାକୁ ଉଦ୍ୟମ କରି ତାଙ୍କୁ ଦୋଷୀ ପ୍ରମାଣିତ କରିଥିବା ଇନ୍-ହାଉସ୍ ତଦନ୍ତ ରିପୋର୍ଟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି ପାଇଁ ରାଜି ହେବା ସହ ଏଥିପାଇଁ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ ହୋଇଛି । ଅନ୍ୟପକ୍ଷରେ ପ୍ରଧାନ ବିଚାରପତି ବି ଆର୍ ଗଓ୍ୱାଇ ମାମଲାର ଶୁଣାଣିରୁ ଓହରିଯାଇଛନ୍ତି । ଜଷ୍ଟିସ ବର୍ମାଙ୍କ ପାଇଁ ଆଜି ବରିଷ୍ଠ ଓକିଲ କପିଲ ସିବଲ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ୩ ଜଣିଆ ଖଣ୍ଡପୀଠଙ୍କ ନିକଟରେ ନିବେଦନ କରିଥିଲେ । ମାମଲାରେ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପ୍ରସଙ୍ଗ ଥିବାରୁ ଏହାକୁ ତୁରନ୍ତ ଶୁଣାଣି କରିବାପାଇଁ ସିବଲ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ ।

# ଭାରତରେ ରେକର୍ଡ ନିବେଶ ଆକର୍ଷିତ କରୁଛନ୍ତି ସେମିକଣ୍ଡକ୍ଟର ଷ୍ଟାର୍ଟଅପ୍

ନୂଆଦିଲ୍ଲୀ : ଭାରତରେ ସେମିକଣ୍ଡକଟର ନିର୍ମାଣ ଇକୋସିଷ୍ଟମ ଦିନକୁ ଦିନ ମଜବୁତ ହେଉଛିଛ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ପ୍ରସ୍ତୁତି ଆଧାରିତ ପ୍ରୋତ୍ସାହନ ଯୋଜନା ଏବଂ ସିଟୁଏସ୍ ଷ୍ଟାର୍ଟଅପ୍ (ସିଟୁଏସ୍) କାର୍ଯ୍ୟକ୍ରମ ଅଧୀନରେ ସମର୍ଥିତ ଷ୍ଟାର୍ଟଅପ୍ ଗୁଡ଼ିକ ଏବେ ଗୁରୁତ୍ୱପୂର୍ଣ୍ଣ ନିବେଶ ହାସଲ କରୁଛନ୍ତି ।

ସରକାରଙ୍କ ଚିପ୍ ଡିଜାଇନ୍ ଯୋଜନା ଅଧୀନରେ ସମର୍ଥିତ ଏକ ଷ୍ଟାର୍ଟଅପ୍ ନେତ୍ରସେମିକୁ ୧୦୭ କୋଟି ଟଙ୍କାର ଭେଞ୍ଚର କ୍ୟାପିଟାଲ୍ ନିବେଶ ମିଳିଛି । କମ୍ପାନୀ ସ୍ମାର୍ଟ ଭିଜନ୍, ସିସିଟିଭି କ୍ୟାମେରା ଏବଂ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି) ଆପ୍ଲିକେସନ୍ ପାଇଁ ସିଟୁଏସ୍ ତିଆରି କରିବା ଉପରେ କାମ କରୁଛି ।

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ସ୍ୱାଗତ କରି କହିଛନ୍ତି, ""ଭାରତର ଗୁରୁତ୍ୱପୂର୍ଣ୍ଣ ନିର୍ମାଣ କ୍ଷମତା ରହିଛି । ଭାରତରେ ସେମିକଣ୍ଡକଟର ଡିଜାଇନକୁ ସମର୍ଥନ କରୁଥିବା ଇଣ୍ଡିଆ ସେମିକଣ୍ଡକଟର ମିଶନ ସହିତ ନେତ୍ରସେମିର ସଫଳତା ଅନ୍ୟ ଭାରତୀୟ ଷ୍ଟାର୍ଟଅପଗୁଡ଼ିକୁ ଉତ୍ସାହିତ କରିବ ।"

୨୦୨୨ରେ ନିର୍ମାଣ ଆଧାରିତ ପ୍ରୋତ୍ସାହନ ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଚିପ୍ ଡିଜାଇନ ବା ପ୍ରସ୍ତୁତି କରୁଥିବା ୨୨ଟି କମ୍ପାନୀର ପ୍ରକଳ୍ପଗୁଡ଼ିକୁ ୨୩୪ କୋଟି ଟଙ୍କାର ସହାୟତା ଯୋଗାଇ ଦେଇଛନ୍ତି । ଏହି ପ୍ରକଳ୍ପଗୁଡ଼ିକର ମୋଟ୍ ମୂଲ୍ୟ ହେଉଛି ୬୯୦ କୋଟି ଟଙ୍କାଛ ଏହି ଚିଂଗୁଡ଼ିକ ସିସିଟିଭି କ୍ୟାମେରା, ମୋବାଇଲ୍ ନେଟୱାର୍କ, ସାଟେଲାଇଟ୍, କାର, ସ୍ମାର୍ଟ ଡିଭାଇସ୍ ଇତ୍ୟାଦିରେ ବ୍ୟବହୃତ ହେବ । ଏହି ଷ୍ଟାର୍ଟଅପଗୁଡ଼ିକ ମିଳିତ ଭାବରେ ଭେଞ୍ଚର କ୍ୟାପିଟାଲିଷ୍ଟ ନିବେଶକଙ୍କଠାରୁ ୩୮୦ କୋଟିରୁ ଅଧିକ ଟଙ୍କାର ନିବେଶ ସଂଗ୍ରହ କରିଛନ୍ତି । ପାଞ୍ଚଟି ଷ୍ଟାର୍ଟଅପ୍ ପୂର୍ବରୁ ବିଶ୍ୱସ୍ତରୀୟ ଚିପ୍ ନିର୍ମାତାଙ୍କ ସହିତ ସେମାନଙ୍କର ଚିପ୍ ଡିଜାଇନ୍ ନିର୍ମାଣ ଏବଂ ପରୀକ୍ଷଣ କରିସାରିଛନ୍ତି । ସିଟୁଏସ୍ ଡିଜାଇନ୍ କରିବାରେ ସାହାଯ୍ୟ କରିବା ପାଇଁ ୭୨ ରୁ ଅଧିକ କମ୍ପାନୀକୁ ଉନ୍ନତ ସଫଟୱେର୍ ଉପକରଣର ପ୍ରବେଶ ଦିଆଯାଇଛି ।

ଉଦାହରଣ ସ୍ୱରୂପ ସିସିଟିଭି ଚିପ୍ ଡିଜାଇନ୍ କରୁଥିବା ମାଇଣ୍ଡଗ୍ରୁଭ୍ ଟେକ୍ନୋଲୋଜି ୮୫ କୋଟି ଟଙ୍କାର ନିବେଶ ହାସଲ କରିଛି । ଉପଗ୍ରହ ଯୋଗାଯୋଗ ଚିପ୍ ଡିଜାଇନ କରୁଥିବା ଫର୍ମିଓନିକ୍ ଡିଜାଇନ୍ ୫୦ କୋଟି ଟଙ୍କାର ନିବେଶ ହାସଲ କରିଛି । ମୋର୍ଫିଂ ମେସିନ, ଇନକୋର୍ ସେମିକଣ୍ଡକଟର ଏବଂ ବିଗ୍ ଏଣ୍ଡିଆନ୍ ସେମିକଣ୍ଡକଟର ଉତ୍ପାଦନ ସ୍ତରରେ ପହଞ୍ଚିବା ଲାଗି ଦ୍ରୁତ ଗତିରେ ବିକଶିତ ହେଉଛନ୍ତି ।

ଏକ "ଉତ୍ପାଦ ରାଷ୍ଟ୍ର' ହେବାର ମନୋଭାବ ନେଇ ସରକାର ନୂଆ କମ୍ପାନୀଗୁଡ଼ିକୁ ଚିପ୍ ଡିଜାଇନରେ ଦୃଢ଼ ପଦକ୍ଷେପ ନେବାକୁ ଉତ୍ସାହିତ କରୁଛନ୍ତି । ଏଭଳି କମ୍ପାନୀଗୁଡ଼ିକର ସିଟୁଏସ୍ ଉତ୍ପାଦନକୁ ବୃଦ୍ଧି କରିବା ଏବଂ ବଜାରକୁ ଆଣିବା ପାଇଁ ଘରୋଇ ନିବେଶକମାନେ ସେମାନଙ୍କୁ ସମର୍ଥନ କରୁଛନ୍ତି ।


## ଭୁଲ ମୃତଦେହ ହସ୍ତାନ୍ତର ଘଟଣାକୁ ଭାରତର ଖଣ୍ଡନ

ନୂଆଦିଲ୍ଲୀ: ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଦୁଇ ବ୍ରିଟିଶ ନାଗରିକଙ୍କ ପରିବାରକୁ ଭୁଲ ମୃତଦେହ ହସ୍ତାନ୍ତର କରାଯାଇଥିବା ନେଇ ବ୍ରିଟିଶ ଗଣମାଧ୍ୟମ ଦାବି କରିଥିଲା ।ବ୍ରିଟିଶ ଗଣମାଧ୍ୟମର ଏହି ଦାବିକୁ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପ୍ରତ୍ୟାଖ୍ୟାନ କରି କହିଛି, "ଯେ ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ମୃତଦେହଗୁଡ଼ିକର ଡିଏନଏ ଯାଞ୍ଚ ପରେ ସେଗୁଡ଼ିକୁ କଡ଼ା ନିୟମରେ ରଖାଯାଇଥିଲା । ଉକ୍ତ ମୃତଦେହଗୁଡ଼ିକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସମୟରେ ମର୍ଯ୍ୟାଦାର ଯନି ନିଆଯିବା ସହିତ ଯେପରି କୌଣସି ତ୍ରୁଟି ନରୁହେ ସେଥିପ୍ରତି ମଧ୍ୟ ଯଥେଷ୍ଟ ଧ୍ୟାନ ଦିଆଯାଇଥିଲା । ଜୁନ୍ ୧୨ ତାରିଖରେ ଅହମଦାବାଦ ବିମାନବନ୍ଦରରୁ ଉଡ଼ାଣ ଭରିବାର କିଛି ସେକେଣ୍ଡ ମଧ୍ୟରେ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ବିମାନରେ ଥିବା ୨୪୨ ଜଣଙ୍କ ମଧ୍ୟରୁ ୨୪୧ ଜଣ ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇ ଯାଇଥିଲା । ଦୁର୍ଘଟଣାରେ ୫୩ ଜଣ ବ୍ରିଟିଶ ନାଗରିକଙ୍କ ମୃତ୍ୟୁ ହୋଇଥିବା ଯାଞ୍ଚ ରିପୋର୍ଟରୁ ଜଣାପଡ଼ିଥିଲା । ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି," ଦୁର୍ଘଟଣା ପରେ ସମ୍ପୃକ୍ତ କର୍ତ୍ତୃପକ୍ଷମାନେ ପ୍ରତିଷ୍ଠିତ ପ୍ରୋଟୋକଲ ଅନୁଯାୟୀ ମୃତକମାନଙ୍କୁ ଚିହ୍ନଟ କରିଥିଲେ ।

# ସଡକ ଦୁର୍ଘଟଣାରେ ପ୍ରତି ଘଣ୍ଟାରେ ୬ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ: ଚଳିତ ବର୍ଷର ପ୍ରଥମ ଛଅ ମାସ ମଧ୍ୟରେ ସାରା ଦେଶରେ ଜାତୀୟ ରାଜପଥରେ ୨୬,୭୭୦ ଜଣଙ୍କର ମୃତ୍ୟୁ ହୋଇଛି । ଗତ ବର୍ଷ ଆଲୋଚ୍ୟ ସମୟରେ ଜପଥରେ ୫୨,୬୦୯ ଗୁରୁତର ଦୁର୍ଘଟଣା ରେକର୍ଡ କରାଯାଇଥିଲା । ଦୁର୍ଘଟଣା ରୋକିବା ପାଇଁ, ସରକାର ଏଟିଏମ୍, ସଡ଼କ ସୁରକ୍ଷା ଅଡିଟ୍ ଏବଂ କଠୋର ଟ୍ରାଫିକ୍ ନିୟମ ଲାଗୁ କରିଛନ୍ତି । ଏହା ସହିତ, ଜନସଚେତନତା ଅଭିଯାନ ମଧ୍ୟ ଚାଲିଛି ବୋଲି କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କିଛି ବ୍ୟସ୍ତବହୁଳ ଏବଂ ଗୁରୁତ୍ୱପୂର୍ଣ୍ଣ ରାଜପଥ ଏବଂ ଏକ୍ସପ୍ରେସୱେରେ ଆଡଭାନ୍ସଡ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ସ୍ଥାପନ କରିଛ । ଏଥିରେ ଦିଲ୍ଲୀ-ମେରଠ ଏକ୍ସପ୍ରେସୱେ, ଟ୍ରାନ୍ସ-ହରିଆଣା, ପୂର୍ବ ପେରିଫେରାଲ୍ ଏକ୍ସପ୍ରେସୱେ ଏବଂ ଦିଲ୍ଲୀ-ମୁମ୍ବାଇ



ଏକ୍ସପ୍ରେସୱେ ଭଳି ରୁଟ୍ ଅନ୍ତର୍ଭୁକ୍ତ । ଏହି ସିଷ୍ଟମରେ ଇଲେକ୍ଟ୍ରୋନିକ୍ ମନିଟରିଂ ଉପକରଣ ସଜ୍ଜିତ, ଯାହା ଦୁର୍ଘଟଣା କିମ୍ବା ଜରୁରୀକାଳୀନ ପରିସ୍ଥିତି ବିଷୟରେ ତୁରନ୍ତ ସୂଚନା ପ୍ରଦାନ କରେ । ଏହା ସାହାଯ୍ୟରେ ଘଟଣାସ୍ଥଳକୁ ତୁରନ୍ତ ସାହାଯ୍ୟ ପଠାଯାଇପାରିବ, ଯାହା ଜୀବନ ରକ୍ଷା କରିବାରେ ସାହାଯ୍ୟ କରେ । ଗଡକରୀ କହିଛନ୍ତି ଯେ ଗତ ତିନି ବର୍ଷ ମଧ୍ୟରେ ୧,୧୨,୫୬୧ କିଲୋମିଟର ଜାତୀୟ ରାଜପଥର ସଡ଼କ ସୁରକ୍ଷା ଅଡିଟ୍ କରାଯାଇଛି । ଭାରତରେ ସଡ଼କ ଦୁର୍ଘଟଣା ଏକ ଗୁରୁତର ସମସ୍ୟା ପାଲଟିଛି । ୨୦୨୨ରେ ଦେଶରେ ୪.୫ ଲକ୍ଷରୁ ଅଧିକ ସଡ଼କ ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ୧.୫ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ଦୁର୍ଘଟଣାର କାରଣ ସାଧାରଣତଃ - ଦ୍ରୁତ ଗତି, ବିନା ହେଲମେଟରେ ବାଇକ୍ ଚଳାଇବା ପ୍ରମୁଖ ବୋଲି କୁହାଯାଇଛି । ସରକାର ଏବେ ନିରନ୍ତର ସଡ଼କ ସୁରକ୍ଷା ଉପରେ କାର୍ଯ୍ୟ କରୁଛନ୍ତି ଯାହା ଦ୍ୱାରା ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବ ଏବଂ ଲୋକଙ୍କ ଜୀବନ ରକ୍ଷା ହୋଇପାରିବ ।

# ଭାରତ ୩୫୮ , ଇଂଲଣ୍ଡ ୨୨୫/୨

## ମାଞ୍ଚେଷ୍ଟର ଟେଷ୍ଟ

ମାଞ୍ଚେଷ୍ଟର, ୨୪ା୭ (ଏଜେନ୍ସି) : ମାଞ୍ଚେଷ୍ଟର ଟେଷ୍ଟର ପ୍ରଥମ ଇନିଂସରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଘାତକ ବୋଲିଂ କରି ୫ ୱିକେଟ୍ ଦଖଲ କରିଛନ୍ତି । ତେଣୁ ଭାରତ ପ୍ରଥମ ଇନିଂସ ୩୫୮ ରନରେ ଶେଷ ହୋଇଛି । ପ୍ରଥମ ଦିନ ଆହତ ହୋଇ ଅଧାରୁ ପଡିଆ ଛାଡିଥିବା ରିଷଭ ପନ୍ତ ଦ୍ୱିତୀୟ ଦିନ ବ୍ୟାଟିଂ କରିବାକୁ ଆସିଥିଲେ । ତାଙ୍କ ବ୍ୟାଟରୁ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା । ସେ ୫୪ ରନ କରି ନବମ ବ୍ୟାଟର ଭବେ ଆଉଟ ହେବା ପରେ ଭାରର ସ୍କୋରରେ ଆଉ ୯ ରନ ଯୋଡି ହୋଇଥିଲା । ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଇଂଲଣ୍ଡ ୪୬ ଓଭରରେ ୨ ୱିକେଟ୍ ହରାଇ ୨୨୫ ରନ୍ କରିଛି । ପୋପ୍ ୨୦ ଓ ରୁଟ୍ ୧୧ ରନ କରି ଅପରାଜିତ ଅଛନ୍ତି । ଜ୍ୟାକ କ୍ରାଓଲି ୮୪ ଓ ବେନ୍ ଡକେଟ୍ ୯୪ ରନ୍ କରି ଆଉଟ୍ ହୋଇଥିଲେ । ଭାରତ ପକ୍ଷରୁ ଡେବ୍ୟୁଟାଣ୍ଟ ଅଂଶୁଲ କାମ୍ବୋଜଙ୍କୁ ରବିନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି ।

ପ୍ରଥମ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଦିନ ମଧ୍ୟାହ୍ନ ଭୋଜନ ବିରତି ସୁଦ୍ଧା କୌଣସି ୱିକେଟ୍ ହରାଇନଥିଲା । ଲୋକେଶ ରାହୁଲ ଓ ଯଶସ୍ୱୀ ଜୟଶ୍ୱାଲ ଦମ୍‌ଦାର ବ୍ୟାଟିଂ କରିଥିଲେ । ଲାଗୁଥିବା ମାଞ୍ଚେଷ୍ଟରରେ ବଡ ସ୍କୋର ହେବ । କିନ୍ତୁ ଦ୍ୱିତୀୟ ଅଧିବେଶନରେ ରାହୁଲ ୪୬ ରନ କରି ପ୍ରଥମ ବ୍ୟାଟର ଭାବେ ପାଭିଲିୟନ ଫେରିଥିଲେ । ଯଶସ୍ୱୀ ଜୟଶ୍ୱାଲ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ସେ ୫୬ ରନ୍‌ରେ ଡାଓସନଙ୍କ ଶିକାର ହୋଇଥିଲେ । ୮ ବର୍ଷ ପରେ ଟେଷ୍ଟ ଖେଳୁଥିବା ଡାଓସନଙ୍କ ଖାତାକୁ ଜୟଶ୍ୱାଲଙ୍କ ୱିକେଟ୍ ଯାଇଛି । ପରେ ପରେ ସାଇ ସୁଦର୍ଶନ ଓ ଶୁଭମନ ଗିଲ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ ହେଁ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ବିପର୍ଯ୍ୟୟ ଘଟାଇଥିଲେ । ସେ ୧୨ ରନ କରିଥିବା ଗିଲଙ୍କୁ ଆଉଟ କରି ଭାରତକୁ ବଡ ଝଟକା ଦେଇଥିଲେ । ଏହା ପରେ ସାଇ ଓ ପନ୍ତ ଭାରତୀୟ ଇନିଂସକୁ ଆଗେଇ ନେଇଥିଲେ । ସାଇ ନିଜ ଟେଷ୍ଟ କ୍ୟାରିୟର ତୃତୀୟ ଇନିଂସରେ ଅର୍ଦ୍ଧଶତକ ହାସଲ କରିଥିଲେ । ଦଳୀୟ ସ୍କୋର ୨୧୨ ରନ୍ ବେଳେ ଆହତ କାରଣରୁ ରିଷଭ ପନ୍ତ ପଡିଆ ଛାଡିଥିଲେ । ସେହିଭଳି ଦଳୀୟ ସ୍କୋର ୨୩୫ ବେଳେ ୬୧ ରନ କରି ସାଇ ସୁଦର୍ଶନ ବେନ୍ ଷ୍ଟୋକ୍ସଙ୍କ ଶିକାର ହୋଇଥିଲେ । ଶେଷରେ ରବିନ୍ଦ୍ର ଜାଡେଜା ଓ ସାର୍ଦ୍ଦୁଲ ଠାକୁର ଭାରତକୁ ସମ୍ଭାଳିବା ସହ ସ୍କୋରକୁ ଆଗକୁ ନେଇଥିଲେ । ଦୁହେ ଆଉ ୱିକେଟ୍ ଝଡିବାକୁ ଦେଇନଥିଲେ । ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୪ ୱିକେଟ୍ ହରାଇ ୨୬୪ ରନ କରିଥିଲା । ଜାଡେଜା ଓ ଠାକୁର ୧୯ ରନ୍ ଲେଖାଏଁ କରି ପଡିଆରେ ସୁରକ୍ଷିତ ଥିଲେ । ଦ୍ୱିତୀୟ ଦିନ ସକାଳୁ ଇଂଲଣ୍ଡ ବୋଲି ଏକ ଘଣ୍ଟା ଦମଦାର ବୋଲିଂ କରିଥିଲେ । ଜାଡେଜା ନିଜ ଖାତାରେ ମାତ୍ର ଏକ ରନ୍ ଯୋଡି ପ୍ରଥମ ବ୍ୟାଟର ଭାବେ ଜୋଫ୍ରା ଆର୍ଚରଙ୍କ ବଲରେ ଆଉଟ ହୋଇଥିଲେ ।

ୱାଶିଂଟନ ସୁନ୍ଦର ଓ ସାର୍ଦ୍ଦୁଲ ଠାକୁର ଇଂଲଣ୍ଡ ବୋଲରଙ୍କ ମୁକାବିଲା କରି ଦଳୀୟ ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ । ଦଳୀୟ ସ୍କୋର ୩୧୨ ରନ ବେଳେ ସାର୍ଦ୍ଦୁଲ ଠାକୁରଙ୍କ ୱିକେଟ୍ ଝଡିଥିଲା । ସେ ୪୧ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ଷ୍ଟୋକ୍ସଙ୍କ ଶିକାର ହୋଇଥିଲେ । ସାର୍ଦ୍ଦୁଲଙ୍କ ପରେ ପଡିଆକୁ ଆସିଥିଲେ ରିଷଭ ପନ୍ତ । ରିଟାୟାର୍ଡ ହଟ୍ ହେବା ପୂର୍ବରୁ ପନ୍ତ ୩୭ ରନ୍ କରିଥିଲେ । ଏହିଠୁ ସେ ତାଙ୍କ ଖେଳ ଆରମ୍ଭ କରିଥିଲେ । ୱାଶିଂଟନ ସୁନ୍ଦର ତାଙ୍କୁ ଭରପୁର ସୁଯୋଗ ଦେଇଥିଲେ । କିନ୍ତୁ ଲଞ୍ଚ ବ୍ରେକ୍‌ର କିଛି ସମୟ ପୂର୍ବରୁ ହଠାତ ବର୍ଷା ହୋଇଥିଲା । ତେଣୁ ମଧ୍ୟାହ୍ନ ବିରତି ଆଗୁଆ କରାଯାଇଥିଲା ।

ବିରତି ପରେ ଷ୍ଟୋକ୍ସ ପ୍ରଥମେ ୨୭ ରନ କରିଥିବା ୱାଶିଟନ ସୁନ୍ଦର ଓ ସେହି ଓଭରରେ ଡେବ୍ୟୁ ଟାଣ୍ଟ ଓ ଅଂଶୁଲ କାମ୍ବୋଜଙ୍କୁ ଆଉଟ୍ କରିଥିଲେ । ଏହା ଷ୍ଟୋକ୍ସଙ୍କ ପଞ୍ଚମ ୱିକେଟ୍ ସଫଳତା ଥିଲା । ଭାରତ ୩୩୭ ରନରେ ୮ ୱିକେଟ୍ ହରାଇଥିଲା । ପନ୍ତ ଗୋଟିଏ ଚୌକା ଓ ଗୋଟିଏ ଛକା ମାରି ଅର୍ଦ୍ଧଶତକ ପୂରଣ କରିଥିଲେ । ଏକା କି ବଡ ସଟ୍ ଖେଳିବାକୁ ଚେଷ୍ଟା କରିଥିଲେ । କିନ୍ତୁ ବ୍ୟକ୍ତିଗତ ୫୪ ରନ କରି ଆର୍ଚରଙ୍କ ବଲରେ କ୍ଲିନ୍ ବୋଲ୍ଡ ହୋଇଥିଲେ । ପନ୍ତଙ୍କ ପରେ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ କିଛି ସମୟ ବ୍ୟାଟିଂ କରିଥିଲେ । ଆଉଟ୍ ହେବା ପୂର୍ବରୁ ବୁମରା ଗୋଟିଏ ଚୌକା ମାରିଥିଲେ । ପରବର୍ତ୍ତୀ ଓଭରରେ ଆର୍ଚର ୪ ରନ୍ କରିଥିବା ବୁମରାଙ୍କୁ ୱିକେଟ୍ କିପର ଜେମି ସ୍ମିଥଙ୍କ ହାତରେ କ୍ୟାଚ କରାଇ ଭାରତର ପ୍ରଥମ ପାଳିକୁ ୩୫୮ ରନରେ ଅଟକାଇ ଦେଇଥିଲେ । ଇଂଲଣ୍ଡ ପକ୍ଷରୁ ବେନ୍ ଷ୍ଟୋକ୍ସ ସର୍ବାଧିକ ୫ ଟି ୱିକେଟ୍ ନେଇଥିବା ବେଳେ ଆର୍ଚର ୩ ଟି ଓ କ୍ରିଷ ୱକ୍ସ ତଥା ଡାଓସନ୍ ଗୋଟିଏ ଲେଖାଏଁ ୱିକେଟ୍ ସଫଳତା ହାସଲ କରିଥିଲେ । ଟା ପାନ ବିରତି ସୁଦ୍ଧା ଇଂଲଣ୍ଡ ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ୧୪ ଓଭରରେ ବିନା କୌଣିସି ୱିକେଟ୍ ହରାଇ ୭୭ ରନ୍ କରିଛି । ଜ୍ୟାକ୍ କ୍ରାଓଲି ୩୩ ଓ ବେନ୍ ଡକେଟ୍ ୪୩ ରନ୍ କରି ଅପରାଜିତ ଅଛନ୍ତି ।



# ଆହତ ସତ୍ତ୍ୱେ ଖେଳିଲେ ପନ୍ତ

ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ଶୃଙ୍ଖଳାର ଚତୁର୍ଥ ମ୍ୟାଚ ମାଞ୍ଚେଷ୍ଟରରେ ଜାରି ରହିଛି । ମ୍ୟାଚର ଦ୍ୱିତୀୟ ଦିନ ଆହତ ରିଷଭ ପନ୍ତ ଖେଳିବେ କି ନାହିଁ ତାହା ଦ୍ୱନ୍ଦ୍ୱରେ ରହିଥିଲା । ପ୍ରଥମ ଦିନ ସେ ୩୭ ରନ କରିଥିବା ବେଳେ ଆହତ ହୋଇ ରିଟାୟାର୍ଡ ହର୍ଟ ହୋଇଥିଲେ । କିନ୍ତୁ ଆଘାତ ସତ୍ତ୍ୱେ ପନ୍ତ ଦ୍ୱିତୀୟ ଦିନ ବ୍ୟାଟିଂ କରିବାକୁ ଆସିଥିଲେ । ଯାହାକୁ ନେଇ କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ ଓ ରିଷଭ ପନ୍ତ ଅର୍ଦ୍ଧଶତକ ହାସଲ କରିଛନ୍ତି । ଇଂଲଣ୍ଡର ବେନ୍ ଷ୍ଟୋକ୍ସଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା । ପନ୍ତଙ୍କ ଡାହାଣ ପାଦର ଆଙ୍ଗୁଠିରେ ଆଘାତ ଲାଗି ଫ୍ରାକ୍ଚର ହୋଇଥିଲା । ଅତି କମରେ ୬ ସପ୍ତାହ ପାଇଁ କ୍ରିକେଟରୁ ଦୁରେଇ ରହିବେ ବୋଲି ଆଶା କରାଯାଉଛି । ପନ୍ତ ୩୭ ରନ କରିଥିବା ବେଳେ କ୍ରିଷ ୱକ୍ସଙ୍କ ବଲକୁ ରିଭର୍ସ ସୁଇପ୍ ମାରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ବଲ ତାଙ୍କ ଡାହାଣ ପାଦ ଆଙ୍ଗୁଠି ପାଖରେ ବାଜିଥିଲା । ସେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କ ପାଦରୁ ରକ୍ତ ବାହାରିଥିଲା । ଏହି ପରିସ୍ଥିତିରେ ପନ୍ତ ଚାଲିବାକୁ ଅସମର୍ଥ ହେବାରୁ ତାଙ୍କୁ ପଡିଆ ବାହାରକୁ ନିଆଯାଇଥିଲା । ଖେଳ ଶେଷ ପରେ ତାଙ୍କ ପାଦର ସ୍କାନିଂ କରାଯାଇଛି । ଏହି ଆଘାତରୁ ସୁସ୍ଥ ହେବା ପାଇଁ ତାଙ୍କୁ ପ୍ରାୟ ଦୁଇମାସ ସମୟ ଲାଗିବ । ଏହା ସତ୍ତ୍ୱେ ସେ ମଇଦାନକୁ ଫେରିବା ସହ ୫୪ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି । ଜୋଫ୍ରା ଆର୍ଚରଙ୍କ ଏକ ଇନସୁଇଙ୍ଗ୍ ବଲକୁ ରକ୍ଷଣାତ୍ମକ ଖେଳି କିଙ୍ଗ ବୋଲ୍ଡ ହୋଇଥିଲେ । ୭୫ ବଲର ସମ୍ମୁଖୀନ ହୋଇ ୩ ଟି ଚୌକା ଓ ଦୁଇଟି ଛକା ସହାୟତାରେ ୫୪ ରନ କରିଥିଲେ । ପଡିଆରୁ ଫେରିବା ବେଳେ ଉପସ୍ଥିତ ଇଂଲଣ୍ଡ ଓ ଭାରତର ସମର୍ଥକ କରତାଳିରେ ପନ୍ତଙ୍କ ଖେଳୁଆଡ ମନୋଭାବକୁ ସ୍ୱାଗତ ଜଣାଇଥିଲେ ।

## ପନ୍ତଙ୍କ ସ୍ଥାନରେ ଜୁରେଲ

ବିସିସିଆଇ ପକ୍ଷରୁ ବଡ ଅପଡେଟ୍ ସାମ୍ନାକୁ ଆସିଛି । ପନ୍ତଙ୍କ ପାଦ ଆଙ୍ଗୁଠି ଭାଙ୍ଗିଯାଇଛି । ତାଙ୍କୁ ୬ ସପ୍ତାହ ପାଇଁ ବିଶ୍ରାମ ନେବା ପାଇଁ ପରାମର୍ଶ ଦିଆଯାଇଛି । ତେଣୁ ତାଙ୍କ ସ୍ଥାନରେ ଧ୍ରୁବ ଜୁରେଲ ୱିକେଟ୍ ରକ୍ଷକ ଦାୟିତ୍ୱ ତୁଲାଇଛନ୍ତି । ଆଗାମୀ ପଞ୍ଚମ ଟେଷ୍ଟ ମ୍ୟାଚ ପାଇଁ ଇଶାନ କିଶାନଙ୍କୁ ଦଳରେ ସାମିଲ କରାଯାଇଛି । ଦୁଇ ବର୍ଷ ପରେ ଇଶାନ ଦଳକୁ ଫେରିବାକୁ ଯାଉଛନ୍ତି । ପଡିଆରେ ଆହତ ହେବା ପରେ ପନ୍ତଙ୍କ ସିଟି ସ୍କାନ କରାଯାଇଥିଲା । ଏଥିରୁ ସ୍ପଷ୍ଟ ହୋଇଛି ତାଙ୍କ ପାଦ ଆଙ୍ଗୁଠି ଭାଙ୍ଗିଛି । ସେ ୬ ସପ୍ତାହ ବିଶ୍ରାମ ନେବେ । ଏହି ଶୃଙ୍ଖଳାରେ ପନ୍ତ ଦୁଇଟି ଶତକ ଓ ତିନୋଟି ଅର୍ଦ୍ଧଶତକ ମାରିଛନ୍ତି । ସେ ଦଳରୁ ବାଦ ପଡିବା ଭାରତ ପାଇଁ ଏକ ବଡ ଝଟକା ହୋଇଛି । ଗତ ଦୁଇ ବର୍ଷ ଧରି ଟିମ୍ ଇଣ୍ଡିଆରୁ ବାହାରେ ଥିବା ଇଶାନ କିଶାନ ପଞ୍ଚମ ଟେଷ୍ଟ ପାଇଁ ପନ୍ତଙ୍କ ସ୍ଥାନ ନେଇପାରନ୍ତି । ଜୁଲାଇ ୨୦୨୩ରେ ଇଣ୍ଡିଜ ବିପକ୍ଷରେ ଇଶାନ ଶେଷ ଟେଷ୍ଟ ମ୍ୟାଚ ଖେଳିଥିଲେ । ସେ ଟିମ୍ ଇଣ୍ଡିଆ ପାଇଁ କେବଳ ଦୁଇଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି । ଯେଉଁଥିରେ ସେ ୩ ଟି ଇନିଂସରେ ଗୋଟିଏ ଅର୍ଦ୍ଧଶତକ ସହାୟତରେ ୭୮ ରନ କରିଛନ୍ତି । ଏହି ସିଜନରେ ଇଶାନ ନର୍ଦିଂହାମ୍ପସାୟାର ପାଇଁ କାଉଣ୍ଟି କ୍ରିକେଟ୍ ଖେଳିଥିଲେ । ସେ ଦୁଇଟି ମ୍ୟାଚରେ ଦୁଇଟି ଅର୍ଦ୍ଧଶତକ କରିଥିଲେ । ଏହି କାରଣରୁ ସେ ଟିମ୍ ଇଣ୍ଡିଆକୁ ଫେରିବାକୁ ଯାଉଛନ୍ତି ।



## ଚୂଡାନ୍ତ ଏକାଦଶରେ ୫ ଜଣ ବାମହାତୀ ବ୍ୟାଟର

ଭାରତର ୯୩ ବର୍ଷ କ୍ରିକେଟ୍ ଇତିହାସରେ ପ୍ରଥମ ଥର ପାଇଁ ଚୂଡାନ୍ତ ଏକାଦଶରେ ୫ ଜଣ ବାମହାତୀ ବ୍ୟାଟର ଖେଳୁଛନ୍ତି । ୫୯୨ ଟେଷ୍ଟ ମ୍ୟାଚ ପରେ ଭାରତୀୟ କ୍ରିକେଟ୍ ପ୍ରେମୀ ଏଭଳି ଏକ ସଂଯୋଗ ଦେଖିବାକୁ ପାଇଛନ୍ତି । ଯଶସ୍ୱୀ ଜୟଶ୍ୱାଲ, ସାଇ ସୁଦର୍ଶନ, ରିଷଭ ପନ୍ତ, ରବିନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଏମାନେ ସମସ୍ତେ ବାମହାତୀ ବ୍ୟାଟର । ପୂର୍ବରୁ ୪ ଜଣ ବ୍ୟାଟର ବହୁଥର ଚୂଡାନ୍ତ ଏକାଦଶରେ ଖେଳିଛନ୍ତି । ଚତୁର୍ଥ ଟେଷ୍ଟରେ ଦୀପ ଦାଶଗୁପ୍ତା ଯୁବ ବୋଲର ଅଂଶୁଳ କାମ୍ବୋଜଙ୍କୁ ଡେବ୍ୟୁ କ୍ୟାପ୍ ପ୍ରଦାନ କରିଥିଲେ । କାମ୍ବୋଜ ରଣଜୀ ଟ୍ରଫିର ଗୋଟିଏ ଇନିଂସରେ ୧୦ ୱିକେଟ୍ ନେଇ ଚର୍ଚ୍ଚାକୁ ଆସିଥିଲେ ।

୫ ୱିକେଟ୍ ନେଇଥିବା ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ




# ଡେବ୍ୟୁ ଓଭରରେ ୧୨ ରନ

ଇଂଲଣ୍ଡ ବିପକ୍ଷ ମାଞ୍ଚେଷ୍ଟର ଚତୁର୍ଥ ଟେଷ୍ଟରେ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି ଯୁବ ଦ୍ରୁତ ବୋଲର ଅଂଶୁଲ କାମ୍ବୋଜ । ଓଲ୍ଡ ଟ୍ରାଫୋଡରେ କାମ୍ବୋଜଙ୍କ ପ୍ରଥମ ଓଭର ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛି । ସେ ୧୨ ରନ୍ ବ୍ୟୟ କରିଛନ୍ତି । ଇଂଲଣ୍ଡ ଇନିଂସରେ ଦ୍ୱିତୀୟ ଓଭର ନେଇ ବୋଲିଂ କରିବାକୁ ଆସିଥିବା କାମ୍ବୋଜ ପ୍ରଥମ ବଲଟି ଡଟ୍ ପକାଇଥିଲେ । ଦ୍ୱିତୀୟ ବଲରେ ଡକେଟ୍ ତାଙ୍କୁ ଏକ ସୁନ୍ଦର ଚୌକା ମାରିଥିଲେ । ପରବର୍ତ୍ତୀ ତୃତୀୟ ଓ ଚତୁର୍ଥ ଦୁଇଟି ବଲ ମିସ୍ ହୋଇଥିଲା । ପଞ୍ଚମ ଓ ଷଷ୍ଠ ବଲକୁ ଡକେଟ୍ ଚୌକାରେ ପରିବର୍ତ୍ତିତ କରିଥିଲେ । ତେଣୁ କାମ୍ବୋଜ ତାଙ୍କ ପ୍ରଥମ ଓଭରରେ ୧୨ ରନ ବ୍ୟୟ କରିଛନ୍ତି ।

## ଚାଇନା ଓପନ
### କ୍ୱାର୍ଟରରେ ସାତ୍ତ୍ୱିକ - ଚିରାଗ

ନୂଆଦିଲ୍ଲୀ, ୨୪ା୭ (ଏଜେନ୍ସି) : ଚାଇନା ଓପନ ସୁପର ୧୦୦୦ ବ୍ୟାଟମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ଭାରତୀୟ ଯୋଡି ସାତ୍ତ୍ୱିକ ସାଇରାଜ ରଣକୀରେଡ୍ଡି ଓ ଚିରାଗ ସେଟ୍ଟି ପ୍ରବେଶ କରିଛନ୍ତି । ଗୁରୁବାର ଭାରତୀୟ ଯୋଡି ୨୧-୧୯, ୨୧- ୧୯ ଗେମରେ ଇଣ୍ଡୋନେସିଆର ଲିଓରୁଲି କର୍ଣ୍ଣାଡୋ ଏବଂ ବାଗାସ୍ ମୌଲାନାଙ୍କୁ ଧରାଶାୟୀ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ଅନେକ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ଭାରତକୁ ନିରାଶ କରିଛନ୍ତି ଏଚ୍ ଏସ୍ ପ୍ରଣୟ । ଦ୍ୱିତୀୟ ରଣ ମ୍ୟାଚରେ ପ୍ରଣୟ ୨୧-୧୮, ୧୫-୨୧, ୮-୨୧ ଗେମରେ ଷଷ୍ଠ ସିଡ୍ ଚୌ ତୀଏନ୍ ଚେନ୍ ନିକଟରୁ ୬୫ ମିନିଟ୍ ଲଢେଇ ମଧ୍ୟରେ ପରାଜିତ ହୋଇଥିଲେ । ଏଥି ସହ ପ୍ରଣୟଙ୍କ ଚାଇନା ଓପନ ଅଭିଯାନ ଶେଷ ହୋଇଛି ।

# ନିରପେକ୍ଷ ଭେନ୍ୟୁରେ ଏସିଆ କପ୍

ନୂଆଦିଲ୍ଲୀ, ୨୪ା୭ (ଏଜେନ୍ସି) : ଏସିଆ କପ୍ ୨୦୨୫ କୁ ନେଇ ଅନିଶ୍ଚିତତା ହଟିଛି । ଏହି ପ୍ରତିଯୋଗିତାର ଖେଳ ସୂଚୀ ମଧ୍ୟ ଅପରିବର୍ତ୍ତିତ ରହିବ । ସମାନ ଗ୍ରୁପରେ ଦୁଇ ଚିର ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ରହିବେ । ଅର୍ଥାତ୍ ଏସିଆ କପରେ ଭାରତ ଓ ପାକିସ୍ତାନ ଲଢେଇ ଦେଖିବାକୁ ମିଳିବ । ବିସିସିଆଇ ମଧ୍ୟ ନିରପେକ୍ଷ ଭେନ୍ୟୁରେ ଏସିଆ କପ୍ ଆୟୋଜନ କରିବାକୁ ରାଜି ହୋଇଛି । ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀଙ୍କ ପହଲଗାମ ନରସଂହାର ପରେ ଏସିଆ କପ୍‌ର ଭବିଷ୍ୟତ ଉପରେ କଳାବାଦଲ ଛାଇ ଯାଇଥିଲା । ଏହାର ଆୟୋଚନକୁ ନେଇ ରହିଥିବା ଦ୍ୱନ୍ଦ୍ୱରେ ପୂର୍ଣ୍ଣଛେଦ ପଡିଛି । ଗୁରୁବାର ଏସିଆନ୍ କ୍ରିକେଟ୍ କାଉନ୍‌ସିଲ ବୈଠକ ଢାକାରେ ଅନୁଷ୍ଠିତ ହୋଇଥିଲା । ବିସିସିଆଇ ଅଧିକାରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇଥିଲେ ।




ନିରପେକ୍ଷ ଭେନ୍ୟୁରେ ଭାରତ ଏସିଆ କପ୍ ଆୟୋଜନ କରିବାକୁ ଇଚ୍ଛା ପ୍ରକାଶ କରିଛି । ଦୁବାଇ ଓ ଆବୁଧାବୁରେ ଏସିଆ କପ୍ ଆୟୋଜନ କରିବ ଭାରତ । ଯଦିଓ ଏମିରେଟ୍ କ୍ରିକେଟ୍ ବୋର୍ଡ ସହ ୩ ଟି ସ୍ଥାନର ବ୍ୟବହାର ପାଇଁ ଚୁକ୍ତି ହୋଇଛି । କିନ୍ତୁ ଏସିଆ କପ୍‌ର ଦୁଇଟି ଭେନ୍ୟୁର ବ୍ୟବହାର ହେବ ବୋଲି ଜଣାପଡିଛି । ବିସିସିଆଇ ୮ ଦଳ ବିଶିଷ୍ଟ ଏସିଆ କପ୍ ଆୟୋଜନ ଅଧିକାର ପାଇଛି । ଉପସଭାପତି ରାଜୀବ ଶୁକ୍ଳା, ପିସିବି ସଭାପତି ମୋହସିନ ନକଭି ଆଗାମୀ ଦିନରେ ବୈଠକ କରିବେ । ଏହି ସମୟରେ ଏସିଆ କପ୍‌ର ଭେନ୍ୟୁ ଓ ମ୍ୟାଚ ସୂଚି ପ୍ରସ୍ତୁତ ହେବ । ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୭ ରୁ ଆରମ୍ଭ ହେବାର ଅଛି । ୨୦୨୬ ଫେବୃଆରେ ଟି -୨୦ ବିଶ୍ୱ କପ୍ ଖେଳାଯିବ । ଏସିଆ କପ୍ ଏଥିପାଇଁ ପ୍ରସ୍ତୁତି ହେବାରେ ସହାୟକ ହେବ ।

# ଅନୁଗୁଳରେ ହେବ ଫୁଟବଲ ଏକାଡେମୀ

ଅନୁଗୁଳ, ୨୪ା୭ (ସବ୍ୟୁ) : ଅନୁଗୁଳ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲା କ୍ରୀଡା ସଂସଦର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅଦାଲ ଏମ୍ ଅଖେତାରଙ୍କ ପୌରାହିତ୍ୟରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, କ୍ରୀଡା ସଂସଦ ସମ୍ପାଦକ ଗୌରଗୋବିନ୍ଦ ସାମନ୍ତ, ନଗରପାଳ ଅକ୍ଷୟ ସାମନ୍ତ, ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ୍, ସବୁ ଉପଖଣ୍ଡ କ୍ରୀଡା ସଂସଦ ସମ୍ପାଦକ, ସଦସ୍ୟଙ୍କ ସମେତ ଆଇନଜୀବୀ ପ୍ରଦୀପ ଦେବତା ଉପସ୍ଥିତ ଥିଲେ । ବୈଠକରେ ପୂର୍ବ ବର୍ଷର ଆୟ ବ୍ୟୟ ଗୃହିତ ହୋଇଥିଲା । ଜିଲ୍ଲାରେ କ୍ରୀଡାର ବିକାଶ ପାଇଁ ୨୩ ଲକ୍ଷର ବଜେଟ୍ ଗୃହିତ ହୋଇଥିଲା । ଅନୁଗୁଳର ଏକ ଫୁଟବଲ ଏକାଡେମୀ ଗଠନ କରାଯିବ । ବାର୍ଷିକ କ୍ରୀଡା କ୍ୟାଲେଣ୍ଡର ସ୍ଥିର କରାଯାଇଛି । ଆଗାମୀ ବର୍ଷଠାରୁ ଅନୁଗୁଳରେ ସାହାଣୀ କପ୍ ଆୟୋଜନ ନେଇ ବିଭିନ୍ନ ପ୍ରସଙ୍ଗରେ ସଦସ୍ୟମାନେ ଆଲୋଚନା କରିଥିଲେ ।

# କଳିଙ୍ଗରେ ଦ୍ୱିତୀୟ ଜେଆରଡି ଟାଟା ହକି ଆରମ୍ଭ

ଭୁବନେଶ୍ୱର,୨୪ା୭ (ସବ୍ୟୁ) : ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ଠାରେ ଆଜିଠାରୁ ଆରମ୍ଭ ହୋଇଛି ଦ୍ୱିତୀୟ ଜେଆରଡି ଟାଟା ହକି ଟୁର୍ଣ୍ଣାମେଣ୍ଟ ୨୦୨୫ । ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେର (ଓଏନଟିପିଏଚସି) ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ହକି ଇଣ୍ଡିଆ ସହଯୋଗରେ ଏହି ଟୁର୍ଣ୍ଣାମେ ଆୟୋଜନ କରାଯାଇଛି । ଭାରତୀୟ ଉଦ୍ୟୋଗ ଜଗତର ଜଣେ ବିଶିଷ୍ଟ ଉଦ୍ୟୋଗୀ ତଥା ଟାଟା ଷ୍ଟିଲ୍‌ର ପୂର୍ବତନ ଅଧ୍ୟକ୍ଷ ଭାରତରନି ଜେଆରଡି ଟାଟାଙ୍କ ୧୨୧ତମ ଜୟନ୍ତୀ ଉପଲକ୍ଷେ ଏହି ଟୁର୍ଣ୍ଣାମେର ଆୟୋଜିତ ହୋଇଛି । ଏଥିରେ ଦେଶର ବିଭିନ୍ନ ହାଇ ପରଫରମାନ୍ସ ସେର ଏବଂ ଏକାଡେମୀରୁ ୧୨ଟି ପୁରୁଷ ଟିମ୍ ଏବଂ



୪ଟି ମହିଳା ଟିମ୍ ଅଂଶଗ୍ରହଣ କରିଛନ୍ତି । ଉଦଘାଟନୀ ସମାରୋହରେ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ହକି ଆସୋସିଏସନର ସାଧାରଣ ସମ୍ପାଦକ ସନାତନ ସାହୁଙ୍କ ସମେତ ବରିଷ୍ଠ ପ୍ରଶିକ୍ଷକ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପୂର୍ବତ ନଆନ୍ତର୍ଜାତିକ ଖେଳାଳିମାନେ ଉପସ୍ଥିତ ଥିଲେ ।ମହିଳା ଟିମ୍ ମଧ୍ୟରେ ଓଏନଟିଏଚ-ଏଚପିସି, ଷ୍ଟେଟ୍ ସିକ୍ରେଟାରିଏଟ୍, ସ୍ୱୋଟର୍ସ ହଷ୍ଟେଲ୍ ପାନପୋଷ୍ ଏବଂ ସିଆରପିଏଫ୍ ଜଳନ୍ଧର ରହିଛି । ପୁରୁଷ ଟିମକୁ ଦୁଇଟି ପୁଲ୍‌ରେ ବିଭକ୍ତକରାଯାଇଛି । ପୁଲ୍-ଏ ରେ ସିଆରପିଏଫ୍ ଜଳନ୍ଧର, ସ୍ୱୋଟର୍ସ ହଷ୍ଟେଲ୍ ପାନପୋଷ୍, ଓଡ଼ିଶା ଜୁନିୟର୍ ଏବଂ ଆଇଓବି ଚେନ୍ନାଇ ଟିମ୍ ରହିଥିବା ପୁଲ୍-ବିରେ ଭାରତୀୟ ନୌସେନା, ଓଏନଟିଏଚଏଚପିସି, ଇଣ୍ଡିଆନ୍ ବ୍ୟାଙ୍କ୍ ଏବଂ ଭୁବନେଶ୍ୱର ଏକ୍ସଆଇ ରହିଛନ୍ତି ।ଏହି ଟୁର୍ଣ୍ଣାମେ ରେ ଏକ ରୋମାଂଚକ ଲିଗ୍-କମ୍-ନକଆଉଟ୍ ଫର୍ମାଟ୍ ରହିଛି । ଲିଗ୍ ମ୍ୟାଚ୍‌ଗୁଡିକ ଜୁଲାଇ ୨୪ରୁ ଜୁଲାଇ ୨୬ ପର୍ଯ୍ୟନ୍ତ ଖେଳାଯିବ । ଏହାପରେ ସେମିଫାଇନାଲ୍ ଜୁଲାଇ୨୮ ରେ ଏବଂ ଜୁଲାଇ ୨୯ ତାରିଖରେ ଗ୍ରାଣ୍ଡ ଫାଇନାଲ୍ ଅନୁଷ୍ଠିତ ହେବ ।ଏହି ଉତ୍ସବପୂର୍ଣ୍ଣ କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିଛି ଏବଂ ସମସ୍ତ ହକି ପ୍ରେମୀଙ୍କୁ ରୋମାଞ୍ଚକ ମ୍ୟାଚ୍‌ଗୁଡିକୁ ଦେଖିବା ପାଇଁ ଆମନ୍ତ୍ରଣ କରାଯାଉଛି । ଗ୍ରାଣ୍ଡ ଫାଇନାଲ୍ ମ୍ୟାଚଅନଲାଇନ୍‌ରେ ଷ୍ଟ୍ରିମ୍ କରାଯିବ । ଯେଉଁଥିରେ ଲାଇଭ୍ ଅପଡେଟ୍, ଫିକ୍ସଚର୍ ଏବଂ ଓଏନଟିଏଚଏଚପିସିର ସୋସିଆଲ୍ ମିଡିଆ ହ୍ୟାଣ୍ଡଲ୍‌ରେ ମ୍ୟାଚ୍ ହାଇଲାଇଟ୍ ଉପଲବ୍ଧ ହେବ ।

# କିକ୍ ବକ୍ସିଂ ଚମ୍ପିଆନ୍ ସିପ୍‌ରେ ଢ଼େଙ୍କାନାଳକୁ ୮ ପଦକ

ଢେଙ୍କାନାଳ: ଛତିଶଗଡ଼ ରାଇପୁର ର ବଲ୍ ବିର୍ ସିଂ ଜୁନେଜା ଇଣ୍ଡୋର ଷ୍ଟାଡିୟମ୍ ରେ ଜୁଲାଇ ୧୬ ରୁ ୨୦ ଓ୍ୱାକୋ ଇଣ୍ଡିଆ ନେସ୍ ନାଲ୍ କିକ୍ ବକ୍ସିଂ ଚମ୍ପିଆନ୍ ସିପ୍ ୨୦୨୫ ସିନିଅର୍ ଓ ମାଷ୍ଟର ଅନୁଷ୍ଠିତ ହୋଇଥିଲା। ଏହି ଚମ୍ପିଆନ୍ ସିପ୍‌ରେ ଓ୍ୱାକୋ ଓଡିଶାରେ ୩୨ଟି ପଦକ ହାସଲ କରିଛନ୍ତି । ସେଥି ମଧ୍ୟରୁ ଢ଼େଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ୍‌ର ମୋଟ୍ ୮ ଟି ପଦକରୁ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୬ଟି କାଂସ୍ୟ (୪ଟି ବ୍ୟକ୍ତିଗତ ଭାବରେ ଓ ୨ଟି ଦଳଗତ ଭାବରେ) ହାସଲ କରିଛନ୍ତି । ବାଳିକା ବିଭାଗରେ ସ୍ମୃତି ଭୋଇ -୪୦କେଜି କିକ୍ ଲାଇଟ୍ ଫାଇଟ୍ ରେ ସ୍ୱର୍ଣ୍ଣ, ରୂପା ନାୟକ -୫୫କେଜି ଲାଇଟ୍ କଂଟାକଫରେ କାଂସ୍ୟ ପଦକ, ମାନସୀ ସାହୁ ଏଚ୍. ଏସ୍ ମ୍ୟୁଜିକାଲ୍ ଏଭେଂଟ୍‌ରେ କାଂସ୍ୟ ପଦକ। ସେହିପରି ବାଳକ ବିଭାଗରେ ସୋପେତି ବାଲାକ୍ରିଷ୍ଣା -୫୧କେଜି ଲାଇଟ୍ କଂଟାକଫରେ କାଂସ୍ୟ ପଦକ, ଚନ୍ଦନ ସାହୁ-୬୩କେଜି ଲାଇଟ୍ କଂଟାକଫରେ ରୌପ୍ୟ ପଦକ, ସୌଭାଗ୍ୟ ରଞ୍ଜନ ବେହେରା -୬୯କେଜିରେ କାଂସ୍ୟ ପଦକ ଏବଂ ବାଳିକା ଟିମ୍ ପଏଂଟ୍ ଫାଇଟରେ (ଅରୁନ୍ଧତୀ ସାହୁ, ମାନସୀ ସାହୁ, ରୂପା ନାୟକ, ରୋସ୍ନୀ ବେଗମ୍) ଓ ଟିମ୍ ମ୍ୟୁଜିକାଲ୍ ଇଭେଂଟ୍‌ରେ (ରୋସ୍ନୀ ବେଗମ୍, ମାନସୀ ସାହୁ) କାଂସ୍ୟ ପଦକ ହାସଲ କରିଛନ୍ତି ଏବଂ ମିହିର କୁମାର୍ ସାହୁ ଓଡ଼ିଶା ଟିମ୍ କୋଚ୍ ଭାବରେ ଦାୟିତ୍ୱ ତୁଲାଇଥିଲେ । ଏହି ଚାମ୍ପିଅନସିପ୍ ପାଇଁ ଦଳରେ ଖେଳାଳୀମାନେ କଠିନ ଅଭ୍ୟାସ କରିଛନ୍ତି। ତେଣୁ ପ୍ରତିଥର ପରି ଏଥର ମଧ୍ୟ ଖେଳାଳୀମାନେ ଭଲ ପ୍ରଦର୍ଶନ କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଏହି ସଫଳତା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ସାହୁ, ଆମେଚୋର କିକ୍ ବକ୍ସିଂ ଆସୋସିଏସନ୍ ଅଫ ଓଡ଼ିଶାର ସଭାପତି କାର୍ତ୍ତିକ ଡାକୁଆ, ସମ୍ପାଦକ ବିଚିତ୍ର ନାରାୟଣ ଜେନା ଏବଂ ସମସ୍ତ ସଦସ୍ୟ, ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ୍‌ର ସଭାପତି ଶଶିକାନ୍ତ ଗଡନାୟକ, ଉପ-ସଭାପତି ସନ୍ତୋଷ କୁମାର ପରିଡ଼ା, ସମ୍ପାଦିକା କୀର୍ତ୍ତି ରାଣୀ ସାହୁ, ଯୁଗ୍ମ ସମ୍ପାଦକ ବାପି ସାମଲ, କୋଷାଧକ୍ଷ ଅରବିନ୍ଦ ବେହେରା, ସମସ୍ତ ଖେଳାଳୀ ମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି